

ଅଜୟ ଆଣିବେ 'ଦୃଶ୍ୟମ୍-୩'
ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-337 • BHUBANESWAR • THURSDAY • 5 JUNE 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୩୭ • ଭୁବନେଶ୍ୱର • ଗୁରୁବାର • ୫ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଆଇପିଏଲ୍ ବିଜୟ ଉତ୍ସବରେ ଦଳାଚକଟା; ୧୧ ମୃତ

■ ବେଙ୍ଗାଲୁରୁ, ୪।୬ (ଏଜେନ୍ସି): ଭାରତରେ କ୍ରିକେଟ ପ୍ରେମୀଙ୍କ ଏମିତି ପାଗଳାମି କେବେ ଦେଖିବାକୁ ମିଳିନଥିଲା। ବେଙ୍ଗାଲୁରୁରେ ଆଜି ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ କ୍ରିକେଟ ପ୍ରେମୀଙ୍କ ଅସମ୍ଭବ ଭିଡ଼ ଯୋଗୁଁ ଦଳାଚକଟା ଘଟିଛି। ଏଥିରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୫୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନଙ୍କ ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହେବ। ଏଥିରେ ଉଭୟ ଯୁବକ ଓ ଯୁବତୀ ଅଛନ୍ତି। ଏହି ଘଟଣାକୁ ଦୁଃଖଦ ବୋଲି ଅଭିହିତ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଆହତଙ୍କୁ ହସ୍ପିଟାଲ୍‌ରେ ଭେଟିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଛନ୍ତି।

## ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶୋକାକୁଳ ପରିବେଶ

## ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷା ପରେ ବେଙ୍ଗାଲୁରୁ ଦଳ ଗତକାଲି ପ୍ରଥମ ଥର ଲାଗି ଆଇପିଏଲ ଚାମ୍ପିଅନ୍ ହୋଇଥିଲା। ଏହି ଅବସରରେ ବିଜୟ ଉତ୍ସବ ପାଳନ ଲାଗି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରାଜ୍ୟ କ୍ରିକେଟ ଆସୋସିଏସନ ପକ୍ଷରୁ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ଷ୍ଟାଡିୟମରେ ଉତ୍ସବ ଦେଖିବାଲାଗି ଟିକଟ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଷ୍ଟାଡିମୟ ଜନସମୁଦ୍ର ପାଲଟିଥିଲା। ଆଇପିଏଲ୍ ଟ୍ରଫି ଏବଂ ଏହାକୁ ଜିତାଇଥିବା କ୍ରିକେଟ ତାରକାଙ୍କୁ ଦେଖିବା ଲାଗି ହଜାର ହଜାର ଲୋକ ମାଡ଼ି ଆସିଥିଲେ। ସେଠାରେ ବ୍ୟାପକ ପୁଲିସ ମୁତୟନ ସତ୍ତ୍ୱେ ଭିଡ଼କୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। କେତେକ ସୂତ୍ରରୁ ପ୍ରକାଶ ଯେ ବର୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସର ଲାଠିମାଡ଼ ଯୋଗୁଁ ଦଳାଚକଟା ଘଟିଲା ବୋଲି କୁହାଯାଉଥିବା ବେଳେ ପ୍ରାଥମିକ ରିପୋର୍ଟ କିନ୍ତୁ ଭିନ୍ନ ତଥ୍ୟ ଦେଉଛି। ପ୍ରାଥମିକ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଷ୍ଟାଡିୟମ ▸ପୃଷ୍ଠା-୭



# ଭୁଲ୍ ଇଞ୍ଜେକ୍ସନ୍ ନେଲା ୬ ଜୀବନ !

## କୋରାପୁଟ ବଡ଼ ମେଡିକାଲରେ ଅଘଟଣ

■ କୋରାପୁଟ, ୪।୬ (ସମିସ): ମାତ୍ର ଅଳ୍ପ ସମୟ ବ୍ୟବଧାନରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଙ୍ଗଳବାର ରାତିରେ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଭୁଲ୍ ଇଞ୍ଜେକସନ ଯୋଗୁଁ ରୋଗୀମାନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଅଧିକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମେଡିକାଲ କଲେଜ ଫାଟକ ଆଗରେ ଧାରଣା ଦେବା ସହ ମେଡିକାଲ କଲେଜ ଡିନ୍‌ଙ୍କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଶାନ୍ତ ପଡ଼ିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଘଟଣା ନେଇ ବିଜୁ ଜନତା ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସରକାର ଏହି ଘଟଣାରେ ଶ୍ୱେତପତ୍ର ପ୍ରକାଶ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି।



## ଫାଟକ ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

## ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ

ଅଭିଯୋଗ ଅନୁଯାୟୀ, ବାଇକ୍ ଦୁର୍ଘଟଣାରେ ଗୁରୁତର ଭଗବାନ ପରଜା (୩୮), ଅଟୋ ଦୁର୍ଘଟଣାରେ ଆହତ ଜଗନ୍ନାଥ ପୂଜାରୀ, ଛୁରା ମାଡ଼ରେ ଆହତ ରୁକୁଣି ପେଣ୍ଟିଆ(୪୭) ଓ ସୁଖରାମ ମାଝୀ, କ୍ୟାନ୍ସର ଆକ୍ରାନ୍ତ ବତି ଖରା ଓ ଦୁର୍ଘଟଣାରେ ଆହତ କଳାହାଣ୍ଡି ଜିଲ୍ଲା ▸ପୃଷ୍ଠା-୭

## ତଦନ୍ତ ପାଇଁ ଯିବ ୫ ଜଣିଆ ଟିମ୍

■ ଭୁବନେଶ୍ୱର, ୪।୬(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭୁଲ୍ ଇଞ୍ଜେକସନ୍ ଯୋଗୁ ୬ଜଣଙ୍କ ମୃତ୍ୟୁ ଅଭିଯୋଗ ଘଟଣାର ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ (ଡିଏମ୍‌ଇଟି) ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ବ୍ରହ୍ମପୁର ଏମ୍‌କେସିଜିରୁ ୩ ଓ କଟକ ଏସସିବିରୁ୨ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଆସନ୍ତାକାଲି ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏମ୍‌ଇଟି ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଦିଆଯାଇଥିବା ଔଷଧ ଓ ଇଞ୍ଜେକ୍ସନ୍ ପାର୍ଶ୍ୱ ପ୍ରତିକ୍ରିୟା ହୋଇଛି ନା ସ୍ୱାଭାବିକ ମୃତ୍ୟୁ ଘଟିଛି, ସେନେଇ ଟିକିନିଖି ତଦନ୍ତ କରାଯିବା ସହ ରୋଗୀଙ୍କୁ ଦିଆଯାଇଥିବା ଔଷଧଗୁଡ଼ିକର ମାନ ମଧ୍ୟ ଯାଞ୍ଚ କରାଯିବ। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ୨୦୨୬ ଅକ୍ଟୋବରରୁ ଜନଗଣନା

## ଦୁଇଟି ପର୍ଯ୍ୟାୟରେ ହେବ


## ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ବହୁପ୍ରତୀକ୍ଷିତ ୧୬ ତମ ଜାତୀୟ ଜନଗଣନା ସହ ସ୍ୱାଧୀନ ଭାରତର ପ୍ରଥମ ଜାତିଭିତ୍ତିକ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଓ ଲଦାଖ ଭଳି ପାର୍ବତ୍ୟାଞ୍ଚଳ ଏବଂ ବରଫାବୃତ ଅଞ୍ଚଳଗୁଡ଼ିକରେ ୨୦୨୬ ଅକ୍ଟୋବର ପହିଲାରୁ ଜନଗଣନା ଆରମ୍ଭ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ପହିଲାରୁ ଜନଗଣନା ଆରମ୍ଭ କରାଯିବ। ଦେଶର ଏହି ସର୍ବବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଚଳିତ ମାସ ୧୬ ତାରିଖରେ ଏ ସଂପର୍କରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି। ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ୨୦୨୦ ଏପ୍ରିଲ- ▸ପୃଷ୍ଠା-୭



# ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ




■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ ତାରିଖରୁ ଆରମ୍ଭ ହେବ। ଏହା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଅଧିବେଶନରେ ସରକାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିୟମ ଓ ପରଂପରା ଅନୁଯାୟୀ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ସଂସଦର ପ୍ରତ୍ୟେକଟି ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ କେଉଁ ପ୍ରସଙ୍ଗରେ କେବେ ଆଲୋଚନା ହେବ, ତାହା ସଂସଦର କାର୍ଯ୍ୟ ଉପଦେଷ୍ଟା କମିଟି ସ୍ଥିର କରିବ। ପହଲଗାମ ଆକ୍ରମଣ ଏବଂ ଏହାପରେ ଅପରେସନ ସିନ୍ଦୂରକୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ବିରୋଧୀ ଦଳ ▸ପୃଷ୍ଠା-୭

# ବଢୁଛି 'ଉଷ୍ମଘାତ' ଆଶଙ୍କା

**୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା**

■ ଭୁବନେଶ୍ୱର, ୪।୬ (ସମିସ): ରାଜ୍ୟରେ ଜାରି ରହିଛି ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି । ଯଦିଓ କିଛି କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେଉଛି, ମାତ୍ର ତାପମାତ୍ରାକୁ ରୋକିବାରେ ଏହା ସଫଳ ହୋଇନାହିଁ। ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ସକାଳୁ ପ୍ରବଳ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ ଓ ୭ ତାରିଖରୁ ୧୦ ତାରିଖରୁ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଯୋଗୁଁ 'ଉଷ୍ମ ଘାତ' ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ ବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି ।



**୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି**


ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହରେ ଓଡ଼ିଶା ଓ ସଂଲଗ୍ନ ରାଜ୍ୟ ସହିତ ସମସ୍ତ କେନ୍ଦ୍ରୀୟ ଓ ଉତ୍ତର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଜୁନ୍ ୭ରୁ ଜୁନ୍ ୧୦ ମଧ୍ୟରେ ଚଳିତ ବର୍ଷର ସବୁଠାରୁ ଉତ୍ତପ୍ତ ▸ପୃଷ୍ଠା-୭

# ୨୭ ରାଜ୍ୟକୁ ବ୍ୟାପିଛି କରୋନାର ନୂଆ ପ୍ରଜାତି

**୪୩୦୨ ରୋଗୀ ଚିକିତ୍ସାଧୀନ; ୪୪ ମୃତ**

**ହିମାଚଳରେ ମାସ୍କ ବାଧ୍ୟତାମୂଳକ**

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଦେଶରେ କରୋନା ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩୦୦ ରୋଗୀ ଚିହ୍ନଟ ହୋଇଛନ୍ତି। ଗୁଜରାଟରୁ ସର୍ବାଧିକ ୧୦୮, ମହାରାଷ୍ଟ୍ରରୁ ୮୬ ମାମଲା ସାମ୍ନାକୁ ଆସିଛି। ଏଥିସହିତ ମୋଟ




ରୋଗୀସଂଖ୍ୟା ୪୩୦୨ ରେ ପହଞ୍ଚି ଯାଇଛି। କରୋନାର ନୂଆ ପ୍ରଜାତି ୨୭ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପି ଗଲାଣି। ତେବେ ୯ ରାଜ୍ୟରୁ ଏ ପର୍ଯ୍ୟନ୍ତ ଗୋଟିଏ ବି ମାମଲା ଆସିନାହିଁ। କେରଳରେ ସର୍ବାଧିକ ୧୩୭୩ ରୋଗୀ ଏବଂ ମହାରାଷ୍ଟ୍ରରେ ▸ପୃଷ୍ଠା-୭

# ଜୟ 'ହରିକାଠ'

# ଅକଳରେ ରାଜ୍ୟ ବିଜେପି ନେତୃତ୍ୱ

## ଗତ ନିର୍ବାଚନରେ ପ୍ରାର୍ଥୀ ମନୋନୟନରେ ହୋଇଛି ପାତରଅନ୍ତର



**ସଠିକ୍ ପ୍ରାର୍ଥୀ ଦିଆଯାଇଥିଲେ ୩ ସ୍ୱାଧୀନ ପ୍ରାର୍ଥୀ ଜିତି ନ ଥା'ନ୍ତେ**

**ଜୟନାରାୟଣ ମିଶ୍ରଙ୍କ ପଛରେ ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ**


**ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ ଓ ନିଗମକୁ ନେଇ ଅସନ୍ତୋଷ**

■ ଭୁବନେଶ୍ୱର, ୪।୬ (ସମିସ): ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତିକୁ ମହା ଆଡ଼ମ୍ବରରେ ପାଳନ ପାଇଁ ବିଶାଳ ପ୍ରସ୍ତୁତି ଚଳାଇଥିବା ରାଜ୍ୟ ବିଜେପି ନେତୃତ୍ୱକୁ 'ହରିକାଠ'ରେ ଛନ୍ଦି ଦେଇଛନ୍ତି ଦଳର ବରିଷ୍ଠ ନେତା ଜୟନାରାୟଣ ମିଶ୍ର। ଗଲା ନିର୍ବାଚନ ସମୟରେ ପ୍ରାର୍ଥୀ ମନୋନୟନରେ ପାତରଅନ୍ତର କରାଯାଇଥିବା ଉଲ୍ଲେଖ କରି ଜୟନାରାୟଣ ଦଳର ରାଜ୍ୟ ନେତୃତ୍ୱଙ୍କୁ ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଧ୍ୟ ସେ ସରକାରଙ୍କୁ ତେରଛା ବାଣ ମାରିଛନ୍ତି । ଦଳର ରାଜ୍ୟ ମୁଖ୍ୟ ଓ ଶାସନ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ଜୟନାରାୟଣଙ୍କ ଏହି ଶବ୍ଦ ଶର ଶାସକ ଦଳରେ ଆଲୋଡ଼ନ ସୃଷ୍ଟି କରିଛି।

ଜୟନାରାୟଣ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନରେ ଦଳ ସଠିକ୍ ପ୍ରାର୍ଥୀ ଦେଇନଥିଲା। ଏକଥା ମୁଁ ବାରମ୍ବାର କହିଛି; ହେଲେ କେହି ଶୁଣୁନାହାନ୍ତି। ଜୟଙ୍କ ଏପରି ବୟାନ କାହା ଆଡ଼କୁ ଇଙ୍ଗିତ କରୁଛି ତାହା ଅଛପା ନ ଥିଲେ ହେଁ, ରାଜନୈତିକ ମହଲରେ ତାଙ୍କର ମନ୍ତବ୍ୟ ଏକ ନୂଆ ସମୀକରଣର ଆଭାସ ଦେଉଛି। ଜୟଙ୍କ ଟିପ୍ପଣୀ ପଛରେ କି ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ଏବେ ଦଳୀୟ ନେତା ତର୍ଜମା ଆରମ୍ଭ କରିଛନ୍ତି। ଦଳର ଅନେକ ନେତା ଓ ବିଧାୟକ ଜୟଙ୍କୁ ସମର୍ଥନ କରୁଥିବା ମଧ୍ୟ ଆଲୋଚନା ହେଉଛି। ▸ପୃଷ୍ଠା-୭


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002
Celebrating Success year after year...


TOPPER
+2 SCIENCE STREAM 2024
Mr. Soumyajit Rout
BIITs, PILANI


TOPPER
+2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024
5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025
3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER
PUBLIC SCHOOL
BHUBANESWAR
CBSE- I to XII ( Science & Commerce)
Awarded as No.1 SCHOOL IN INTEGRATED TEACHING & COACHING
By Times School Ranking Survey Odisha THE TIMES OF INDIA

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS


Bishal Ku. Sahu, Phulbani
10th Class - 68%
12th Class - 93.5%

FOUNDATION COURSE for JEE, NEET, NDA from Class VIII
95 other students achieved similar remarkable growth, testament to Jupiter's excellence

ADMISSION OPEN 6371853130 / 6371853132

JUPITER
DEGREE COLLEGE
Affiliated to UTKAL UNIVERSITY
8093052844 / 845
+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available For Boys and Girls
SPECIAL DISCOUNTS AVAILABLE FOR Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar

# ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ

# ସୁଦଶା ବ୍ରତ



ଉତ୍କଳୀୟ ସଂସ୍କୃତିରେ ଓଷା ବ୍ରତର ଖୁବ୍ ଗୁରୁତ୍ୱ ରହିଛି । ଧନଧାନ୍ୟ ଓ ଶ୍ରୀ ବୃଦ୍ଧି ପାଇଁ ସମସ୍ତେ ମାତା ଲକ୍ଷ୍ମୀଙ୍କୁ ଆରାଧନା ତଥା ଉପାସନା କରିଥାନ୍ତି । ମହାଲକ୍ଷ୍ମୀଙ୍କର ବିଭିନ୍ନ ବ୍ରତ ମଧ୍ୟରେ ସୁଦଶା ବ୍ରତ ଅନ୍ୟତମ । ପରିବାର ପାଇଁ ସୁ-ଦଶା ଅର୍ଥାତ୍ ଭଲ ସମୟ କାମନା କରି ଓଡ଼ିଆ ଘରର ସଧବା ମହିଳାମାନେ ମା’ ଲକ୍ଷ୍ମୀଙ୍କର ଏହି ବ୍ରତ କରିଥାନ୍ତି । ପଦ୍ମ ପୁରାଣ ଅନୁସାରେ, ଯେକୌଣସି ମାସର ଶୁକ୍ଳପକ୍ଷ ଦଶମୀ ଗୁରୁବାରରେ ପଡ଼ିଲେ ସୁଦଶା ବ୍ରତ ପାଳନ ହୁଏ । ଏ ବ୍ରତ ଥରେ ଆରମ୍ଭ କଲେ ଆଜୀବନ କରିବାକୁ ହୁଏ । ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ ସୁଦଶା ବ୍ରତ ନିଷ୍ଠା ଓ ଭକ୍ତିମୟ ପରିବେଶରେ ଆମ ରାଜ୍ୟର ପୁରପଲ୍ଲୀରେ ପାଳିତ ହୋଇଥାଏ । ସୁଦଶାର ଅର୍ଥ ଭଲ ସମୟ କିନ୍ତୁ ପଲ୍ଲୀ ମାନସରେ ସମ୍ଭବତଃ ସୁଦଶା ଶବ୍ଦ ସହିତ ଦଶ ସଂଖ୍ୟାଟି ସଂଯୋଜିତ ହୋଇ ଆସିଅଛି । ସେଥିପାଇଁ ସୁଦଶା ବ୍ରତରେ ଦଶ ପାଖୁଡ଼ା ପଦ୍ମ, ଦଶବର୍ଣ୍ଣ ମୁରୁଜ, ଦଶମୁଖୀ ଦୀପ, ଦଶମୁଠି ଚାଉଳ, ଦଶମେଞ୍ଚା କଦଳୀ, ଦଶଗୋଟି ମଣ୍ଡାରେ ମା’ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ଗୋଟିଏ ବ୍ରତ ବା ଡୋରକ ପିନ୍ଧି ଥାଆନ୍ତି । ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ । ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତା ପ୍ରସ୍ତୁତ ହୁଏ । ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ । ପ୍ରଥମେ ଧଳାବ୍ରତକୁ ହଳଦୀ ପାଣିରେ ବୁଡ଼ାଯାଇ ସେଥିରେ ୧୦ଟି ଗଣ୍ଠି ପକାଯାଇଥାଏ । ଏହାର ପ୍ରତ୍ୟେକ ଗଣ୍ଠିରେ ଲକ୍ଷ୍ମୀଙ୍କ ବିଭିନ୍ନ ନାମ ଉଚ୍ଚାରଣ କରାଯାଏ । ତେବେ ୧୦ଟି ଗଣ୍ଠିର ନାମ ହେଲା, ଲକ୍ଷ୍ମୀ ନାରାୟଣୀ, କମଳିନୀ, ଶ୍ରୀହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି ନାଶିନୀ, ବିଷ୍ଣୁ ପାଟରାଣୀ । ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ଏହି ଦିନ ସକାଳୁ ସକାଳୁ ଉଠି ସଧବା ନାରୀମାନେ ଘର ଦ୍ୱାର ଲିପା ପୋଛା କରନ୍ତି । ଘର ଦୁଆର ମୁହଁରେ ଝୋଟି ଚିତା ଆଙ୍କନ୍ତି । ସମସ୍ତ ରୀତିନୀତି ସହ ବିଭିନ୍ନ ପ୍ରକାରର ପିଠାପଣା କରି ପୂଜା ପାଠ କରିଥାନ୍ତି । ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ । ଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ଧନ, ସମ୍ପତ୍ତି, ସୁଖ ସମୃଦ୍ଧିରେ ଘର ପୁରି ଉଠେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତରେ, ଏହି ବ୍ରତ ପ୍ରଥମେ ବିଧର୍ବ ଦେଶର ରାଜା ନଳଙ୍କ ପାଟରାଣୀ ଦମୟନ୍ତୀ ଆରମ୍ଭ କରିଥିଲେ । ସେହିଦିନଠାରୁ ସବୁ ବିବାହିତା ନାରୀମାନେ ଏହି ବ୍ରତ ପାଳନ କରୁଛନ୍ତି । ପୌରାଣିକ କଥା ଅନୁସାରେ, ଦୀକ୍ଷା ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ସମୟରେ ନିଜ ବ୍ରତଟିକୁ ହଜାଇ ଦେଇଛନ୍ତି । ବ୍ରତ ହରାଇ ବିକଳ ଭାବେ କ୍ରନ୍ଦନ କରୁଥିବା ବେଳେ ନଳ ରାଜା ତାଙ୍କର ଦୁଃଖ ଦୂର କରିବା ପାଇଁ ସତ୍ୟବଦ୍ଧ ହୋଇ ନିଜ ରାଣୀଙ୍କ ଠାରୁ ବ୍ରତ ଆଣି ବ୍ରାହ୍ମଣୀଙ୍କୁ ଦେଇଛନ୍ତି । ବ୍ରତଟି ଲକ୍ଷ୍ମୀଙ୍କ ପ୍ରତୀକ ହୋଇଥିବାରୁ ବ୍ରତଦାନ କଲେ ଲକ୍ଷ୍ମୀଛଡ଼ା ହେବାର କଥିତ ଥିବାରୁ ରାଣୀ ଅତ୍ୟନ୍ତ କୁଣ୍ଠାର ସହ ବ୍ରତଟିକୁ ଦେଇଛନ୍ତି । ବ୍ରତଦାନ ପରେ ତାଙ୍କର ସକଳ ସମ୍ପଦ, ସୁଖ, ଐଶ୍ୱର୍ଯ୍ୟ ଅପହୃତ ହୋଇ ରାଜା ଓ ରାଣୀ ଲକ୍ଷ୍ମୀଛଡ଼ା ଓ ଶ୍ରୀହୀନ ହୋଇ ପଡ଼ିଛନ୍ତି । ଯାବତୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲାପରେ ରାଣୀ ପୁନଶ୍ଚ ଯଥାବିଧି ସୁଦଶା ବ୍ରତ ପାଳନ କରିବାପରେ ସେମାନଙ୍କର ସମସ୍ତ ଅପହୃତ ସୁଖ ସୌଭାଗ୍ୟ ଫେରି ଆସିଛି ।

# ସେଲିବ୍ରିଟି ସୋଫା



ଇଂଲଣ୍ଡର ଲିଡ୍‌ବ୍ରୁକ୍ ଗାଁରେ ଏପ୍ରିଲ ପ୍ରାରମ୍ଭରେ ଏକ ପୁରୁଣା ଦୁଇ ସିଟ୍ ବିଶିଷ୍ଟ ସୋଫାକୁ ଅଳିଆଗଦାରେ ଫିଙ୍ଗି ଦିଆଯାଇଥିଲା । ହେଲେ ଏବେ ଏହି ସୋଫାଟି ଗାଁର ପ୍ରମୁଖ ଆକର୍ଷଣ ପାଲଟିଛି । କହିବାକୁ ଗଲେ ଏହି ସୋଫା ଏବେ ଏକପ୍ରକାର ସେଲିବ୍ରିଟି ପାଲଟିଛି । ଲୋକେ ଏହାସହ ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର ଫଟୋଗ୍ରାଫର ଏଲେକ୍ସ ଏଲଟନ ବଲ୍ ଏହି ସୋଫାକୁ ଏମିତି ଏକ ନୂଆ ପରିଚୟ ପ୍ରଦାନ କରିଛନ୍ତି । ସେ ୧୫୦ରୁ ଅଧିକ ଲୋକଙ୍କ ଫଟୋ ଉତ୍ତୋଳନ ଏହି ସୋଫା ସହିତ କରାଇଛନ୍ତି । ଏଲେକ୍ସ କହିଛନ୍ତି, ‘ଅଳିଆଗଦାରେ ପଡ଼ିଥିବା ଏହି ସୋଫାଟି ଏବେ ଏକ ମଜାଦାର ଜିନିଷ ପାଲଟିଛି । ଗାଁ ଲୋକଙ୍କଠାରୁ ଆରମ୍ଭ କରି କୁକୁର, ବିଲେଇ ବି ସୋଫାରେ ଫଟୋ ଉଠାଇଥିବାର ଦେଖାଯାଇଛି ।’ ସେହିପରି ଏହି ଅବ୍ୟବହୃତ ସୋଫା ସହିତ ଫଟୋ ଉଠାଇବାକୁ ସେ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ଅନୁରୋଧ କରିଥିଲେ । ଏହି ସୋଫାର ବି ଏକ ନିଜସ୍ୱ ଫେସ୍‌ବୁକ୍ ପେଜ୍ ଅଛି । ଏହାର ନାଁ ‘ଲିଡ୍‌ବ୍ରୁକ୍ ଲାଉଞ୍ଜ ।’ ତେବେ ଏଲେକ୍ସ ଏସମସ୍ତ ଫଟୋକୁ ଫଟୋବୁକ୍‌ରେ ପ୍ରକାଶିତ କରିବେ । ଫଟୋଗୁଡ଼ିକୁ ଜୁଲାଇରେ ବିକ୍ରି କରାଯିବ । ଏଥିରୁ ଯାହା ରୋଜଗାର ହେବ, ତାହା ଗାଁର ଖେଳ ପଡ଼ିଆରେ ବିଭିନ୍ନ ପ୍ରକାରର ଉପକରଣ ଲଗାଯିବା ପାଇଁ ଖର୍ଚ୍ଚ କରାଯିବ ବୋଲି ଏଲେକ୍ସ କହିଛନ୍ତି । ଏଲେକ୍ସ କହିଛନ୍ତି, ‘ସେ ଅଳିଆ ଆବର୍ଜନାକୁ ଏଣେତେଣେ ଫିଙ୍ଗିବା ବିରୋଧୀ । ସୋଫାକୁ ଠିକ୍ ଭାବେ ହଟାଯିବ । କିନ୍ତୁ ଏହି ସୋଫା ଗ୍ରାମବାସୀଙ୍କୁ ଏକଜୁଟ୍ କରିଛି ଏବଂ ସେମାନଙ୍କୁ ଏକ ଅଭୁଲା ସ୍ମୃତି ବି ପ୍ରଦାନ କରିବାରେ ସଫଳ ହୋଇଛି ।’

# ବିଶ୍ୱ ପରିବେଶ ଦିବସ



ପ୍ରକୃତି ବିନା ମାନବ ଜୀବନ ସମ୍ଭବ ନୁହେଁ, କିନ୍ତୁ ଏହା ସତ୍ତ୍ୱେ ବିକାଶ ଆଳରେ ଆମେ ପରିବେଶର କ୍ଷତି କରି ଚାଲିଛୁ । ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି । ପ୍ରକୃତି ଓ ମନୁଷ୍ୟ ପରସ୍ପରର ପରିପୂରକ । ପ୍ରାଣୀଜଗତର ଶ୍ରେଷ୍ଠ ଜୀବ ମନୁଷ୍ୟ ହିଁ ପ୍ରକୃତିର ସୁରକ୍ଷା କରିପାରିବ । ବିଶ୍ୱସ୍ତରରେ ପରିବେଶ ପ୍ରତି ରାଜନୈତିକ ତଥା ସାମାଜିକ ଜାଗରଣ ସୃଷ୍ଟି କରିବା ନିମନ୍ତେ ବିଶ୍ୱ ପରିବେଶ ଦିବସ ପାଳନ କରିବା ପାଇଁ ମିଳିତ ଜାତିସଂଘ ୧୯୭୨ ମସିହାରେ ଘୋଷଣା କରିଥିଲା । ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୭୨ ମସିହା ଜୁନ୍ ୫ ତାରିଖରୁ ଜୁନ୍ ୧୬ ଯାଏଁ ଆୟୋଜିତ ବିଶ୍ୱ ପରିବେଶ ସମ୍ମିଳନୀରେ ଆଲୋଚନା ପରେ ଏହା ଘୋଷଣା କରାଯାଇଥିଲା । ୧୯୭୪ ମସିହା ଜୁନ୍ ୫ ତାରିଖରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଓ ପରିବେଶ ସୁସ୍ଥ ରହିଲେ ହିଁ କିପରି ଏ ଜୀବଜଗତ ତିଷ୍ଠି ରହିବ ସେଥିପ୍ରତି ଲୋକଙ୍କୁ ସଚେତନ କରାଇବା ଆଶାରେ ଏହି ଦିବସଟିକୁ ବିଶ୍ୱ ପରିବେଶ ଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଏ । ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ । ମାନବ ଜୀବନର ନିରାପତ୍ତା ପାଇଁ ପରିବେଶକୁ ସୁରକ୍ଷିତ ରଖିବା ନିହାତି ଜରୁରୀ । ଆଧୁନିକତା ଆଡ଼କୁ ଗତି କରୁଥିବା ବିଶ୍ୱରେ ବିକାଶର ଦାହି ଦେଇ ଆମେ ଏପରି ଅନେକ ଜିନିଷ ବ୍ୟବହାର କରିବା ଆରମ୍ଭ କରିଛୁ, ଯାହା ପୃଥିବୀ ଏବଂ ପରିବେଶ ପାଇଁ ଘାତକ ସାଜୁଛି । ମଣିଷ ଏବଂ ପରିବେଶ ମଧ୍ୟରେ ଏକ ଗଭୀର ସଂଯୋଗ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । କିନ୍ତୁ ଏ ମଣିଷ ହିଁ ଏହି ପ୍ରକୃତିର କ୍ଷତି କରୁଛି । ପରିବେଶ କ୍ରମାଗତ ଭାବରେ ପ୍ରଦୂଷିତ ହେଉଛି, ଯାହା ଜନଜୀବନକୁ ପ୍ରଭାବିତ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟର କାରଣ ପାଲଟିଛି । ଗଛ କାଟିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଯାନବାହନର ପ୍ରବଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଛି । ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହିଁ ପରିବେଶ ପ୍ରଦୂଷଣର ଅନ୍ୟ ଏକ କାରଣ ହୋଇ ଛିଡ଼ାହୋଇଛି । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସି ଉଠିବ । ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ । ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ । ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ । ବିଶ୍ୱ ପରିବେଶ ଦିବସରେ ଆମେ ଏ ଦିଗଗୁଡ଼ିକୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ । ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି- “ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରିବା ।”

# ଅଜୟ ଆଣିବେ ‘ଦୃଶ୍ୟମ୍-୩’




ମାଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ଗତ ଏପ୍ରିଲ୍ ମାସରେ ତାଙ୍କ ଅଭିନୀତ କ୍ରାଇମ୍ ସସ୍‌ପେନ୍ସ ଥ୍ରିଲର୍ ‘ଦୃଶ୍ୟମ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବେ ବୋଲି ଘୋଷଣା କରିଥିଲେ । ସେ ଏହାକୁ ମଲାୟାଲମ୍ ସହ ହିନ୍ଦୀରେ ମଧ୍ୟ ରିଲିଜ୍ କରିବାକୁ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଅଜୟ ଦେବଗନ୍ ‘ଦୃଶ୍ୟମ୍-୨’ ରିଲିଜ୍ ସମୟରେ ‘ଦୃଶ୍ୟମ୍-୩’ କଥା ଘୋଷଣା କରିଥିଲେ । ଯଦି ମୋହନଲାଲ ‘ଦୃଶ୍ୟମ୍-୩’କୁ ହିନ୍ଦୀରେ ରିଲିଜ୍ କରିବେ ତେବେ ଅଜୟଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ହେବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଇତିମଧ୍ୟରେ ଅଜୟ ‘ଦୃଶ୍ୟମ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବା ପାଇଁ ଘୋଷଣା କରିଛନ୍ତି । ଅଜୟ ଓ ପାନାରୋମା ଷ୍ଟୁଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦେଇଛନ୍ତି । ଏଥିରେ ଅଜୟ ଲିଡ୍ ରୋଲରେ ନଜର ଆସିବେ । ଏହାର ରିଲିଜ୍ ଡେଟ୍ ବିଷୟରେ ବି ଘୋଷଣା କରାଯାଇଛି । ‘ଦୃଶ୍ୟମ୍-୩’ ଆସନ୍ତା ବର୍ଷ ଗାନ୍ଧୀ ଜୟନ୍ତୀ ଅବସରରେ ଆସିବ । ଏଠାରେ ପ୍ରକାଶ ଥାଉ କି, ଅଜୟଙ୍କ ଅଭିନୀତ ‘ଦୃଶ୍ୟମ୍’ ୨୦୧୫ରେ ଆସିଥିଲା । ୨୦୨୨ରେ ‘ଦୃଶ୍ୟମ୍-୨’ ଆସିଥିଲା । ତାଙ୍କର ଦୁଇଟି ଫିଲ୍ମ ମୋହନଲାଲଙ୍କ କ୍ରାଇମ୍ ସସପେନ୍ସ ଥ୍ରୀଲର୍ ‘ଦୃଶ୍ୟମ୍’ର ହିନ୍ଦୀ ରିମେକ୍ ଥିଲା । ଏବେ ମୋହନଲାଲ୍ ‘ଦୃଶ୍ୟମ୍-୩’କୁ ହିନ୍ଦୀରେ ରିଲିଜ୍ କରୁଥିବାରୁ ଏହାର କାହାଣୀରେ ଅଜୟ ପରିବର୍ତ୍ତନ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

## ଆଜିର ଇତିହାସ

- ୧୬୫୯ - ମୋଗଲ ସମ୍ରାଟ୍ ଔରଙ୍ଗଜେବ ଦିଲ୍ଲୀ ସିଂହାସନ ଆରୋହଣ କଲେ ।
- ୧୯୧୬- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା ।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା ।
- ୧୯୮୯ - ‘ତ୍ରିଶୂଳ’ ମିସାଇଲ୍‌ର ସଫଳ ପରୀକ୍ଷଣ ।
- ୨୦୦୫- ତାଇୱାନ୍ ତା’ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା ।
- ୨୦୧୩- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।

## ଠିଆ ଠିଆରେ ସବୁ କାମ

# ଅଜବ ଚ୍ୟାଲେଞ୍ଜ



ସ୍ୱଳ୍ପ ସମୟରେ ଲୋକପ୍ରିୟତା ସାଉଁଟିବା ତଥା ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ ଅନେକ ଲୋକ ବିଭିନ୍ନ ପ୍ରକାର ଚ୍ୟାଲେଞ୍ଜକୁ ଆପଣାଉଛନ୍ତି । କିଏ ଅଧିକ ଖାଉଛନ୍ତି ତ ଆଉ କିଏ ଅଧିକ ସମୟ ଭୋକିଲା ରହିବା ଦେଖାଯାଉଛି । ଏହି କ୍ରମରେ ଆମେରିକାର ୟୁଟ୍ୟୁବର୍ ଲୁକାସ ବଲ ଲୋକପ୍ରିୟ ହେବା ଲାଗି ଏକ ଅଜବ ଚ୍ୟାଲେଞ୍ଜକୁ ଆପଣାଇଛନ୍ତି । ସେ ଆଦୌ ବସି ନ ରହି ଛିଡ଼ା ହୋଇ ରହିବା ନିଷ୍ପତ୍ତି ନେଲେ । ତାହା ପୁଣି ସପ୍ତାହେ ପର୍ଯ୍ୟନ୍ତ । ଲୁକାସଙ୍କର ୟୁଟ୍ୟୁବ୍‌ରେ ପିଗ୍‌ମି ନାମକ ଚ୍ୟାନେଲ ଅଛି । ସେ ସ୍ଥିର କରିଥିଲେ ଯେ, ସପ୍ତାହେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୬ ଘଣ୍ଟା ନ ବସି ଛିଡ଼ା ହୋଇ ରହିବେ । ତେବେ କାହିଁକି ସେ ଏ ପ୍ରକାର ନିଷ୍ପତ୍ତି ନେଇଥିଲେ ସେକଥା ମଧ୍ୟ କହିଛନ୍ତି । ତାଙ୍କ କହିବା କଥା, ସାଧାରଣତଃ ଶରୀରକୁ ସକ୍ରିୟ ରହିବା ପାଇଁ ଦିନରେ ଦୁଇରୁ ଚାରି ଘଣ୍ଟା ଛିଡ଼ା ହେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏହି କଥାକୁ ଦୃଷ୍ଟିରେ ରଖି ଲୁକାସ ଦିନ ତମାମ ଛିଡ଼ା ହେଉଥିଲେ ଏବଂ ରାତିରେ ୮ ଘଣ୍ଟା ଶୋଉଥିଲେ । ତେବେ ଅନ୍ୟ ସମୟରେ ବାଥରୁମ୍ ଯିବା, ଖାଦ୍ୟ ଖାଇବା, ଟିଭି ଦେଖିବା ଆଦି କାମ କେବଳ ସେ ଛିଡ଼ା ହୋଇ କରୁଥିଲେ । ଏପରିକି କାମ ଲାଗି ସେ ଷ୍ଟାଣ୍ଡିଂ ଡେସ୍କ ବ୍ୟବହାର କରୁଥିଲେ । ଏଭଳି କରି ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କୁ ଭଲ ଲାଗିଲା । ଏହି ସମୟ ମଧ୍ୟରେ ତାଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥିବା କଥା ସେ କହିଲେ । ଅବଶ୍ୟ ତୃତୀୟ ଦିନରୁ ତାଙ୍କ ଗୋଡ଼ରେ ଯନ୍ତ୍ରଣା ହେବା ସହ ଥକ୍କା ଅନୁଭବ କଲେ । ଥକ୍କା ପଣରୁ ରକ୍ଷା ପାଇବା ପାଇଁ ବାରମ୍ବାର ଖାଦ୍ୟ ଖାଇଲେ । ଏହାଦ୍ୱାରା ତାଙ୍କର ଓଜନ ବୃଦ୍ଧି ପାଇଲା । ତେବେ ପଞ୍ଚମ ଦିନରେ ତାଙ୍କ ଅବସ୍ଥା ଅତ୍ୟନ୍ତ ବିଗିଡ଼ିଗଲା । ଗୋଡ଼ରେ ଯନ୍ତ୍ରଣା ସାଙ୍ଗକୁ ନିଦ୍ରାହୀନତା ସମସ୍ୟା ସାମ୍ନା କରିବା ସହ ଶରୀରର ଅଙ୍ଗଭଙ୍ଗୀରେ ପରିବର୍ତ୍ତନ ଆସିଲା । ଏହାକୁ ଦୃଷ୍ଟିରେ ରଖି ସେ ଏହି ଚ୍ୟାଲେଞ୍ଜରୁ ଓହରି ଗଲେ । ଏହାସହ ପୂର୍ବ ଭଳି ସେ ଉଠିବା ବସିବା ଭଳି କାର୍ଯ୍ୟକଳାପ କଲେ ।

# ମଣିଷର ଅମରତ୍ୱ ଲାଭ !



ଗୁଗଲର ପୂର୍ବତନ ବୈଜ୍ଞାନିକ ଏବଂ ଲୋକପ୍ରିୟ ଭବିଷ୍ୟବକ୍ତା ରେ କୁର୍ଜୱିଲ ନିକଟରେ ଦାବି କରିଛନ୍ତି ଯେ, ଆଗାମୀ ଦିନରେ ମଣିଷ ଅମରତ୍ୱ ହାସଲ କରିପାରେ । ତେବେ ଏହା ନାନୋରୋବଟ୍ ପାଇଁ ସମ୍ଭବ ହୋଇପାରେ । କୁର୍ଜୱିଲ୍ ଏଯାବତ୍ କରିଥିବା ୧୪୭ରୁ ୮୬% ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଛି । ସେ କହନ୍ତି, ନାନୋରୋବଟ୍ ଅତ୍ୟନ୍ତ ସୂକ୍ଷ୍ମ । ସେମାନଙ୍କ ଆକାର କେବଳ ୫୦ରୁ ୧୦୦ ନାନୋମିଟର । ଆଗାମୀ ଦିନରେ ମଣିଷ ଶରୀରରେ ଏହା ରକ୍ତପ୍ରବାହ ମାଧ୍ୟମରେ ଚାରିଆଡ଼େ ବୁଲିପାରିବ । ଏବେ ଏହି ଟେକ୍ନିକ୍ ଗବେଷଣା କ୍ଷେତ୍ରରେ ଡିଏନ୍‌ଏ ପ୍ରୋବ୍, ସେଲ ଇମେଜିଂ ଏବଂ ଔଷଧ ପହଞ୍ଚାଇବା କାର୍ଯ୍ୟ କରୁଛି । ହେଲେ ଭବିଷ୍ୟତରେ ଏହି ନାନୋରୋବଟ୍ କୋଶିକାଗୁଡ଼ିକୁ ଠିକ୍ କରି ବୁଢ଼ାପା ଏବଂ ରୋଗ ସହ ଲଢ଼ିବାରେ ସକ୍ଷମ ହେବ ବୋଲି କୁହାଯାଉଛି । ସେ ଏକଥା ବି କହିଛନ୍ତି ଯେ, ନାନୋଟେକ୍ନୋଲୋଜି ଶରୀରକୁ ଏପରି ଉନ୍ନତ କରିବେ ଯେ, କୌଣସି ବ୍ୟକ୍ତି କିଛି ବି ଖାଇଲେ ସୁସ୍ଥ ଓ ଉର୍ଜାବାନ ରହିପାରିବେ । ଅନ୍ୟପଟେ କୁର୍ଜୱିଲ ପୂର୍ବରୁ କରିଥିବା ଅନେକ ଭବିଷ୍ୟବାଣୀ ସଠିକ୍ ପ୍ରମାଣିତ ହୋଇଛି ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି । ଆୟ ବ୍ୟୟ ସମାନ ରହିବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସହକର୍ମୀଙ୍କ ସହଯୋଗ ରହିବ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ପାରିବାରିକ ବିବାଦରୁ ଦୂରେଇ ରହିବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ । ଆଶା କରିଥିବା ଦିଗରୁ ଫଳ ପାଇବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

■ ସଚେତନକାରୀ ନିଜେ ଅଚେତନ

## ପାଣିପାଗ କେନ୍ଦ୍ରକୁ ବଜ୍ରାଘାତ



**ଜଳିଗଲା ବହୁ ବୈଦ୍ୟୁତିକ ସାମଗ୍ରୀ**

ଭୁବନେଶ୍ୱର,୪।୬(ସମିସ): ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରକୁ ହୋଇଛି ପ୍ରଚଣ୍ଡ ବଜ୍ରାଘାତ। ବଜ୍ର ମାଡ଼ରେ ପାଣିପାଗ କେନ୍ଦ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ସରଞ୍ଜାମ ପୋଡ଼ିଯାଇଛି। ଫଳରେ ଦୁଇଦିନ ହେବ ପାଣିପାଗ କେନ୍ଦ୍ରର ବୈଜ୍ଞାନିକମାନଙ୍କ କାର୍ଯ୍ୟରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ସାରା ରାଜ୍ୟବାସୀଙ୍କୁ ପାଣିପାଗ ସମ୍ପର୍କିତ ପୂର୍ବାନୁମାନ ଜାରି କରି ସଚେତନ କରୁଥିବା ଏହି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିଜ କାର୍ଯ୍ୟାଳୟକୁ ବଜ୍ରପାତ ଦାଉରୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଯାହାକୁ ନେଇ ପାଣିପାଗ କେନ୍ଦ୍ରର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ଣରେ ହୋଇଥିବା ବର୍ଷା ସମୟରେ ପ୍ରଚଣ୍ଡ ବିଜୁଳି -ଘଡ଼ଘଡ଼ି ହୋଇଥିଲା। ଏହି ସମୟରେ ପାଣିପାଗ କେନ୍ଦ୍ରକୁ ମଧ୍ୟ ବଜ୍ରପାତ ହୋଇଛି। ଏହାଦ୍ୱାରା ପାଣିପାଗ କେନ୍ଦ୍ରର ଡ୍ୟୁଟି ଅଫିସରମାନଙ୍କ କକ୍ଷରେ ଥିବା ୫ଟି କମ୍ପ୍ୟୁଟରର ସିପିୟୁ ପୋଡ଼ିଯାଇଛି। ଏହାସହିତ କେନ୍ଦ୍ରର ଅଗ୍ନିନିର୍ବାପକ ଆଲାର୍ମ ମଧ୍ୟ ପୋଡ଼ିଯାଇଛି। କେନ୍ଦ୍ରର ଡାଟାସେଣ୍ଟର ୟୁନିଟ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିବାରୁ ପାଣିପାଗ ତଥ୍ୟ ହସ୍ତଗତ ହେବା ଓ ତଥ୍ୟ ପ୍ରେରିତ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଇଣ୍ଟରନେଟ୍ ସେବା ମଧ୍ୟ ଅନେକ ରୁମ୍‌ରେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ବଜ୍ରପାତରେ ପାଣିପାଗ କେନ୍ଦ୍ର ଏଭଳି ଭାବେ ପ୍ରଭାବିତ ହେବା ପରେ ଏଠାରେ ଲାଗିଥିବା ଲାଇଟ୍‌ନିଂ ଆରେଷ୍ଟର ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଯଦିଓ ଏଠାରେ ଲାଇଟ୍‌ନିଂ ଆରେଷ୍ଟର ବ୍ୟବସ୍ଥା ରହିଛି; ମାତ୍ର ଏହି ବ୍ୟବସ୍ଥାକୁ ଭେଦ କରି ବଜ୍ର କିପରି ଏଠାରେ ଥିବା ବୈଦ୍ୟୁତିକ ସାମଗ୍ରୀ ପୋଡ଼ିଲା, ତାହା ଏବେ ପ୍ରଶ୍ନଘେରକୁ ଆସିଛି। ଲାଇଟ୍‌ନିଂ ଆରେଷ୍ଟର ସଠିକ୍ ଭାବେ କାର୍ଯ୍ୟ କରୁଥିଲା କି ନାହିଁ, ଯଦି ଏହା କାର୍ଯ୍ୟ କରୁ ନ ଥିଲା, ତେବେ କାହିଁକି ଏହାକୁ ମରାମତି କରାଯାଇ ତାକୁ ନେଇ ପ୍ରଶ୍ନ ଉଠିଛି।

**ରାଜସ୍ୱ ଆଦାୟ ଆଳରେ ପରିବହନ ବିଭାଗର ଜୁଲୁମ୍**

## ଗାଡ଼ିରେ ଲାଗିଲା ପାନିକ୍ ବଟନ; ବାଜିଲାନି ଆଲାର୍ମ

କଟକ,୪।୬(ସମିସ): ପରିବହନ ବିଭାଗରେ ଆଧୁନିକୀକରଣ କରାଯାଇ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏଥିରେ ସୁଧାର ଆସିପାରିନାହିଁ। ସ୍ୱଷ୍ଟ ଦିବାଲୋକରେ ଶୋଷଣର ଶିକାର ହେଉଛନ୍ତି ଗାଡ଼ି ମାଲିକମାନେ। ଏହାର ଜ୍ୱଳନ୍ତ ଉଦାହରଣ ହେଲା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବହାର।

ଗାଡ଼ି ଚାଳକମାନେ ପୂର୍ବରୁ ଘରୋଇ ଭାବରେ ସୁଲଭ ମୂଲ୍ୟରେ ନମ୍ବର ପ୍ଲେଟ୍ ତିଆରି କରି ଗାଡ଼ିରେ ଲଗାଉଥିଲେ। ଏବେ ପ୍ରଶାସନିକ ସ୍ତରରେ ଅଟୋ ମୋବାଇଲ କମ୍ପାନୀମାନଙ୍କର ସଂଗଠନ 'ସାମ୍' ସଂସ୍ଥାକୁ ସମସ୍ତ ଗାଡ଼ିରେ ନମ୍ବର ପ୍ଲେଟ୍ ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଗଲା। ଦୁଇଚକିଆ ଯାନଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ସବୁଗାଡ଼ିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଚୁର ଅର୍ଥ ନିଆଯାଇ ସଂପୃକ୍ତ ସଂସ୍ଥା ପକ୍ଷରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଗାଡ଼ିରେ ଯୋଗାଇ ଦିଆଯାଇଥିଲା। ଯେଉଁମାନେ ଏହି ନମ୍ବର ପ୍ଲେଟ୍ ଗାଡ଼ିରେ ଲଗାଇଲେ ନାହିଁ, ସେଇ ଗାଡ଼ି ମାଲିକଙ୍କଠାରୁ ରାସ୍ତାରେ ଚେକିଂ କରାଯାଇ ଜରିମାନା ଆଦାୟ କରାଗଲା। ତେବେ ସାଧାରଣ ନମ୍ବର ପ୍ଲେଟ୍ ଓ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମଧ୍ୟରେ କୌଣସି ପ୍ରଭେଦ ରହିଲା ନାହିଁ। ଏଥିରୁ ଗାଡ଼ି ମାଲିକମାନଙ୍କୁ ମଧ୍ୟ ସେଭଳି ସୁବିଧା ମିଳିଲାନି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ହେବା ଦ୍ୱାରା କମ୍ପାନୀମାନେ କୋଟି


**ପରିବହନ କମିସନରଙ୍କ ତାଗିଦ ସତ୍ତ୍ୱେ ମିଳିଲାନି ସୁଫଳ**

କୋଟି ଟଙ୍କାର ଲାଭ ଉଠାଇଲେ; ଅଥଚ କ୍ଷତିଗ୍ରସ୍ତ ହେଲେ ଗାଡ଼ି ମାଲିକମାନେ। ଅପରପକ୍ଷରେ କମ୍ପାନୀ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି କରୁଥିବାରୁ ଛୋଟଛୋଟ ଦୋକାନୀମାନେ ପରିବାର ପ୍ରତିପୋଷଣ କରି ନପାରି ସର୍ବସ୍ୱାନ୍ତ ହେଲେ।

ସେହିଭଳି ସମସ୍ତ ବସ୍ ଓ ଟ୍ରକରେ ପ୍ୟାନିକ୍ ବଟନ୍ ଲଗାଗଲା। ଗୋଟିଏ ଗୋଟିଏ ଗାଡ଼ିରେ ବଟନ ଲଗାଇବା ପାଇଁ ସରକାରୀ ଲାଇସେନ୍ସପ୍ରାପ୍ତ କମ୍ପାନୀମାନେ ୧୦-୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇଲେ। ଏହି ବଟନ ଲଗାଇବାର ଉଦ୍ଦେଶ୍ୟ ହେଲା, ଗାଡ଼ି ଚାଳକ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି ଯାତ୍ରୀ ବିପଦରେ ପଡ଼ିଲେ ନିକଟସ୍ଥ ଥାନାରେ ଆଲାର୍ମ ବାଜିବା ସହ ପରିବହନ ବିଭାଗ ଦ୍ୱାରା ନିର୍ଦ୍ଧାରିତ କଣ୍ଟ୍ରୋଲରୁମ୍ ରେ ମଧ୍ୟ ଆଲାର୍ମ ବାଜିବ। ବିପଦରେ ପଡ଼ିଥିବା ଯାତ୍ରୀ ବା ଗାଡ଼ି ଚାଳକଙ୍କୁ ତ୍ୱରିତ ପଦକ୍ଷେପ ପୂର୍ବକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦିଆଯିବ। ଭିଏଲଟିଡି ମେସିନ ଲାଗିବା ଦ୍ୱାରା ମାଲିକମାନେ ମଧ୍ୟ ଘରେ ବସି ତାଙ୍କ ଗାଡି କେଉଁଠି ଅଛି ଓ କେତେ ବେଗରେ ଚାଲୁଛି ତାହା ଜାଣିପାରିବେ। ଫଳରେ ସେମାନେ ଗାଡି ଚାଳକଙ୍କ ସହ ଯୋଗାଯୋଗ କରି ଗାଡ଼ିର ବେଗକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ। ଏହା ଏକ ପ୍ରହସନରେ ପରିଣତ ହେଲା। ଗାଡ଼ିଗୁଡ଼ିକରେ ଏହି ଭିଏଲଟିଡ଼ି (ଭେଇକେଲ୍ ଲୋକେସନ୍ ଟ୍ରାକିଂ ଡ଼ିଭାଇସ୍) ନ ଲଗାଇଲେ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ଓ ପରମିଟ୍ ମିଳିବ ନାହିଁ। ଏହାଦ୍ୱାରା ଭିଏଲଟିଡ଼ି କମ୍ପାନୀମାନେ ଗାଡ଼ି ମାଲିକଙ୍କଠାରୁ ପ୍ରଚୁର ଅର୍ଥ ନେବା ଯୋଗୁଁ ସେମାନେ ଶୋଷଣର ଶିକାର ହେଲେ; କିନ୍ତୁ ମେସିନ୍ ବସ୍ ଓ ଟ୍ରକରେ ଲଗାଯିବା ଏବଂ ଏଥିରେ ପ୍ୟାନିକ୍ ବଟନର ବ୍ୟବସ୍ଥା ଥିଲେ ମଧ୍ୟ ନା ଥାନା କିମ୍ବା ପରିବହନ ବିଭାଗର କଣ୍ଟ୍ରୋଲ୍ ରୁମ୍‌ରେ ଆଲାର୍ମର ବ୍ୟବସ୍ଥା କରାଗଲା। ଏହି ବ୍ୟବସ୍ଥା ଫସର ଫାଟିଯିବା ସହ ଗାଡ଼ି ମାଲିକଙ୍କଠାରୁ ଏହି ବାବଦରେ ନିଆ ଯାଇଥିବା କୋଟି କୋଟି ଟଙ୍କା ପାଣିରେ ପଡିଲା। ଗାଡ଼ିମାଲିକମାନଙ୍କର ଅଯଥା ଆର୍ଥିକ ବୋଝକୁ ପରିବହନ ବିଭାଗ ଭରଣା କରିବ କି ବୋଲି ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଖବର ମିଳିଛି ଯେ ପରିବହନ କମିସନର ଏ ସମ୍ପର୍କରେ ଏକ ବୈଠକ ଡକାଇ ଭିଏଲଟିଡି କମ୍ପାନୀ ମାନଙ୍କୁ ତାଗିଦ କରିଛନ୍ତି। ହେଲେ କୌଣସି ସୁଫଳ ମିଳିପାରିନାହିଁ।

## ଡ. ଜିଏକେ କୁମାର ଆଇସିଏଆର-ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ

କଟକ,୪।୬(ସମିସ): ଡକ୍ଟର ଜି.ଏ.କେ. କୁମାର କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।



କୃଷି ଗବେଷଣା, ସମ୍ପ୍ରସାରଣ ଏବଂ ସାମାଜିକ ବିଜ୍ଞାନରେ ସମୃଦ୍ଧ ଅଭିଜ୍ଞତା ସହ ଡ. କୁମାର ଚାଷୀ-କେନ୍ଦ୍ରିକ ନବସୃଜନ ଏବଂ ନୀତିଗତ ସମର୍ଥନ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ତାଙ୍କର ନେତୃତ୍ୱରେ, ସଂସ୍ଥାର ଧାନ ଗବେଷଣାକୁ ଆହୁରି ଅଧିକ ମଜବୁତ କରିବା ଓ ପୋଷଣ ସୁରକ୍ଷା ନିମନ୍ତେ ପ୍ରତିବଦ୍ଧତା ଆହୁରି ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ତାଙ୍କ ମାର୍ଗଦର୍ଶନରେ ସିଆରଆରଆଇ ଧାନ ଉତ୍ପାଦନର ସ୍ଥିରତା, ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ପ୍ରଭାବଶାଳୀ ଅଂଶୀଦାରଙ୍କ ସମ୍ପୃକ୍ତିରେ ଏହାର ଅବଦାନ ଜାରି ରଖିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜୋର ଦେଉଥିବା ଜଣାପଡ଼ିଛି।

## ତହସିଲଦାରମାନେ ପ୍ରଶାସନର ମେରୁଦଣ୍ଡ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪।୬(ସମିସ): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ତହସିଲଦାରମାନେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶୃତିବଦ୍ଧ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବାତ୍ୟା 'ଦାନା'ର ସଫଳ ମୁକାବିଲା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ତହସିଲଦାରମାନଙ୍କୁ ପ୍ରଶଂସା କରିଛନ୍ତି। ଏହାସହିତ ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିବା ବେଳେ ଜମିଜମା ସଂକ୍ରାନ୍ତ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏ କ୍ଷେତ୍ରରେ ସରକାରଙ୍କ "ଶୂନ୍ୟ ସହନଶୀଳତା' ଅବଲମ୍ବନ କରୁଛନ୍ତି, ତେଣୁ ତହସିଲଦାରମାନେ କୌଣସି ଅନିୟମିତତାରୁ ବିରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହ ମୌସୁମୀ ବର୍ଷା ଆସୁଥିବାରୁ ନିଜ ନିଜ ଅଞ୍ଚଳର ପାରିପାଶ୍ୱର୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୂରା ପ୍ରଶାସନକୁ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥିପାଇଁ ମାନସିକତା ବଦଳାଇବାକୁ ପଡ଼ିବ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ତେଣୁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ଦେଇଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

## ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୪।୬(ସମିସ): ରାଜ୍ୟର ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ (ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍)ରେ ଆଶାୟୀମାନେ ଆବେଦନ କରିବେ। ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଆବେଦନର ଶେଷ ତାରିଖ ଜୁଲାଇ ୫ ରହିଥିବାବେଳେ ଅଫଲାଇନ୍ ପାଇଁ ଜୁଲାଇ ୧୦ ଶେଷ ତାରିଖ ରହିଛି। ଆବେଦନ ପାଇଁ ଶୈକ୍ଷିକ ବା ପ୍ରଶାସନିକ କ୍ଷେତ୍ର କିମ୍ବା ପ୍ରତିଷ୍ଠିତ ଗବେଷଣା ବା ଶିକ୍ଷାନୁଷ୍ଠାନରେ ଅନ୍ୟୂନ ୧୦ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ବୟସ ସୀମା ସର୍ବାଧିକ ୬୬ ବର୍ଷ ରଖାଯାଇଥିବାବେଳେ ନବନିଯୁକ୍ତ କୁଳପତିଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

■ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ
■ ୪ବର୍ଷ ରହିବ କାର୍ଯ୍ୟକାଳ; ବୟସସୀମା ୬୬ ବର୍ଷ

ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ' ସମେତ ରେଭେନ୍ସା, ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ, ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କେଉଁଝର ଧରଣୀଧର ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବୀର ବିକ୍ରମଦେବ ବିଶ୍ୱବିଦ୍ୟାଳୟ, କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ପାଇବେ।

ଅନ୍ୟପକ୍ଷରେ ରାଜ୍ୟରେ ଅର୍ଦ୍ଧାଧିକ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାବେଳେ ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ଅସ୍ଥାୟୀ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠଙ୍କୁ କୁଳପତି ପଦରେ ବସାଯାଇଥିବା ଅଭିଯୋଗ ହୋଇଛି।

## ସରଣ୍ଡା ଜଙ୍ଗଲରୁ ପୁଣି ମିଳିଲା ୧ ଟନ୍ ବିସ୍ଫୋରକ

ରାଉରକେଲା,୪।୬(ସମିସ): ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲର ତିରିଲପୋଷି ନିକଟରେ ମାଟି ତଳୁ ୧ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ସୁରକ୍ଷାକର୍ମୀ। ଏହାକୁ ମିଶାଇ ଲୁଟ୍ ୫ ଟନ୍ ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଏପର୍ଯ୍ୟନ୍ତ ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଛି।

■ ଜବତ ହେଲାଣି ୩.୮ ଟନ୍ ସାମଗ୍ରୀ ଜବତ
■ ବାଙ୍କୋ ନିକଟରୁ ୫ଟନ୍ ବିସ୍ଫୋରକ ଲୁଟିଥିଲେ ମାଓବାଦୀ



ଉଲ୍ଲେଖଯୋଗ୍ୟ ଯେ ଗତ ୨୭ ତାରିଖ ରାତିରେ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ବାଙ୍କୋ ନିକଟରୁ ୫ଟନ୍ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଥିବା ଏକ ମିନି ଟ୍ରକ୍ ଲୁଟିବା ପରେ ସରଣ୍ଡା ଜଙ୍ଗଲ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ମାଟି ତଳେ ପୋତି ଦେଇ ଲୁଚାଇ ରଖିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି ଯେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ ଘଟଣାର ତଦନ୍ତ ପାଇଁ ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆର୍‌ପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳି ସର୍ଚ୍ଚ ଅପରେସନ ଏବଂ କମ୍ବିଂ ଅପରେସନ ଜାରି ରହିଛି। ଆଜି ତିରିଲପୋଷି ନିକଟରେ ମାଟି ତଳେ ମାଓବାଦୀମାନେ ପୋତିଥିବା ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଥିଲା। ଯାହାକି ୧ ଟନ୍‌ରୁ ଊର୍ଦ୍ଧ୍ୱ ହେବ। ଏହା ପୂର୍ବରୁ ୨ ତାରିଖ ଦିନ ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ତିରିଲପୋଷି ଜଙ୍ଗଲକୁ ମାଟି ତଳେ ପୋତା ଯାଇଥିବା ଅଢ଼େଇ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ସୁରକ୍ଷା କର୍ମୀମାନେ ଜବତ କରିଥିଲେ। ଏହା ସହ ଗତକାଲି ମଧ୍ୟ ସରଣ୍ଡାରୁ ୬୦୦ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଅବଶିଷ୍ଟ ଲୁଟ ୧.୨ ଟନ୍ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଓ କମ୍ବିଂ ଅପରେସନ ଜାରି ରହିଛି। ଅପରପକ୍ଷେ ବଡ଼ଗାଁ ଥାନା ଇତମାସ୍ଥିତ ଶ୍ରବଣ କୁମାର ଅଗ୍ରୱାଲଙ୍କ ବିସ୍ଫୋରକ ଗୋଦାମରୁ ପୁଲିସ ପକ୍ଷରୁ ଗତ ୨୮ ତାରିଖ ଦିନ ସିଲ୍ କରି ଦିଆଯାଇଛି। ଗତ ୨ ତାରିଖ ଦିନ ୧୪୩ ନଂ ଜାତୀୟ ରାଜପଥର ଦେଓଗାଁ ସ୍ଥିତ ଫୁଏଲ ପେଟ୍ରୋଲ ପମ୍ପରୁ ୨ଟି ବେଆଇନ ବିସ୍ଫୋରକ ବୋଝେଇ ଭ୍ୟାନ୍‌କୁ ରଘୁନାଥପାଲୀ ଥାନା ପୁଲିସ ଦ୍ୱାରା ଜବତ କରାଯାଇଥିଲା। ଏହି ଘଟଣାରେ ଥାନା ପୁଲିସ ମଙ୍ଗଳବାର ବିସ୍ଫୋରକ ଗୋଦାମ ମାଲିକ ବାସନ୍ତୀ କଲୋନୀ ଇଏମ୍/୮୭ରେ ବାସ କରୁଥିବା ଶ୍ରବଣ କୁମାର ଅଗ୍ରୱାଲ ଓ ବ୍ରାହ୍ମଣୀତରଙ୍ଗ ଥାନା କେନ୍ଦୁବରନୀ ଗ୍ରାମର ଭ୍ୟାନ ଚାଳକ ବିର୍ସା ସାମଦ ଓରଫ ଇଶାକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିସ୍ଫୋରକ ଲୁଟ୍ ପଛରେ ମାଓବାଦୀ: ଡିଜି

**ପାଳନ ହୋଇନଥିଲା ଏସ୍‌ଓପି; ମିଳିନି ୧୨୦୦କେଜି ବିସ୍ଫୋରକ**



ଭୁବନେଶ୍ୱର,୪।୬(ସମିସ): ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅଞ୍ଚଳରୁ ୫ ହଜାର କିଲୋ ବିସ୍ଫୋରକ ଲୁଟ୍ ମାଓବାଦୀଙ୍କ ସମ୍ପୃକ୍ତି ଥିବା ସ୍ୱୀକାର କରିଛନ୍ତି ପୁଲିସ ଡ଼ିଜି ୱାଇ.ବି.ଖୁରାନିଆ। ଲୁଟ୍ ବିସ୍ଫୋରକ ମଧ୍ୟରୁ ୩୮୦୦ କେଜି ଜବତ ହୋଇଥିଲେ ହେଁ ଅବଶିଷ୍ଟ ୧୨୦୦ କେଜିର ପତ୍ତା ମିଳିନାହିଁ। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏସ୍‌ଆଇଟି ତଦନ୍ତ ଜାରି ରହିଛି। ଏହି ଘଟଣାରେ ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ତେବେ ବିସ୍ଫୋରକ ପରିବହନ ପାଇଁ ରହିଥିବା ଏସ୍‌ଓପି ସେଠାରେ ପାଳନ କରାଯାଇ ନାହିଁ। ବିଭିନ୍ନ ଜିଲ୍ଲାରେ ଥିବା ମାଗାଜିନ୍‌ରେ ନିୟମ ଅନୁଯାୟୀ ବିସ୍ଫୋରକ ରହିଛି କି ନାହିଁ ଓ ଏହାର ପରିବହନ ସମୟରେ ଏସ୍‌ଓପି ପାଳନ ହେଉଛି କି ନାହିଁ, ତାହାର ତଦାରଖ କରିବା ଲାଗି ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅଧିନରେ ଥିବା ପୁଲିସ ଜିଲ୍ଲାଗୁଡ଼ିକର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଖୁରାନିଆ କହିଛନ୍ତି।

ଗତମାସ ୨୭ ତାରିଖରେ ବାଙ୍କୋ ପଥର ଖଣିକୁ ୨୦୦ ପ୍ୟାକେଟ୍ ବିସ୍ଫୋରକ ପରିବହନ ହେଉଥିବାବେଳେ ମାଓବାଦୀମାନେ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ପୁଲିସ ଏହାକୁ ଗୁରୁତର ସହିତ ଗ୍ରହଣ କରିଥିଲା ଓ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କରିଥିଲେ। ଆଇଜି(ଅପରେସନ) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଅଧିକାରୀ ଓ ଝାରଖଣ୍ଡ ପୁଲିସ ମଧ୍ୟ ଏଥିରେ ସାମିଲ ହୋଇଥିଲା। ସମ୍ପ୍ରତି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇ଼ଏ) ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି।

**ସିଏମ୍‌ଆର୍‌ଏଫ୍‌ର ନବକଳେବର**

## ସାମିଲ ହେବେ ସବୁ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୪।୬(ସମିସ): ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଚିଫ୍ ମିନିଷ୍ଟର୍ ରିସର୍ଚ୍ଚ ଫେଲୋସିପ୍ (ସିଏମ୍‌ଆର୍‌ଏଫ୍)ର ନାମ ପରିବର୍ତ୍ତନ ହୋଇଛି। ସିଏମ୍‌ଆର୍‌ଏଫ୍ ବଦଳରେ ଏହାର ନାମ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ (ଏମ୍‌ଆର୍‌ଏଫ୍) କରାଯାଇଛି। ସେହିପରି, ପୂର୍ବରୁ କେବଳ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀମାନେ ଏଥିରେ ଉପକୃତ ହେଉଥିବା ବେଳେ ଚଳିତବର୍ଷଠାରୁ ବିଭିନ୍ନ ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ପିଲାଙ୍କୁ ସାମିଲ କରାଯାଇଛି। ଏହାସହ ଏକାଧିକ ସଂସ୍କାର ମଧ୍ୟ ଆଣିଛି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ। ସ୍ନାତକୋତ୍ତର ବଦଳରେ ପିଏଚ୍‌ଡି ପଞ୍ଜୀକରଣକୁ ଆବେଦନ ପାଇଁ ବାଧ୍ୟତାମୂଳକ କରିଛି।

ଏହି ଫେଲୋସିପ୍ ପାଇଁ ପୂର୍ବରୁ ପିଏଚ୍‌ଡି ପିଲାଙ୍କ ସହ ସ୍ନାତକୋତ୍ତର ବା ପିଜି ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଆବେଦନ କରୁଥିଲେ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ୨ବର୍ଷ ମଧ୍ୟରେ ପିଏଚ୍‌ଡି ପଞ୍ଜୀକରଣ କରିବାକୁ ପଡୁଥିଲା। ଅନ୍ୟଥା ସେମାନେ ଫେଲୋସିପ୍ ପାଇପାରୁ ନଥିଲେ। ଏହାକୁ ଦୃଷ୍ଟିରେ ରଖି, ଏଣିକି କେବଳ ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ହିଁ ଆବେଦନ କରିପାରିବେ ବୋଲି କହିଛି ଉଚ୍ଚଶିକ୍ଷା ପରିଷଦ। ସେହିପରି ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଥମଥର ପ୍ରବେଶିକା ପରୀକ୍ଷା ହୋଇଥିଲା। ବହୁ ପିଜି ପିଲା ତହିଁରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ପିଏଚ୍‌ଡି ପଞ୍ଜୀକରଣ କରିବାରେ ସମର୍ଥ ହୋଇନାହାନ୍ତି। ଅପରପକ୍ଷେ, ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏପରିକି, ଚୟନ ହୋଇଥିବା ମୋଟ ୩ଶହ ପିଲାଙ୍କ ମଧ୍ୟରୁ ମାତ୍ର ୭୦ଜଣ ଫେଲୋସିପ୍ ପାଇଛନ୍ତି। ଫଳରେ ଚଳିତବର୍ଷ ଆବେଦନ ପାଇଁ ପିଏଚ୍‌ଡି ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ସହ ପ୍ରବେଶିକା ପରୀକ୍ଷା ହେବ ନାହିଁ ବୋଲି ପରିଷଦ ପକ୍ଷରୁ ଫେଲୋସିପ୍ ଦାୟିତ୍ୱରେ ଥିବା ଏକାଡେମିକ୍ କନସଲ୍‌ଟାଣ୍ଟ ଡ. ମିହିର କୁମାର ଦାସ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଫେଲୋସିପ୍ ପାଇପାରୁଥିଲେ। ସମୁଦାୟ ତିନିଶହ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାର ପ୍ରାବଧାନ ଥିଲେ ମଧ୍ୟ କୌଣସି ବର୍ଷ ଏହି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟକୁ ଏଥର ସାମିଲ କରାଯାଇଛି। କୃଷି ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଏଟି), ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ) ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପରି ବିଭିନ୍ନ ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର ଗବେଷଣାରତ ଛାତ୍ରଛାତ୍ରୀମାନେ ଏହି ଫେଲୋସିପ୍ ପାଇଁ ଆବେଦନ କରିପାରିବେ।

■ ପିଏଚ୍‌ଡି ପଞ୍ଜୀକରଣ ବାଧ୍ୟତାମୂଳକ
■ ହେବନି ପ୍ରବେଶିକା ପରୀକ୍ଷା
■ ୨୦୨୪-୨୫ରେ ବାହାରିନି ବିଜ୍ଞପ୍ତି; ଫେରିଯିବ ୧୦କୋଟି ୮୦ ଲକ୍ଷ

ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଗବେଷଣା କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିବା ମଧ୍ୟ ଆଶାୟୀମାନେ ଅଭିଯୋଗ କରିଛନ୍ତି। ୨୦୨୩-୨୪ରେ ପ୍ରବେଶିକା ପରୀକ୍ଷା କରିବା ଦ୍ୱାରା ଅନେକ ପିଏଚ୍‌ଡି ଛାତ୍ରଛାତ୍ରୀ ଫେଲୋସିପ୍ ପାଇ ପାରିନଥିଲେ। ହେଲେ ଏହା ପରେ ୨୦୨୪-୨୫ ଶିକ୍ଷାବର୍ଷରେ ଫେଲୋସିପ୍ ପାଇଁ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇ ନାହିଁ। ଗୋଟିଏ ବର୍ଷ ଅନ୍ତରରେ ଚଳିତବର୍ଷ ବିଜ୍ଞପ୍ତି ବାହାରିଛି। ଫଳରେ ୩ଶହ ଛାତ୍ରଛାତ୍ରୀ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ପ୍ରାୟ ୧୦କୋଟି ୮୦ଲକ୍ଷ ଟଙ୍କାର ଅନୁଦାନ ବିନିଯୋଗ ହୋଇପାରିନାହିଁ।

ଅନ୍ୟପଟେ, ପୂର୍ବରୁ ୧୫ଟି ବିଶ୍ୱବିଦ୍ୟାଳୟ ଏଥିରେ ସାମିଲ ହୋଇଥିବା ବେଳେ ଚଳିତଥର ଏହାକୁ ୨୬କୁ ବଢ଼ାଯାଇଛି। ତେଣୁ ସେହି ଅନୁପାତରେ ଅଧିକ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାକୁ ବ୍ୟବସ୍ଥା କରିବା ସହ ଚଳତବର୍ଷ ୬ଶହ ପିଲାଙ୍କୁ ଫେଲୋସିପ୍ ଦେବାକୁ ଦାବି କରିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡରେ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପିଲାଙ୍କୁ ମାସକୁ ୨୫ ହଜାର ଲେଖାଏଁ ପ୍ରଦାନ କରାଯାଉଛି। ଫଳରେ ସେମାନେ ଗବେଷଣା କରିବାକୁ ପ୍ରୋତ୍ସାହନ ପାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ପିଲାଙ୍କୁ ୨୫ହଜାର ଲେଖାଏଁ ଅନୁଦାନ ପ୍ରଦାନ କରିବା ସହ ଗବେଷଣା କରୁଥିବା ସମସ୍ତ ପିଲାଙ୍କୁ ଏହି ଫେଲୋସିପ୍ ପ୍ରଦାନ କରାଗଲେ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶାୟୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ମେ ୨୯ ତାରିଖରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁନ୍ ୨୪ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ।

## ରାଜଧାନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ



**ନଡ଼ିଆ ବାହୁଙ୍ଗା ପଡ଼ି ଇଞ୍ଜିନରେ ଲାଗିଲା ନିଆଁ**

ବସ୍ତା ବ୍ଲକ/ରାଜଘାଟ, ୪।୬ (ସମିସ): ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ୨୨୮୧୧ତେଜସ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନରେ ଲାଗିଲା ନିଆଁ। ଆଜି ଏହି ଟ୍ରେନ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ଅପରାହ୍ନ ପ୍ରାୟ ୨ଟାରେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଜୋର ପବନରେ ଏକ ନଡିଆ ବାହୁଙ୍ଗା ଉଡି ଆସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗିଥିଲା। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଲୋକୋ ପାଇଲଟ ଟ୍ରେନକୁ କ୍ୟାବିନ ନିକଟରେ ଅଟକାଇ ଥିଲେ। ଏଣେ ଟ୍ରେନରେ ନିଆଁ ଲାଗିଥିବା ଖବର ଜାଣିବାକୁ ପାଇ ଯାତ୍ରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବାବେଳେ ରେଳ ବିଭାଗ ପକ୍ଷରୁ ଏମିତି ବଡ ଘଟଣା ହୋଇ ନ ଥିବା ବେଳେ ଯାଞ୍ଚ ପରେ ଟ୍ରେନ ପୁଣି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଛଡ଼ାଯିବାର ଘୋଷଣା କରାଯାଇଥିଲା। ରୂପସା ଷ୍ଟେସନ୍‌ରୁ ଟାୱାର ଗାଡ଼ି ଡକାଇ ଟ୍ରେନ ଇଞ୍ଜିନରେ ଥିବା ନଡ଼ିଆ ବାହୁଙ୍ଗାକୁ ସଫା ସହିତ ଟ୍ରେନ ସମସ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ପରେ ଟ୍ରେନ୍ ୩ ଟା ୪୦ରେ ବସ୍ତା ଷ୍ଟେସନ ଛାଡିଥିଲା।

■ ରଥଖଳାରୁ...

# ଅଖ ଉପରେ ଦଣ୍ଡା ପଡ଼ିଲା



ପୁରୀ,୪।୬(ସମିସ): ଆସନ୍ତା ୨୭ ତାରିଖରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ତିଆରି ଚାଲିଛି। ପୂର୍ବରୁ ଚକ, ଅଖ ଡେରା ସରିଥିବାବେଳେ ବୁଧବାର ଅଖ ଉପରେ ଦଣ୍ଡା ପଡ଼ିଛି। ଦଣ୍ଡାଗୁଡ଼ିକ ଅଖକୁ ସ୍ପର୍ଶ କରୁଥିବା ସ୍ଥାନରେ ଦଣ୍ଡାର ତଳପଟେ ଅର୍ଦ୍ଧ ଚନ୍ଦ୍ରାକାର ଭଳି କଟାଯାଇ ସେଠାରେ ସେଟ୍ କରାଯାଇଛି। ଦଣ୍ଡା ଏବଂ ଅଖକୁ ଦଉଡ଼ିରେ ଟାଣ ଦେଇ ବନ୍ଧାଯାଇଛି। ପଞ୍ଚଦଣ୍ଡା ଆଗ ଏବଂ ପଛରେ ମୁହାଁଟ ସଂଯୋଗ ହେବ। ଆଗ ମୁହାଁଟରେ ସାଲଗୁଜ ଏବଂ ପଛ ମୁହାଁଟରେ ଜଳଯନ୍ତ୍ର ବସିବା ସହ ଗୁଜ ଉପରେ ନିରାଡ଼ି ଉଠିବ। ଏହାପରେ ପଞ୍ଚଦଣ୍ଡାରେ କଣ୍ଟା ବାଡ଼ାଯିବ। ଅଖ ଉପରେ ଦଣ୍ଡା ଫ୍ରେମ୍ ମଜଭୁତ ପାଇଁ ଭୋଇ, କମାର ଏବଂ ମହାରଣା ସେବକ କଣ୍ଟା ବାଡ଼େଇବେ। ଗୁରୁବାର ଏହି କଣ୍ଟାବାଡ଼ା କାମ ଆରମ୍ଭ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ଜଗତପୃଷ୍ଠ ଶ୍ରେଣୀ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୋଲ ଗୟଳ ଚଉପଟ କରାଯାଉଛି। ରୂପକାର ସେବକମାନେ ସିଂହାସନ ମୁହାଁଟି ଖୋଦେଇ କରିଛନ୍ତି। ତାଳଧ୍ୱଜ ରଥର ସିଂହାସନରେ ମାଛ ଥାଇ ପୂର୍ଣ୍ଣ କୁମ୍ଭ, ଡାଳିଲତା, ହଂସ ଏବଂ ପଦ୍ମ ପାଖୁଡ଼ାର ଚିତ୍ର ଖୋଦେଇ ହେଉଥିବାବେଳେ ଦେବଦଳନ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣକୁମ୍ଭ, ପଦ୍ମ ଡାଳି ଓ ମୟୂର ସହ ପୁଚ୍ଛ ଏବଂ ନନ୍ଦିଘୋଷ ରଥ ସିଂହାସନରେ ମାଛ ସହ ପୂର୍ଣ୍ଣକୁମ୍ଭ, ପଦ୍ମ ଡାଳି, ହାତୀ, ପଦ୍ମ ପାଖୁଡ଼ା ଚିତ୍ର ଖୋଦେଇ ହେଉଛି। ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଗୟଳ ଏବଂ ଜୋକା କଣ୍ଟା ତିଆରି କରୁଛନ୍ତି। ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

# ନିମାପଡ଼ା: ଚରମ ସୀମାରେ ଅପା-ଭାଇନା କନ୍ଦଳ

## ବର୍ଷକ ମଧ୍ୟରେ ମାଟି ମୁଠାଏ ପଡ଼ିନି, ପିସି କାରବାର ବଢ଼ିଛି: ସମୀର

ପୁରୀ: ୪।୬(ସମିସ): ବର୍ଷକ ମଧ୍ୟରେ ଘଟିଛି ମୋହଭଙ୍ଗ । ନିମାପଡ଼ାରେ ଅପା ଓରଫ୍ ପ୍ରଭାତୀ ପରିଡ଼ା ଓ ଭାଇନା ଓରଫ୍ ସମୀର ରଞ୍ଜନ ଦାସଙ୍କ ମଧ୍ୟରେ ରହିଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି । ବିଜେପିର ବର୍ଷ ପୂର୍ତ୍ତି ଅବସରରେ ନିମାପଡ଼ାରେ 'ଉତ୍କର୍ଷ ନିମାପଡ଼ା' ଆୟୋଜନ ପରେ ବିସ୍ଫୋରକ ବୟାନ ଦେଇଛନ୍ତି ବିଜେପିର ନୂଆ ନେତା ସମୀର ରଞ୍ଜନ ଦାଶ। ଅପା-ଭାଇନାଙ୍କ ମଧ୍ୟରେ ଫାଟ ନେଇ ଦୀର୍ଘଦିନ ଧରି ଯେଉଁ ଚର୍ଚ୍ଚା ଚାଲିଥିଲା ତାହା ଆଜି ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି। ନିମାପଡ଼ାର ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପରେ ବୁଲେଇ ବଙ୍କେଇ ବର୍ଷିଛନ୍ତି ସମୀର। ନିମାପଡ଼ାର ବିକାଶ ନେଇ ଅପାଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ଭାଇନା।

ସମୀର କହିଛନ୍ତି ଯେ ୧୫ ବର୍ଷ ଭିତରେ ଯାହା ସମସ୍ୟା ଦେଖିଥିଲି ସେ ସବୁର ସମାଧାନ ପାଇଁ ଚେଷ୍ଟା କରିଛି। ଆଉ ଯାହା ବି ରହିଛି ତାହା ଉତ୍କର୍ଷ ନିମାପଡ଼ା ହେଉ ବା ଯେ କୌଣସି ମାଧ୍ୟମରେ ହେଉ ଆସନ୍ତା ୪ ବର୍ଷ ମଧ୍ୟରେ ଏହା ହେବ ଆମେ କେବଳ ପ୍ରଚଣ୍ଡ ଆଶାବାଦୀ ନୁହେଁ, ତୁରନ୍ତ କରିବାକୁ ଦାବି କରୁଛୁ। ବର୍ଷେ ପଳାଇଲା ହେଲେ କିଛି ବି ହୋଇ ପାରିଲା ନାହିଁ। ବର୍ଷେ ପରେ ବି ନିମାପଡ଼ାରେ ମାଟି ମୁଠାଏ ପକାଇ ନାହିଁ, ଯାହା ବି ହୋଇଛି ତାହା ମୋ ସମୟର ଅର୍ଥାତ୍ ପୂର୍ବ ସରକାରର ଅର୍ଥରେ ହୋଇଛି। ଯେଉଁ କାମର ଶୁଭ ଦିଆଯାଇଛି ସେ ଟଙ୍କା ୨୦୨୨-୨୩ ଓ ୨୦୨୩-୨୪ରେ ମଞ୍ଜୁର ହୋଇଥିଲା। ନୂଆ ଯୋଜନା କି କାମ କିଛି ବି ମଞ୍ଜୁର ହୋଇନି। ଏତଦ୍‌ବ୍ୟତୀତ ନିମାପଡ଼ା ଏବଂ ଗୋପରେ ପିସି କାରବାର ବଢ଼ିଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣିଛନ୍ତି ସମୀର। ସେ କହିଛନ୍ତି, ୧୫ ବର୍ଷ ଭିତରେ ନିମାପଡ଼ା ଓ ଗୋପରେ ଏମ୍‌ଏଲ୍‌ଏ ଏବଂ ଏମ୍‌ପି ଲ୍ୟାଡ୍‌ରେ ପିସି ଯାଉ ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଣି ଏବଂ ଯେତେ କମ୍ୟୁନିଟି ସେଣ୍ଟର ହେଉଥିଲା ସେଥିରେ ବି ପିସି ଯାଉ ନ ଥିଲା। ଅଫିସରମାନେ ପିସି ମାଗିବାକୁ ସାହସ କରୁ ନ ଥିଲେ। ମୁଁ ରୋକ୍‌ଠୋକ୍ ମନା କରି ଦେଇଥିଲି। ଏବେ ବର୍ଷକ ଭିତରେ ବିନା ପିସିରେ ଏମ୍‌ଏଲ୍‌ଏ ଲ୍ୟାଡ୍‌ର ବିଲ୍ ହେଉନି ବୋଲି ତାତ୍ସଲ୍ୟ କରିଛନ୍ତି ସମୀର।

## ଦୁଇ ଗୋଷ୍ଠୀ ପାଳନ କଲେ ଭିନ୍ନଭିନ୍ନ ଉତ୍ସବ

ଚାରିଛକ,୪।୬(ସମିସ): କେନ୍ଦ୍ରରେ ବିଜେପି ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରର ୧ବର୍ଷ ପୂର୍ତ୍ତି ଉତ୍ସବ ନିମାପଡ଼ା ବିଜେପିରେ ରହିଥିବା ନୂଆ-ପୁରୁଣା ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ଫାଟକୁ ଆହୁରି ମେଲାଇ ଦେଇଛି ।



ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ବିଜେପିର ପୁରୁଣା ଗୋଷ୍ଠୀର ନେତାମାନେ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନ କରୁଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଥିବା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅନୁଗତ ଗୋଷ୍ଠୀ ପକ୍ଷରୁ ମଧ୍ୟ ସମାନ୍ତରାଳ ବନ୍ଧୁମିଳନ ଓ ସମାବେଶ ଅନୁଷ୍ଠିତ ହେଉଛି। ବିଜେପିର ଦୁଇ ଗୋଷ୍ଠୀର ସମାନ୍ତରାଳ ସମାବେଶ ଦଳରେ ଥିବା ନୂଆ-ପୁରୁଣା ପାର୍ଥକ୍ୟକୁ ସ୍ପଷ୍ଟ କରି ଦେଇଛି ।

ଗୋଟିଏ ଦିନରେ ନିମାପଡ଼ା ନୂତନ ବାରବାଟୀ ପଡ଼ିଆରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ଉତ୍କର୍ଷ ନିମାପଡ଼ା-୨୦୨୫' ମହାସମାରୋହରେ ପାଳନ କରୁଥିବାବେଳେ ଦଳର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତରେ ଆଉ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିଶେଷ କରି ସମୀରଙ୍କ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ଜୀବନାନନ୍ଦ ମହାପାତ୍ର, ଅଜୟ ସ୍ୱାଇଁ, ରମାରମଣ ଦେବ ପାତ୍ର, ଅମ୍‌ଜାଦ ଖାଁ, ସେକ୍ ଚାନ୍ଦ, ପ୍ରକାଶ ସାହୁ, ସୂର୍ଯ୍ୟନାରାୟଣ ପରିଡ଼ା, ରାକେଶ ବେହେରା, ପ୍ରଫୁଲ୍ଲ ପାତ୍ର, ନଳିନୀକାନ୍ତ ନାୟକ, ରଚିଦାନନ୍ଦ ଖଟୋଇ, ମହେନ୍ଦ୍ର ମହାପାତ୍ର, ଦୀନବନ୍ଧୁ ସାହୁ, ଅରକ୍ଷିତ ଭୋଇ, ସମିତିସଭ୍ୟା ସସ୍ମିତା ପାତ୍ର, ସନ୍ଦୀପ ପାଇକାରାୟଙ୍କ ସମେତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଅଂଶ ଗ୍ରହଣ କରିବା ପରୋକ୍ଷରେ ପ୍ରଭାତୀଙ୍କ ପଡିଆରା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି କୁହାଯାଉଛି ।

■ ପୁଅର ନାମଲେଖା ଟଙ୍କାରେ ମଦ ପିଇବାକୁ ଜିଦ୍

# ସ୍ତ୍ରୀ ଓ ପୁଅକୁ ହାଣି ସ୍ୱାମୀ ଗିରଫ

କଟକ, ୪।୬(ସମିସ): ପୁଅର ନାମ ଲେଖା ଟଙ୍କାରେ ମଦ ପିଇବାକୁ ଜିଦ୍ କରିବା ସହ ଟଙ୍କା ନ ପାଇ ସ୍ତ୍ରୀ ଓ ପୁଅକୁ ହାଣିବାକୁ ପଛାଇ ନାହିଁ ମଦ୍ୟପ ସ୍ୱାମୀ। ଘର ଭିତରେ ଏଭଳି ଉନ୍ମତ୍ତ କାଣ୍ଡ ଭିଆଇଥିବା ଅଭିଯୁକ୍ତ ବାପା ପ୍ରଶାନ୍ତ ସାହୁକୁ ଆଜି ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ପ୍ରଶାନ୍ତଙ୍କ ପତ୍ନୀ କେ ଲଳିତା ଓ ପୁଅ

■ ଟଙ୍କା ନ ଦେବାରୁ ଘର ଭିତରେ ମରଣାନ୍ତକ ଆକ୍ରମଣ

ପ୍ରଥମଙ୍କୁ ଗୁରୁତର ଅବସ୍ଥାରେ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ରକୁ ପୁଲିସ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ପୁଲିସର ସୂଚନା ମୁତାବକ, କେଶରପୁର ମହାନ୍ତି ଲେନରେ ପରିବାର ସହ ରହୁଥିବା ପ୍ରଶାନ୍ତ ବିଭିନ୍ନ କମ୍ପାନୀ ପାଇଁ ନେଟୱାର୍କିଂ କାମ କରନ୍ତି। ପତ୍ନୀ ଲଳିତା ଟେଲରିଂ କାମ କରୁଥିବା ବେଳେ ପୁଅ ପ୍ରଥମର ଯୁକ୍ତ ଦୁଇ ପଢ଼ା ଶେଷ ହୋଇଛି। ପ୍ରଶାନ୍ତ ଓ ଲଳିତାଙ୍କ ଭିତରେ କଳିକଜିଆ ବହୁ ପୁରୁଣା। ଉଭୟଙ୍କ ଭିତରେ ଏକାଧିକ କାରଣ ଯୋଗୁଁ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା। ପ୍ରଶାନ୍ତ ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ନିର୍ଯାତନା ଦେଇ ଆସୁଥିବା ପୂର୍ବରୁ ଅଭିଯୋଗ ରହିଛି। ଏହି ପରିବାର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ରହୁଥିବା ବେଳେ ସେଠାରେ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। ପତ୍ନୀ ଲଳିତା କ୍ୟାଣ୍ଟନମେଣ୍ଟ ଓ ମହିଳା ଥାନାରେ ପୂର୍ବରୁ ଅଭିଯୋଗ କରିଥିଲେ। ଗତ ୨ ତାରିଖ ଭୋର ସମୟର ଘଟଣା। ପ୍ରାୟ ୪ଟା ବେଳେ ପୁଣି ଥରେ ଏହି ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିକଟରେ ଯୁକ୍ତ ଦୁଇ ସରିଥିବା ପୁଅର ଯୁକ୍ତ ତିନିରେ ନାମ ଲେଖା ପାଇଁ ଲଳିତା ଟଙ୍କା ରଖିଥିଲେ। ଏହି ଟଙ୍କା ନେବାକୁ ପ୍ରଶାନ୍ତ ଅଡ଼ି ବସିଥିଲେ। ନିଶାସକ୍ତ ଅବସ୍ଥାରେ ଥିବା ପ୍ରଶାନ୍ତ ଟଙ୍କା ନ ପାଇବାରୁ ଉତ୍ତ୍ୟକ୍ତ ହୋଇ ପତ୍ନୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ବାପା-ମା'ଙ୍କ ଏହି କଳି ଭିତରେ ପୁଅ ପଶିଆସିଥିଲା। ମା'କୁ ବଞ୍ଚାଇବାକୁ ଯାଇ ପୁଅ ପ୍ରଥମ ଆକ୍ରମଣର ଶିକାର ହୋଇଥିଲା। ତା ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଘର ଭିତରେ ନିଶାସକ୍ତ ଅବସ୍ଥାରେ ପ୍ରଶାନ୍ତ ଉଭୟ ମା' ଓ ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଘର ସାରା ରକ୍ତ ପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ପୁଲିସ ସହାୟତାରେ ମା'ପୁଅଙ୍କୁ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ପରେ ଲଳିତା ସ୍ୱାମୀଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିବା ପରେ ପ୍ରଶାନ୍ତ ଫେରାର ହୋଇଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ପ୍ରଶାନ୍ତଙ୍କ ଘରେ ପହଞ୍ଚି ଘର ସାରା ପଡ଼ିଥିବା ରକ୍ତ ନମୁନା ସଂଗ୍ରହ କରିବା ସହ ଧାରୁଆ ଅସ୍ତ୍ର ଜବତ କରିଥିଲା। ଆଜି ରାଣୀହାଟ ଅଞ୍ଚଳରୁ ଅଭିଯୁକ୍ତ ପ୍ରଶାନ୍ତକୁ ପୁଲିସ ଗିରଫ କରିଛି।

# ଜେଇଇ ଆଡଭାନ୍ସଡ୍‌ରେ 'ଓଏଭି'ର ୯ ଜଣ କୃତକାର୍ଯ୍ୟ

ଭୁବନେଶ୍ୱର,୪।୬(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୯ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କଟକ ଜିଲ୍ଲା ଡମପଡ଼ା ବ୍ଲକ୍ ଗୋବିନ୍ଦପୁର ଓଏଭିର ଛାତ୍ର ଜ୍ୟୋତି ପ୍ରକାଶ ସାମନ୍ତରାୟ ସର୍ବଭାରତୀୟସ୍ତରରେ ୧୦୪୬୫ ତମ ସ୍ଥାନରେ ରହି ଆଗରେ ରହିଛନ୍ତି। ତାଙ୍କ ପଛକୁ ବଲାଙ୍ଗୀର ଖପ୍ରାଖୋଲ୍ ଓଏଭିର ଓମ୍ ପ୍ରସାଦ ସାହୁ, ମୟୂରଭଞ୍ଜ କପ୍ତିପଦା ବ୍ଲକ୍ ଭାଲୁବସା ଓଏଭିର ଅଜୟ କୁମାର ମହୁରୀ, କଳାହାଣ୍ଡି କେସିଙ୍ଗା ମଶାଣିମୁଣ୍ଡା ଓଏଭିର ଚନ୍ଦ୍ର ଶେଖର ହରପାଲ, ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ବାହୁପଦର ଓଏଭିର ଭି ଲକ୍ଷ୍ମୀ ରାଜୁ, ଗଞ୍ଜାମ ସୋରଡ଼ା ଓଏଭିର ହରିହର ସେଠୀ ଓ ଆସ୍କା ବ୍ଲକ୍ ନିମିନା ଓଏଭି ସୁଭମ୍ ପାତ୍ର, ଢେଙ୍କାନାଳ କାମାକ୍ଷାନଗର ବ୍ଲକ୍ ଜଣ୍ଟାରିବୋଲ୍ ଓଏଭିର ଶ୍ରୀକୃଷ୍ଣ ଦିବ୍ୟଦର୍ଶିନୀ ବେହେରା ଏବଂ ଗଞ୍ଜାମ ଖଲ୍ଲିକୋଟ୍ ବ୍ଲକ୍ ବାଉରିଗଣ୍ଡପାଲି ଓଏଭିର ସୌମ୍ୟରଞ୍ଜନ ଦାସ୍ ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ଦେଶର ବିଭିନ୍ନ ଆଇଆଇଟିରେ ପଢ଼ିବା ପାଇଁ କାଉନ୍‌ସେଲିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ।

# ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଯିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୪।୬(ସମିସ): ଏକ୍ ପେଡ୍ ମା' କେ ନାମ୍ ଅର୍ଥାତ୍ 'ମା'ଙ୍କ ନାମରେ ଗୋଟିଏ ଗଛ' ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା। ଚଳିତବର୍ଷ ଏହି ବୃହତ୍ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମାଙ୍କ ନାମରେ ଗୋଟିଏ ଗଛ ୨.୦'ର ଶୁଭାରମ୍ଭ ହେଉଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି



ନିଜର ମା'ଙ୍କ ନାମରେ ଗଛଟିଏ ଲଗାଇ ଯତ୍ନ ନିଅନ୍ତୁ

ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି। ଏହା କେବଳ ଏକ ଗଛ ନୁହେଁ, ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଛକ ପ୍ରମାଣ। ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି। ତେଣୁ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ। ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ। ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହାଣୀ ଅନ୍ୟମାନଙ୍କୁ କୁହନ୍ତୁ। ଯେତେବେଳେ ଜନୈକ ବ୍ୟକ୍ତି ଗୋଟିଏ ଗଛ ଲଗାଉଛନ୍ତି, ସେତେବେଳେ ଏକ ଆଶାର ସଂଚାର ସୃଷ୍ଟି ହେଉଛି ଏବଂ ଏହି ଆଶାର ସଂଚାର ଆସନ୍ତାକାଲି ଏକ ସବୁଜ ଆନ୍ଦୋଳନର ସୂତ୍ରପାତ କରିବ ବୋଲି ଶ୍ରୀ ପ୍ରଧାନ ବିଶ୍ୱାସ ପ୍ରକଟ କରିଛନ୍ତି।

# ଏସ୍‌ସିବି ଡାକ୍ତର କରୋନା ଆକ୍ରାନ୍ତ

## ସହରାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧ ଛୁଇଁଲା

କଟକ/ଭୁବନେଶ୍ୱର,୪।୬(ସମିସ): କଟକ ସହରାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏପରିକି ଏହା ଭିତରେ ବଡ଼ ମେଡିକାଲର ଜଣେ ଡାକ୍ତର ମଧ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତ ଡାକ୍ତର ଜଣକ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସହରରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏସସିବି ମେଡିକାଲରଙ୍କ ଡାକ୍ତରଙ୍କ ବ୍ୟତୀତ କଲ୍ୟାଣୀନଗର, ସିଡିଏ ସେକ୍ଟର- ୯, ଶଙ୍କରପୁର, ଯୋବ୍ରା, କଲେଜ ଛକ, ମର୍କତନଗର, ତେଲେଙ୍ଗା ବଜାର, ମଠସାହି ଅଞ୍ଚଳର ଆକ୍ରାନ୍ତ ରହିଛନ୍ତି। ଏଥିସହ ସହରାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି।

ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ଆମ ରାଜ୍ୟରେ କରୋନା ସଂପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଅଛି। ବର୍ତ୍ତମାନ ସୁଦ୍ଧା କୌଣସି ମାର୍ଗଦର୍ଶିକା ଆସିନି। ପୁରୁଣା ମାର୍ଗଦର୍ଶିକାକୁ ଅନୁପାଳନ କରାଯାଇ ଚିକିତ୍ସା କରାଯାଉଛି। କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

# ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍‌ବେଗଜନକ: ବିଜେଡି

ଭୁବନେଶ୍ୱର,୪।୬(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଗୋଟିଏ ଦିନରେ ୬ଜଣ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ସରକାରଙ୍କୁ ଘେରିଛି ବିଜେଡି। ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦବେଗଜନକ ବୋଲି ଦଳ ଅଭିଯୋଗ କରିଛି। ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକ୍କା ଓ ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରମୁଖ ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରଙ୍କୁ ଘେରିଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁଁ ଆଇସିୟୁରେ ୫ଜଣ ଓ ୱାର୍ଡରେ ଜଣେ ରୋଗୀ ଅକାଳ ମୃତ୍ୟୁବରଣ କରିବା ଘଟଣା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରିଛି । ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକମାନେ



■ ନିରପେକ୍ଷ ତଦନ୍ତ ଓ ଶ୍ୱେତପତ୍ର ଜାରି କରନ୍ତୁ ସରକାର
■ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ର ମୁହାଁ ହେଉଥିଲେ। ଏହାକୁ ଅନୁଭବ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନର ସରକାର ଏକ ବର୍ଷ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ୍ୟ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ର ପଦାରେ ପକାଇଛି। ଏହି ସମ୍ବେଦନଶୀଳ ଘଟଣା ରୋଗୀ ଓ ତାଙ୍କ ସଂପର୍କୀୟମାନଙ୍କୁ ନିରାଶ କରିବା ସହ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତୁରନ୍ତ ସରକାର ଏ ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ସେହିପରି କୋରାପୁଟ ଜିଲ୍ଲା ବିଜେଡି ସଭାପତି ଶ୍ରୀ ହିକକ୍କା କହିଥିଲେ ଯେ ଅତୀତରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ବେଳେ ଆଜି ଏଭଳି ସ୍ଥିତି ପାଇଁ ସରକାରୀ ଅବହେଳା ଦାୟୀ। ପୂର୍ବତନ ବିଧାୟକ ଶ୍ରୀ ପୋଡାଲ ମଧ୍ୟ ସରକାରୀ ଅବହେଳାକୁ ଦାୟୀ କରି ପ୍ରବଳ ବର୍ଷିଛନ୍ତି। ଭୁଲ୍ ଚିକିତ୍ସା ପାଇଁ ଦାୟୀ କିଏ, ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନଚେତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଭରଷା ତୁଟି ଯିବ ବୋଲି ସେ ଚେତାବନୀରେ କହିଛନ୍ତି।

# ସାବଧାନ! ନକଲି ୱେବ୍‌ସାଇଟ୍ ଜାଲ ବିଛାଇଛନ୍ତି ସାଇବର ଠକ

କଟକ,୪।୬(ସମିସ): ଭିନ୍ନ ଭିନ୍ନ ଉପାୟରେ ସାଧାରଣ ଲୋକଙ୍କୁ ଠକିବା ପାଇଁ ସାଇବର ଠକ ମାନେ ଜାଲ ବିଛାଇଛନ୍ତି। ଏପରିକି ଅନେକ ଲୋକ ଠକେଇର ଶିକାର ହେବା ପରେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହେଉଛନ୍ତି। କିଛି ଦିନ ଧରି ନକଲି ୱେବସାଇଟ ଓ ମୋବାଇଲ ଆପ୍ଲିକେସନ ଜରିଆରେ ସାଇବର ଅପରାଧୀମାନେ ସହଜରେ ଲୋକଙ୍କୁ ଠକିଆସୁଥିବା ଦେଖିବାକୁ ମିଳିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ହାତଗଣତି କେତେକ ଠକେଇ ଘଟଣାର ପର୍ଦ୍ଦାଫାସ କରାଯାଇଥିଲେ ମଧ୍ୟ ଅନେକ ଠକେଇର ଚେର ଖୋଜି ପାଉନି ତଦନ୍ତକାରୀ ସଂସ୍ଥା। ତେବେ ନକଲି ୱେବସାଇଟ ଜାଲରେ ସହଜରେ ଲୋକେ ପଡି ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି।

ସୂଚନାନୁସାରେ, ନକଲି ଓ ଅସଲି ୱେବସାଇଟର ହୋମପେଜରେ ସାମଞ୍ଜସ୍ୟ ରହୁଛି। ଏହାର ଲିଙ୍କ୍‌କୁ ନ ପରଖି ସାଧାରଣ ଲୋକେ ଅସଲି ଭାବି କ୍ଲିକ କରୁଥିବାରୁ ଠକାମିରେ ପଡୁଛନ୍ତି। ଦିନକୁ ଦିନ ଏହି ଅପରାଧ ବଢିବାରେ ଲାଗିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ଘଟୁଥିବା ବେଳେ ସାଇବର ଅପରାଧର ତରିକା ମଧ୍ୟ ବଦଳିବାରେ ଲାଗିଛି। ଫେକ୍ ୱେବସାଇଟ ଜରିଆରେ ହେଉଥିବା ଠକେଇ କ୍ରାଇମବ୍ରାଞ୍ଚ ପାଇଁ ଏକ ଆହ୍ୱାନ ହୋଇଛି। ରାଜ୍ୟରେ ବିଗତ ୫ବର୍ଷ ମଧ୍ୟରେ ପ୍ରାୟ ୧୦ରୁ ଅଧିକ ୱେବସାଇଟକୁ ନକଲ ବା କ୍ଲୋନିଂ କରାଯାଇ ଠକେଇ ଘଟଣା ମଧ୍ୟ ପଦାକୁ ଆସିଛି। ହେଲେ ଏହାର ମୂଳ



ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପହଞ୍ଚିବାକୁ ସକ୍ଷମ ହେଉନାହିଁ। ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବାନୁସାରେ, ଠକେଇ ପୂର୍ବରୁ ଏଥିପାଇଁ ସତର୍କତା ଅବଲମ୍ବନ କରିବା ହେଉଛି ବୁଦ୍ଧିମତାର ପରିଚୟ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସତ୍ତ୍ୱେ ଲୋକେ ଅଜାଣତରେ ବି ସାଇବର ଲୁଟେରାଙ୍କ ଠକେଇ ଜାଲରେ ପଡିଆସୁଛନ୍ତି। ଏବେ ସାଇବର ଅପରାଧୀମାନେ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ନିକଟରେ ମଧ୍ୟ ପୁରୀ ନୀଳାଦ୍ରି ଭକ୍ତ ନିବାସ ନାଁରେ ନକଲି ୱେବସାଇଟ କରି ଲୋକଙ୍କୁ ଠକୁଥିବା ସାଇବର ଲୁଟେରାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଆଗକୁ ରଥଯାତ୍ରା ଆସୁଥିବାରୁ ପୁରୀକୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ଦେଶ ବିଦେଶରୁ ବହୁ ଲୋକ ଆସିବେ। ତେବେ ରହଣି ପାଇଁ ଲୋକେ ବିଭିନ୍ନ ସର୍ଚ୍ଚ ଇଞ୍ଜିନରେ ହୋଟେଲ, ଲଜିଂ ଆଦି ସର୍ଚ୍ଚ କରିବେ। ସାଇବର ଠକ ମାନେ ଏଭଳି ସମୟର ସୁଯୋଗ ନେଇ ବିଭିନ୍ନ ହୋଟେଲ, ଲଜିଂ ନାମରେ ନକଲି ୱେବସାଇଟର ଜାଲ ବିଛାଇ ନ ଥିବେ ତାହାକୁ ଏଡାଯାଇ ନ ପାରେ ବୋଲି କୁହନ୍ତି ବିଭାଗୀୟ ଅଧିକାରୀ। ପାର୍ଟ ଟାଇମ ଜବ୍ ନାଁରେ ଠକୁଥିବା ସାଇବର ଅପରାଧୀଙ୍କ ରାକେଟ ଏବେ ବି ରାଜ୍ୟରେ ସକ୍ରିୟ ଥିବା ମଧ୍ୟ ଜଣାପଡିଛି। ସାଇବର ଅପରାଧୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେମାନଙ୍କ ନକଲି ୱେବସାଇଟର ପ୍ରମୋସନ କରାଇ ଆସୁଛନ୍ତି। ବିଗତ ଦିନରେ କଟକରେ ମଧ୍ୟ ଜଣେ ଲୁଣ ବ୍ୟବସାୟୀ ଆମାଜନ ନାମରେ ପ୍ରସ୍ତୁତ ହୋଇଥିବା ନକଲି ୱେବସାଇଟ ଜାଲରେ ପଡି ୧୫ ହଜାର ଟଙ୍କା ହରାଇବାର ନଜିର ରହିଛି। ଏପରିକି ତାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଏହି ୱେବସାଇଟ ଜରିଆରେ ଲୁଟ କରାଯାଇଥିଲା। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନ ଅଭିଯାନ ନାମରେ ନକଲି ୱେବସାଇଟ ଖୋଲାଯାଇଥିବାର ନଜିର ରହିଛି। ପୂର୍ବରୁ ଧାମରା ବନ୍ଦରରେ ନିଯୁକ୍ତି ପାଇଁ ପ୍ରଶିକ୍ଷଣ, ବନ ଉନ୍ନୟନ ନିଗମ, ରେଳବାଇ ନିଯୁକ୍ତି ବୋର୍ଡ ଓ କେତେକ ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ନାମରେ ନକଲି ୱେବସାଇଟ ଖୋଲି ସାଇବର ଅପରାଧୀମାନେ ବିପୁଳ ଅର୍ଥ ଠକି ନେଇଥିବାର ଅଭିଯୋଗ କ୍ରାଇମବ୍ରାଞ୍ଚରେ ହୋଇସାରିଛି। ନକଲି ୱେବସାଇଟ ପ୍ରସ୍ତୁତକର୍ତ୍ତା ମେସେଜ ପଠାଇ ରେଜିଷ୍ଟ୍ରେସନ ପାଇଁ ଦେଉଥିବା ଲିଙ୍କରେ କ୍ଲିକ କରିବାକୁ କହୁଛନ୍ତି। ପ୍ରଶିକ୍ଷଣ, ନିଯୁକ୍ତି କିମ୍ବା ନାମଲେଖାଇବା ପାଇଁ ଅର୍ଥ ପଇଠ କରିବାକୁ କୁହାଯାଉଛି। ରାଜ୍ୟର ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କୁ ଠକିବା ପାଇଁ ଏଭଳି ଅଭିନବ ଉପାୟ ଅବଲମ୍ବନ କରାଯାଉଛି। ଏପରିକି ମୋବାଇଲକୁ ମଧ୍ୟ ମେସେଜ ପଠାଇ ସାଇବର ଅପରାଧୀମାନେ ଲୋକଙ୍କୁ ସେମାନଙ୍କ ଜାଲରେ ଫସାଉଛନ୍ତି।

# +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର,୪।୬(ସମିସ): +୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ଦୁଇଦିନ ବଢ଼ିଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପିଲାମାନେ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫର୍ମପୂରଣ କରିପାରିବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବ ବିଜ୍ଞପ୍ତି ଅନୁଯାୟୀ, ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

# କଂଗ୍ରେସ ପକ୍ଷରୁ ପରିବେଶ ପ୍ରଦୂଷଣ କମିଟି ଗଠନ

ଭୁବନେଶ୍ୱର,୪।୬(ସମିସ): ରାଜ୍ୟ ସରକାର ପରିବେଶ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକାକୁ ନଷ୍ଟ କରି ବିଭିନ୍ନ ପ୍ରକଳ୍ପ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଛାଉନାହାନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିବେଶ ନଷ୍ଟ ହେବା ସହ ଜନସାଧାରଣଙ୍କ ଜଳ, ଜଙ୍ଗଲ ଓ ଜମି ଉପରେ ରହିଥିବା ଅଧିକାର କ୍ଷୁର୍ଣ୍ଣ ହେଉଛି। ଫଳରେ ପ୍ରକଳ୍ପ ଅଞ୍ଚଳରେ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ 'ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧ୍ୟାନ କମିଟି' ଗଠନ କରିଛନ୍ତି। ଉକ୍ତ କମିଟି ପରିବେଶ ନଷ୍ଟ ହେଉଥିବା ଓ ଜନସାଧାରଣଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଅଞ୍ଚଳ ବୁଲି ଘଟଣାର ଅନୁଧ୍ୟାନ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା ବାହାର କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରସ୍ତାବ ଦେବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ବିଧାୟକ ଅଶୋକ କୁମାର ଦାସ ଅଧ୍ୟକ୍ଷ ରହିଥିବା ବେଳେ ସୁଧାଂଶୁ ଶେଖର ଦେଓ ଆବାହକ ରହିଛନ୍ତି। ବିଧାୟକ ସାଗର ଚରଣ ଦାସ, ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକ, ମାଗୁଣି ଜେନା ଓ ପିନାକୀ ଦାସ ପ୍ରମୁଖ ସଦସ୍ୟ ରହିଛନ୍ତି।





'ଆମ ବସ୍' ଯାତ୍ରୀଙ୍କଠାରୁ ସିରଜ ଲୁଟ୍ ଘଟଣା

# ପଶ୍ଚିମବଙ୍ଗର ୨ ଅଭିଯୁକ୍ତଙ୍କ ସମେତ ୪ ଗିରଫ

କଟକ,୪।୬(ସମିସ): ଆମ ବସ୍ ଯାତ୍ରୀଙ୍କଠାରୁ ସିରଜ ଲୁଟ୍ ଘଟଣାରେ ମଙ୍ଗଳାବାଗ ପୁଲିସ ଏକ ଲୁଟେରା ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଗିରଫ କରିଛି। ଗ୍ୟାଙ୍ଗର ମୁଖ୍ୟ ସେଖ୍ ସରିଫୁଦ୍ଦିନ(୪୫)କୁ ପୁଲିସ ଯାଜପୁର ବିଞ୍ଝାରପୁର ଅଞ୍ଚଳରୁ ଧରିଥିଲା। ତା' ଘର ପଶ୍ଚିମବଙ୍ଗର ଚବିଶପ୍ରଗଣା ଅଞ୍ଚଳରେ। ଗ୍ୟାଙ୍ଗର ଅନ୍ୟଜଣେ ସଦସ୍ୟ ସଦ୍ଦାମ ମୀର ମଧ୍ୟ ଚବିଶପ୍ରଗଣାରୁ ଧରାପଡ଼ିଛି। ଏତଦବ୍ୟତୀତ ଗ୍ୟାଙ୍ଗରେ ସାମିଲ ଥିବା କଟକ କାଠଯୋଡି ବିହାର ବସ୍ତିର ଲଳିତ ସାମନ୍ତରାୟ ଏବଂ ଝାଞ୍ଜିରୀମଙ୍ଗଳାର ନଗେନ୍ଦ୍ର ପାତ୍ର ଗିରଫ ହୋଇଛନ୍ତି। ଏମାନଙ୍କ ନିକଟରୁ ୪ଟି ମୋବାଇଲ ଏବଂ ୨୫ଶହ ଟଙ୍କା ଜବତ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଘଟଣାରୁ ପ୍ରକାଶ ଯେ ଏପ୍ରିଲ ୧୯ ତାରିଖ ଦିନ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ସେଖ୍ ଆୟାଉଦ୍ଦିନ ବଡ ମେଡିକାଲ ଆସିଥିଲେ। ସେ ଆମ ବସ୍ ଯୋଗେ ବଡ ମେଡିକାଲ ଅଭିମୁଖେ ଯାଉଥିବା ବେଳେ ତାଙ୍କ ପକେଟରୁ ଟଙ୍କା ଚୋରି ହୋଇଥିଲା। ତେବେ ବସ୍ ଯାତ୍ରୀମାନେ ଦୁଇ ସନ୍ଦିଗ୍ଧଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ସେହିଦିନ ଅନ୍ୟ ଜଣେ ବୃଦ୍ଧ ମଧ୍ୟ ଆମ ବସ୍ ଯାତ୍ରା ସମୟରେ ଲୁଟର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବସ୍ ଯାତ୍ରୀଙ୍କ ଦ୍ୱାରା କାବୁ ହୋଇଥିବା ଦୁଇ ଯୁବକଙ୍କୁ ପଚରାଉଚରା କରି ପୁଲିସ ଗ୍ୟାଙ୍ଗ ବିଷୟରେ ଜାଣିବାକୁ ପାଇଥିଲା। ଉକ୍ତ ଦୁଇ ଯୁବକ ହଲିମ ଖାନ ଏବଂ ରାଜେଶ ଦାସ ପୂର୍ବରୁ ଗିରଫ ହୋଇଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ବିକ୍ଷୋଭ




କଟକ,୪।୬(ସମିସ): ଅଘୋଷିତ ବିଦ୍ୟୁତ କାଟ ଓ ଲୋ ଭୋଲଟେଜ ବନ୍ଦ କରିବା, ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବାତିଲ କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ କରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ପ୍ରତ୍ୟାହାର କରିବା ଓ ବିଭିନ୍ନ ଆଳରେ ବିଦ୍ୟୁତ ସଂଯୋଗ କାଟିବା ବନ୍ଦ କରିବା ଦାବିରେ ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ସିଡିଏ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ମର୍ମରେ ୮ଦଫା ସମ୍ବଳିତ ଦାବିପତ୍ର ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସାରା ଭାରତ ବିଦ୍ୟୁତ ଉପଭୋକ୍ତା ମଞ୍ଚର ଜିଲ୍ଲା ଆବାହକ ଖଗେଶ୍ୱର ସେଠୀ, ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, ଅଧ୍ୟାପକ ଅକ୍ଷୟ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଶିଶିର ଦାସ, ସମାଜସେବୀ ଡଲି ଦାସ, ଶର୍ମିଷ୍ଠା ନାଥ, ଏନାମୁଲ ହକ୍, ପ୍ରଭାତ ଦାସ, ଜୋତ୍ସ୍ନାମୟୀ ଦାଶ, ସ୍ୱାଧୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

କଟକ,୪।୬(ସମିସ): ଶିଖରପୁର ଓଭରବ୍ରିଜରେ ବୁଧବାର ଏକ ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ତାଙ୍କୁ ଉଦ୍ଧାର କରାଯାଇ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଜଣକ ହେଲେ ଭଦ୍ରକ ଚାନ୍ଦବାଲି ପାହାଡ଼ପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୁଅ କୃଷ୍ଣଚନ୍ଦ୍ର(୩୮)। ଖବର ପାଇ ଚାଉଳିଆଗଞ୍ଜ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଛି। କୃଷ୍ଣଚନ୍ଦ୍ର ଯୋବ୍ରା ଅଞ୍ଚଳରେ ଭଡ଼ାନେଇ ରହୁଥିଲେ। ସେ କୌଣସି କାରଣରୁ ୧୬ନଂ ଜାତୀୟ ରାଜପଥର ଶିଖରପୁର ଓଭରବ୍ରିଜ ଦେଇ ଚାଲିଚାଲି ଯାଉଥିଲେ। ଏହି ସମୟରେ ଓଏମପି ପଟୁ ଏକ ୧୬ଚକିଆ ଟ୍ରକ୍ ମାଲପରିବହନ କରି ତାଙ୍କ ପଛରୁ ଆସୁଥିଲା। ଟ୍ରକ୍ ହଠାତ୍ ଭାରସାମ୍ୟ ହରାଇ କୃଷ୍ଣଚନ୍ଦ୍ରଙ୍କୁ ଧକ୍କା ଦେଇଥିଲା।

# ବକ୍ରି ଇଦ୍ ଉପଲକ୍ଷେ ମେୟରଙ୍କ ସମୀକ୍ଷା



କଟକ,୪।୬(ସମିସ): ଆଜି ମହାନଗର ନିଗମ ସମ୍ମିଳନୀ କକ୍ଷରେ କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆସନ୍ତା ବକ୍ରି ଇଦ୍ ପାଳନ ସୁରୁଖୁରୁରେ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସହରର ଭିନ୍ନ ଭିନ୍ନ ଅଞ୍ଚଳରୁ ମୁସଲିମ ସମ୍ପ୍ରଦାୟରର ଲୋକମାନେ ବୈଠକରେ ଯୋଗଦାନ କରିଥିଲେ। କଟକ ମହାନଗରରେ ମୁସଲିମ ସମ୍ପ୍ରଦାୟ ବସବାସ କରୁଥିବା ଅଞ୍ଚଳ, ମସଜିଦ ଆଖପାଖ ଅଞ୍ଚଳର ରାସ୍ତାଘାଟ, ପରିମଳ, ସ୍ୱଚ୍ଛତା, ଆଲୋକୀକରଣ, ୨୪ ଘଣ୍ଟିଆ ପାନୀୟ ଯୋଗାଣ ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମସି କମିଶନର ଅନାମ ଚରଣ ପାତ୍ର, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ ଶ୍ରୀ ଦେବୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୁଳିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ସମସ୍ତ କର୍ପୋରେଟର, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ମହାନଗର ନିଗମର ସମସ୍ତ ଅଧିକାରୀ, ୱାଟକୋ ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ, ଏକ୍ରାମ ହୁସେନ, ମହମ୍ମଦ ସକିଲ, ରମଜାନ ଖାନ, ରିୟାଜ ଖାନ, ମହମ୍ମଦ ପୁନି, ଇସାଦ ଖାନ, ମହମ୍ମଦ କାଦିରଙ୍କ ସମେତ ମୁସଲିମ ସମ୍ପ୍ରଦାୟର ବହୁ ମୁରବି ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ମୋବିଲ୍ ତିଆରି କାରଖାନା ଠାବ




## ପାଉଡର୍‌ରୁ ତିଆରି ହେଉଥିଲା ମୋବିଲ୍

କଟକ,୪।୬(ସମିସ): ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହୃତ ସାମଗ୍ରୀର ନକଲି କାରଖାନା ପୂର୍ବରୁ କଟକରେ ଦେଖିବାକୁ ମିଳିଛି। ଏବେ ପୁଲିସ ଠାବ କରିଛି ଏକ ନକଲି ମୋବିଲ ତିଆରି କାରଖାନା। ଆଜି ଜଗତପୁର ଅଞ୍ଚଳରେ ଥିବା ଏହି କାରଖାନାରେ ପୁଲିସ ଚଢ଼ଉ କରି ୫୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଛି। କର୍ଣ୍ଣାଟକରୁ କରଭି ପାଉଡର ଆଣି ଏଥିରେ ରସାୟନିକ ସାମଗ୍ରୀ ମିଶାଇ ଅବିକଳ ମୋବିଲ ଭଳି ସାମଗ୍ରୀ ଏଠାରେ ପ୍ରସ୍ତୁତ କରାଯାଏ। ଗ୍ରାମାଞ୍ଚଳରେ ଏହି ନକଲି ମୋବିଲ ରିହାତି ଦରରେ ବିକ୍ରି ହୁଏ। ତେବେ ୨୦୧୬ ମସିହାରୁ ଉକ୍ତ କାରଖାନା ଚାଲିଥିଲେ ମଧ୍ୟ ପୁଲିସ ପାଖରେ ଏ ପର୍ଯ୍ୟନ୍ତ ଖବର ନଥିବା ସାଧାରଣ ଲୋକଙ୍କୁ ଚକିତ କରିଛି। ଏହି ଘଟଣାରେ ପୁଲିସ କାରଖାନାର ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଜଗତପୁର ଥାନା ଚମ୍ପତି ପଞ୍ଚାୟତ ସାତବାଟିଆ ନିକଟସ୍ଥ ମହାନଦୀ ବନ୍ଧ ପାଶ୍ୱର୍ ସୁନାରୀବଣ ଠାରେ ବୁଧବାର ପୂର୍ବାହ୍ନରେ ଏକ

**ରିଆତି ଦରରେ ଗ୍ରାମାଞ୍ଚଳରେ ବିକ୍ରି ହେଉଥିଲା**

**ଚଢ଼ଉ ବେଳେ ଜବତ ହେଲା ୫୦ ଲକ୍ଷ ଟଙ୍କାର ସାମଗ୍ରୀ**

ନକଲି ମୋବିଲ କାରଖାନାକୁ ଜଗତପୁର ପୁଲିସ ଠାବ କରିଥିଲା। କାରଖାନା ପରିସରରୁ ଅନେକ ନକଲି ସାମଗ୍ରୀ, ବ୍ୟବହୃତ ହେଉଥିବା ଉପକରଣ ସମେତ ପ୍ରାୟ ୫୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ନକଲି ସାମଗ୍ରୀ ପ୍ରସ୍ତୁତରେ ବ୍ୟବହୃତ ହେଉଥିବା ମେସିନ, ବିଭିନ୍ନ ନାମିଦାମୀ କମ୍ପାନୀ ଲୋଗୋ ଥିବା ନକଲି ମୋବିଲ, ସକପ୍‌ଚର ଅଏଲ, ଗ୍ରିସ୍ ଓ ନକଲି ଗିଅର ଅଏଲର ୪୫୯ କାର୍ଟୁନରେ ୧୩୯୫୨ଟି ବାଲ୍ଟି, ଡବା ଓ ଜାର୍ ସମେତ ସେଥିରେ ବ୍ୟବହୃତ ହେଉଥିବା ପାଉଡର, ହୋଇଛି। ପୁଲିସର ସୂଚନା ଅନୁସାରେ, ସୁନାରୀବଣ ଠାରେ ଗୋଲଖ ଏଣ୍ଟରପ୍ରାଇଜେସ ନାମକ ଏକ ନକଲି ମୋବିଲ ପ୍ରସ୍ତୁତ କାରଖାନା ଥିବା ଥାନା ଅଧିକାରୀ ଅନିରୁଦ୍ଧ ନାୟକ ଖବର ପାଇଥିଲେ। ବୁଧବାର ପୂର୍ବାହ୍ନ ସମୟରେ କାରଖାନା ଉପରେ ଚଢାଉ ହୋଇଥିଲା। କାରଖାନା ମାଲିକ ବାବାଜୀ ସାହୁ ଚତୁରତାର ସହ ଫେରାର ହୋଇଯାଇଥିବା ବେଳେ ୨ ଜଣ କର୍ମଚାରୀଙ୍କୁ ଧରିବାରେ ପୁଲିସ ସକ୍ଷମ ହୋଇଥିଲା। କାରଖାନାର କୌଣସି ବୈଧ କାଗଜପତ୍ର ନଥିବା ଥାନାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଏହି ଚଢଉରେ ସାମଗ୍ରୀ ଓ ସେବା କର ବିଭାଗ, ମାପ ଓ ପରିମାଣ ବିଭାଗ, ଦ୍ରବ୍ୟର ଗୁଣମାନ ଯାଞ୍ଚ ଦଳ ଓ ପୁଲିସ ମିଳିତ ଭାବେ ସାମିଲ ଥିଲେ।

# ପାଇଖାନା ଟାଙ୍କିରେ ଶ୍ରମିକ ମୃତ୍ୟୁ ନେଇ ଉଦ୍‌ବେଗ

କଟକ,୪।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ଗ୍ରାମର ୪ ଜଣ ଦରିଦ୍ର ଦିନ ମଜୁରିଆ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁମୁଖରେ ପଡ଼ିବା ଘଟଣାରେ ସେଣ୍ଟର୍ ଫର ପ୍ରୋଟେକ୍ସନ୍ ଅଫ ହ୍ୟୁମାନ ରାଇଟ୍ସ ଆଣ୍ଡ ସିକ୍ୟୁଲାରିଜିମ (ସିପିଡିଆରଏସ) ରାଜ୍ୟ ଶାଖା ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନର ରାଜ୍ୟ ଆବାହକ ବିଶ୍ୱାବସୁ ଦାସ କହିଛନ୍ତି ଯେ ଶ୍ରମ ବିଭାଗ ଓ ପ୍ରଶାସନର ନିଷ୍କ୍ରିୟତା ପାଇଁ ଦିନ ମଜୁରିଆଙ୍କ ଦାରିଦ୍ର୍ୟ ଓ ଅସହାୟତାର ସୁଯୋଗ ନେଇ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ବିନା ଏଭଳି ବିପଦଜନକ ଭାବରେ କାମ କରିବାକୁ ସେମାନଙ୍କୁ ବାଧ୍ୟ କରାଯାଉଛି। ଏହି ପରିସ୍ଥିତିରେ ଶ୍ରମିକଙ୍କ ମୃତ୍ୟୁ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବା ସଙ୍ଗେ ସଙ୍ଗେ ୨୦୨୧ରେ କଟକ ସିଡିଏରେ ଅନୁରୂପ ମୃତ୍ୟୁ ଘଟଣାରେ ଦାୟର ୪୫୮୯ ନମ୍ବର ଜନସ୍ୱାର୍ଥ ମାମଲାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ମୃତ ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଶ୍ରୀ ଦାସ ଦାବି କରିଛନ୍ତି।

■ ଅସହାୟ ମହିଳାଙ୍କ ଦୁରବସ୍ଥା ପ୍ରସଙ୍ଗ

# ଆଇନ ସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ଉଦ୍‌ବେଗ

କଟକ,୪।୬(ସମିସ): ବଲାଙ୍ଗିରର ଜଣେ ଅସହାୟ ମହିଳାଙ୍କ ଦୁରବସ୍ଥା ପ୍ରସଙ୍ଗରେ ଓଡିଶା ଉଚ୍ଚ ନ୍ୟାୟାଳର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ ଉଦବେଗ ପ୍ରକାଶ କରିଛନ୍ତି। ଗତ ଜୁନ୨ ରେ ପାଣ୍ଡାସେରା ଗ୍ରାମର ସୁରେଖା ନାଗଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ସମ୍ବନ୍ଧରେ ବଲାଙ୍ଗୀର ଜିଲ୍ଲା ଦୌରା ଜଜ୍, ଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ, ପାଟଣାଗଡ ତାଲୁକ ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ବିଚାରପତି ଆଭାସୀ ମାଧ୍ୟମରେ ସୁରେଖାଙ୍କ ବାସଗୃହର ଦୁରବସ୍ଥା ଦେଖି ଜିଲ୍ଲାପାଳଙ୍କୁ "ଅନ୍ତ୍ୟୋଦୟ ଯୋଜନା" ଅନୁଯାୟୀ ଏକ ବାସଗୃହର ବ୍ୟବସ୍ଥା ସହ ବର୍ତ୍ତମାନର ବର୍ଷାଋତୁକୁ ନଜରରେ ରଖି ପଲିଥିନ ଯୋଗାଇଦେବା

**ସରକାରୀ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ**

ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାର ମିତ୍ର ବନମାଳୀ କୁମ୍ଭାର ପାଣ୍ଡେସରା ଗ୍ରାମରେ ପହଞ୍ଚି ଶ୍ରୀମତୀ ନାଗଙ୍କୁ ଆଭାସୀ ମାଧ୍ୟମରେ ବିଚାରପତିଙ୍କ ସହ ସିଧାସଳଖ ଯୋଗାଯୋଗ କରାଇଥିଲେ। ଶ୍ରୀମତି ନାଗଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ପ୍ରତ୍ୟେକ୍ଷ ଭାବରେ ବିଚାରପତି ଅବଗତ ହୋଇଥିଲେ। ବୃଦ୍ଧାଶ୍ରମରେ ସେ ସାମୟିକ ଭାବେ ରହିବା ପାଇଁ ସୁରେଖା ସମ୍ମତି ପ୍ରକାଶ କରିବାରୁ ଜିଲ୍ଲାପାଳଙ୍କୁ ଏତଦ୍ ସମ୍ପର୍କରେ ତ୍ୱରିତ୍ ପଦକ୍ଷେପ ନେବା ଏବଂ ଶ୍ରୀମତୀ ନାଗଙ୍କ ନିୟମିତ ବ୍ୟବଧାନରେ ସାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ନାଗଙ୍କ କେହି ପରିବାର ସମ୍ପର୍କୀୟ ନ ଥିବା ଜାଣି ସୁରକ୍ଷା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଏବଂ ଜିଲ୍ଲା ଦୌରାଜଜ୍‌ଙ୍କୁ ଭତ୍ତା ବାବଦରେ ମିଳୁଥିବା ନଗଦ ରାଶି ନିକଟସ୍ଥ ବ୍ଲକ୍ ଅଧିକାରୀ କିମ୍ବା କୌଣସି ଅଧିକାରୀ ମିତ୍ରଙ୍କ ମାଧ୍ୟମରେ ଉପଲବ୍ଧ କରାଇବାକୁ ବିଚାରପତି ପରାମର୍ଶ ଦେଇଥିଲେ। ଉକ୍ତ ଆଭାସୀ ବୈଠକରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପସଚିବ ଏବଂ ସହ ସଚିବଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ସ୍ଥାପତ୍ୟ କର୍ମଶାଳା




ଭୌଗୋଳିକ କ୍ଷେତ୍ର ଯୋଜନା ପ୍ରସ୍ତୁତିରେ ମହିଳାଙ୍କ ଆବଶ୍ୟକତାକୁ ଅଗ୍ରାଧିକାର

କଟକ/ତ୍ରିଶୂଳିଆ,୪।୬(ସମିସ): ବିଦ୍ୟାଧରପୁର ଗୋଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍ଥାପତ୍ୟ ବିଭାଗ ପକ୍ଷରୁ 'ରି-ଇମାଜିନିଂ ସ୍ପେସଲ୍ ପ୍ଲାନିଂ ଫ୍ରମ୍ ୱିମେନ୍ସ ପର୍ସପେକ୍ଟିଭ୍' ଶୀର୍ଷକ ଏକ ଦୁଇଦିନିଆ ଜାତୀୟ କର୍ମଶାଳା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା ସହର ଓ ଗାଁ'ଠାରୁ ଆରମ୍ଭ କରି ଯେକୌଣସି ଅଞ୍ଚଳର ଭୌଗୋଳିକ କ୍ଷେତ୍ର ଯୋଜନା ପ୍ରସ୍ତୁତି ସମୟରେ ମହିଳାମାନଙ୍କ ଆବଶ୍ୟକତା, ଅନୁଭବ ଏବଂ ସୁରକ୍ଷାକୁ ଗୁରୁତ୍ୱ ଦେଇ ନୂଆ ଏକ ଦୃଷ୍ଟିକୋଣରୁ ଚିନ୍ତା କରିବା। ବିଶିଷ୍ଟ ଅନ୍ତର୍ଜାତୀୟ ଶିକ୍ଷାବିତ୍ ଡ. ସଞ୍ଜିବ ବିଦ୍ୟାର୍ଥୀ, ପ୍ରଫେସର ମାଧବୀ ଦେଶାଇ, ଯୁବ ଆର୍କିଟେକ୍ଟ ମିସ୍ ପାୟଲ ଶାହା, ପ୍ରଫେସର ନିରଜ ଗୁପ୍ତା ପ୍ରମୁଖ ଅଫ୍‌ଲାଇନ୍ ମାଧ୍ୟମରେ ନିଜ ନିଜର ବହୁମୂଲ୍ୟ ଅଭିବ୍ୟକ୍ତି ରଖିଥିଲେ। କୁଳପତି ଡ. ତେଜପ୍ରତାପ, ସମ୍ପୃକ୍ତ ବିଭାଗର ଡିନ୍ କେ. ମୋହନ ମଧ୍ୟ ଉପସ୍ଥିତ ଥିଲେ। ଅନ୍‌ଲାଇନରେ ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀମତି କୁଲକର୍ଣ୍ଣୀଙ୍କ ଧନ୍ୟବାଦର ପ୍ରତ୍ୟୁତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ପୁରୀକୁ ବିଶ୍ୱସ୍ତରୀୟ କରିବା ଦିଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହାୟତା କାମନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆର୍କିଟେକ୍ଟ ଆର୍. ଏନ୍. ଭଟ୍ଟାଚାର୍ଯ୍ୟ, ଆର୍କିଟେକ୍ଟ ଦେବାଶିଷ ଦାସ, ପ୍ରଫେସର ଆର୍କିଟେକ୍ଟ ସୟଦ୍ ଅନିଶା ଆଝାରୁନ୍ନିସା, ଆସିଷ୍ଟାଣ୍ଟ ପ୍ରଫେସର ସ୍ୱାଗତିକା ମିଶ୍ର, ଆର୍କିଟେକ୍ଟ ଜୁଲିଏଟ୍ ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ଜଳଯୋଗାଣ ସଂସ୍ଥାର ଅସ୍ଥାୟୀ କର୍ମଚାରୀଙ୍କ ଦାବି

ଗ୍ରାଚ୍ୟୁଟି ଓ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଟାଳଟୁଳ ନୀତି

କଟକ,୪।୬(ସମିସ): ଦୀର୍ଘ ୩୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାନୀୟଜଳ ଯୋଗାଇ ଆସୁଥିବା ଜଳ ଯୋଗାଣ ସଂସ୍ଥାରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ନିଖିଳ ଓଡିଶା ଜଳଯୋଗାଣ ଓ ପରିମଳ କର୍ମଚାରୀ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଶିଳ୍ପ ଟ୍ରିବ୍ୟୁନାଲରେ ଚାଲିଥିବା ମକଦ୍ଦମାର ଚୂଡାନ୍ତ ରାୟ ନିକଟରେ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ତର୍ଜମା ଓ ସମୀକ୍ଷା କରାଯାଇ ଗତ ମେ ୨୯ ତାରିଖରେ ଶିଳ୍ପ ଅଦାଲତଙ୍କ ରାୟକୁ ସରକାରୀ ବିଜ୍ଞପ୍ତି ଭାବେ ପ୍ରକାଶିତ କରାଯାଇଥିବାରୁ ଉକ୍ତ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଇଛି। ତେବେ ଶିଳ୍ପ ଅଦାଲତଙ୍କ ନିର୍ଦ୍ଦେଶ ଓ ପ୍ରକାଶିତ ବିଜ୍ଞପ୍ତିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ଦେହାନ୍ତ କ୍ଷେତ୍ରରେ ପରିବାରରୁ ଜଣକୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ନିମନ୍ତେ ଓଡିଶା ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରୁନାହାନ୍ତି ବୋଲି ସଂଘ ଅଭିଯୋଗ କରିଛି। ସଂଘର ଅଧ୍ୟକ୍ଷ ଙ୍କ ଆଡଭୋକେଟ ନଗେନ୍ଦ୍ର କୁମାର ମହାନ୍ତି, ଆଇନ ପରାମର୍ଶଦାତା ଆଡଭୋକେଟ ଲଳିତ ମୋହନ ନନ୍ଦ, ସଂଯୁକ୍ତା ମାହାଳ, ସାଧାରଣ ସମ୍ପାଦକ ଆଶିଷ ନନ୍ଦ, କାର୍ଯ୍ୟକାରୀ ସଭାପତି ଯୁବେଦ ଅଲ୍ଲୀ ଖାଁ, ରଞ୍ଜନ ବରାଳ, ଉମେଶ ମହାପାତ୍ର, ଶୁକଦେବ ଗିରି, ବିଭୂତିଭୂଷଣ ଚମ୍ପତିରାୟ, ପ୍ରଦୀପ ନାୟକ ଓ କ୍ଷିତେନ୍ଦ୍ର ମିତ୍ର ଉପସ୍ଥିତ ଥିଲେ।

# ସହସ୍ରାଧିକ ଅଣୁ ଓ କ୍ଷୁଦ୍ର ଶିଳ୍ପସଂସ୍ଥାର ସ୍ଥିତିକୁ ନେଇ ସନ୍ଦେହ

## ୨୦୧୬ ପରଠାରୁ ହୋଇଛି ହାତଗଣତି ସଂସ୍ଥାର ଡାଟାବେସ୍

କଟକ,୪।୬(ସମିସ): ଅଣୁ ଓ କ୍ଷୁଦ୍ର ଶିଳ୍ପ ମାନଚିତ୍ରରେ ଏକଦା ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା କଟକ ଜିଲ୍ଲାରେ ଏବେ ସହସ୍ରାଧିକ ଶିଳ୍ପର ସ୍ଥିତିକୁ ନେଇ ସନ୍ଦେହ ଦେଖାଦେଇଛି। ୮୦ଦଶକରେ ହଜାରେ ଦିନରେ ହଜାରେ ଶିଳ୍ପର ଆହ୍ୱାନରେ ବହୁ ଶିଳ୍ପ ସଂସ୍ଥା ମୁଣ୍ଡ ଟେକିଥିଲା। ପରବର୍ତ୍ତୀ ସମୟରେ କେତେକ ଶିଳ୍ପ ସଂସ୍ଥା ବନ୍ଦ ଅବସ୍ଥାରେ ରହିଯାଇଥିଲା ବେଳେ ଆହୁରି ଅନେକ ନୂଆ ଶିଳ୍ପ ସଂସ୍ଥା ବି ଇତିମଧ୍ୟରେ ଗଢି ଉଠିଛି। ପୁରୁଣା ରେକର୍ଡରେ ରହିଯାଇଥିବା ସହସ୍ରାଧିକ ଶିଳ୍ପ ସଂସ୍ଥାର ସ୍ଥିତିକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଛି। କେତେ ଶିଳ୍ପ ରହିଛି ଓ କେତେ ଶିଳ୍ପରେ ତାଲା ଝୁଲୁଛି ତାହାର ସଠିକ ତଥ୍ୟ ଜିଲ୍ଲା ଶିଳ୍ପ କେନ୍ଦ୍ରରେ ବି ନାହିଁ। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଗତ ୨୦୧୬ ନଭେମ୍ବରରୁ ଶିଳ୍ପ ସଂସ୍ଥାଗୁଡିକୁ ପ୍ରଡକ୍ସନ ସାର୍ଟିଫିକେଟ(ଉତ୍ପାଦନ ପ୍ରମାଣପତ୍ର) ଯୋଗାଣ କରାଯାଇଆସୁଛି। ସେବେଠାରୁ ହାତଗଣତି ଶିଳ୍ପ ସଂସ୍ଥାଗୁଡିକର ଡାଟାବେସ କରାଯାଇପାରିଛି। ହେଲେ ଏହା ପୂର୍ବବର୍ତ୍ତୀ ଶିଳ୍ପ ସଂସ୍ଥାଗୁଡିକର ସ୍ଥିତି ଆବଶ୍ୟକ ସର୍ଭେ ପରେ ଜଣାପଡିବ ବୋଲି କୁହାଯାଇଛି।

ଶିଳ୍ପ ସଂସ୍ଥାଗୁଡିକ ପାଇଁ ଅନେକ ଶିଳ୍ପୋଦ୍ୟୋଗୀ ଜିଲ୍ଲା ଶିଳ୍ପ କେନ୍ଦ୍ରରେ ପଞ୍ଜିକୃତ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏଗୁଡିକର ସ୍ଥିତି କଣ ରହିଛି ତାହା ଜଣାପଡୁନାହିଁ। ପୁରୁଣା ରେକର୍ଡ କହୁଛି ଏହିପରି ମୋଟ ୮ହଜାରରୁ ଅଧିକ ସଂସ୍ଥା ଜିଲ୍ଲାରେ ରହିଥିଲା।୨୦୦୬-୦୭ରେ ସର୍ଭେ ହୋଇଥିଲା। ବହୁ ଶିଳ୍ପ ସଂସ୍ଥାରେ ତାଲା ଝୁଲୁଥିବା ବେଳେ ଏଗୁଡିକ କିନ୍ତୁ ଏବେ ବି ଜିଲ୍ଲା ଶିଳ୍ପ କେନ୍ଦ୍ରର ରେକର୍ଡରେ କାର୍ଯ୍ୟକ୍ଷମ ରହିଥିବା ଜଣାପଡିଛି। ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଅଣୁ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ଗୁଡିକର ସଂଖ୍ୟା ଏବେ ୨ହଜାରରୁ ଅଧିକ। ବାସ୍ତବରେ ଏତିକି ଶିଳ୍ପ ସଂସ୍ଥା ରହିଛି ନା ଏହା ଠାରୁ କମ ଅଥବା ବେଶୀ ଶିଳ୍ପ ରହିଛି ତାହା କହିବା ମୁସ୍କିଲ ହୋଇପଡିଛି। ପ୍ରଥମ ଶିଳ୍ପାଞ୍ଚଳ କୁହାଯାଉଥିବା ମଧୁପାଟଣା ଶିଳ୍ପାଞ୍ଚଳ ସମେତ ଜଗତପୁର ପୁରୁଣା ଓ ନୂଆ ଶିଳ୍ପାଞ୍ଚଳ, ଚୌଦ୍ୱାର, ରାଧାଦାମୋଦରପୁର, ଆଙ୍ଗୁଲା, ନୂଆଶାସନ ଓ ରାମଦାସପୁରକୁ ଶିଳ୍ପାଞ୍ଚଳ ମାନ୍ୟତା ମିଳିଛି। ଜିଲ୍ଲାରେ ମୁଖ୍ୟତଃ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ମାନ ରହିଛି। ହାତଗଣତି ୧୫ଟି ବୃହତ୍ତ ଶିଳ୍ପ ବି କାର୍ଯ୍ୟକ୍ଷମ ରହିଥିବା କୁହାଯାଉଛି। ଯେଉଁମାନେ ଡିଆଇସିରୁ ସୁବିଧା ସୁଯୋଗ ନେଉଛନ୍ତି ସେମାନଙ୍କର ଡାଟାବେସ ରହିଛି। ମିଳିଥିବା ସୂଚନାନୁସାରେ ଚୌଦ୍ୱାର ଶିଳ୍ପାଞ୍ଚଳରେ ମୋଟ ୭୨ଟି ଶିଳ୍ପ ମଧ୍ୟରୁ ୧୪ଟି ବନ୍ଦ ହୋଇଯାଇଛି। ଖପୁରିଆ ଶିଳ୍ପାଞ୍ଚଳରେ ୧୫୬ଟି ମଧ୍ୟରୁ ୩୩ଟି, ଜଗତପୁରର ନୂଆ ଶିଳ୍ପାଞ୍ଚଳରେ ୧୩୮ଟି ଓ ପୁରୁଣା ଶିଳ୍ପାଞ୍ଚଳରେ ୧୨ଟି ଶିଳ୍ପ ବନ୍ଦ ଅବସ୍ଥାରେ ରହିଥିବା ପୁରୁଣା ରେକର୍ଡ କହୁଛି। ବହୁତ ଶିଳ୍ପ ସଂସ୍ଥା ଇଡକୋ ଠାରୁ ଜମି ନେଇ ଶିଳ୍ପ ପ୍ରତିଷ୍ଠା କରି ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରି ଗୋଦାମ ଘରରେ ପରିଣତ କରିଛନ୍ତି। ହେଲେ ଶିଳ୍ପ ସଂସ୍ଥା ଭାବେ ଏଗୁଡିକ ଆଜି ବି ପରିଗଣିତ ହେଉଛନ୍ତି। ସର୍ଭେ ହୋଇପାରିଲେ ଏହାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଜଣାପଡିଛି।

ସକାଳ
THE SAKALA

# ଅପେକ୍ଷାର ଅନ୍ତ

ଆମ ଦେଶ କ୍ରୀଡ଼ା ପରିବାରର. ଅଂଶବିଶେଷ ନୁହେଁ କ୍ରିକେଟ୍, ଅଥଚ ଲୋକପ୍ରିୟତାର ଶୀର୍ଷରେ ଅଛି। ବ୍ରିଟିଶ ଉପନିବେଶରୁ ଆରମ୍ଭ ହୋଇଥିବା କ୍ରିକେଟ ଖେଳର ଏହି ଜୟଯାତ୍ରା କେବଳ ସମ୍ଭ୍ରାନ୍ତ ଓ ଉଚ୍ଚବର୍ଗ ମଧ୍ୟରେ ସୀମିତ ଥିଲା। କ୍ରମେ ଏହି କ୍ରିକେଟ ଖେଳ ସହ ପ୍ରାୟୋଜକ ଓ ବିଜ୍ଞାପନଦାତା ଯୋଡ଼ି ହୋଇଯିବାରୁ ବିପୁଳ ଉପାର୍ଜନର ମାଧ୍ୟମ ହୋଇଗଲା। ତେଣିକି କ୍ରିକେଟ୍ ସଂଗଠନ ଯେମିତି ବିପୁଳ ସମ୍ବଳର ଅଧିକାରୀ ହେଲା ସେହିଭଳି କ୍ରିକେଟରଙ୍କ ଉପାର୍ଜନ ମଧ୍ୟ ବେଶ୍ ଆଖିଦୃଶିଆ ହୋଇଗଲା। ଦେଶର ସବୁ କ୍ରୀଡ଼ାକୁ ପଛରେ ପକାଇ କ୍ରିକେଟ ଏବେ ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ବିଦ୍ୟମାନ। କ୍ରିକେଟକୁ କ୍ୟାରିୟର କରିବା ସକାଶେ ଯୁବଗର୍ବ ମଧ୍ୟରେ ଅପୂର୍ବ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। କ୍ରିକେଟ୍‌ପ୍ରେମୀ ତଥା ଦର୍ଶକଙ୍କୁ ସୀମିତ ସମୟ ମଧ୍ୟରେ ଭରପୂର ଆନନ୍ଦ ଦେବାକୁ ସକ୍ଷମ ହୋଇଥିବା ଟି-୨୦ ଅନ୍ୟ ଦୁଇଟି ଫର୍ମାଟଠାରୁ ଅଧିକ ଲୋକପ୍ରିୟତା ହାସଲ କରିଛି। ସେହି ଫର୍ମାଟକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ଆଇପିଏଲ୍ ସମୟକ୍ରମେ ଟାଟା ଆଇପିଏଲ୍‌ର ମାନ୍ୟତା ପାଇଛି। ଦେଶ ବିଦେଶର ଖେଳାଳିଙ୍କୁ ନେଇ ଏହି ଆଇପିଏଲ ଟୁର୍ଣ୍ଣାମେଣ୍ଟ କ୍ରିକେଟ ମହାକୁମ୍ଭରେ ପରିଣତ ହୋଇଛି। ଶୈଶବରୁ ଯୌବନରେ ଉପନୀତ ହୋଇଥିବା ୧୮ ବର୍ଷର ଏହି ଆଇପିଏଲରେ ପ୍ରଥମଥର ଚମ୍ପିଆନ ହୋଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ସବୁଠାରୁ ଲୋକପ୍ରିୟ କ୍ରିକେଟ ତାରକା ବିରାଟ କୋହଲିଙ୍କ ପାଇଁ ବହୁ ପ୍ରତୀକ୍ଷିତ ସ୍ୱପ୍ନ ସାକାର ହୋଇଛି। ମୋଟାରାସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ଉତ୍ସବମୁଖର ମୁହୂର୍ତ୍ତକୁ ଅପରେସନ୍ ସିନ୍ଦୂରର ସଫଳତା ଉଦ୍ଦେଶ୍ୟରେ ଉତ୍ସର୍ଗ କଲା ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସତେଯେପରି ମନେ ହେଲା, ଏହା ଥିଲା ଯୁଦ୍ଧର ବିଜୟ ବାର୍ତ୍ତା।


ଉଭୟ କ୍ରିକେଟପ୍ରେମୀ ଓ କ୍ରିକେଟରଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଇପିଏଲ। ବିଶ୍ୱର ସୁଦକ୍ଷ ଓ ଲୋକପ୍ରିୟ କ୍ରିକେଟର ଆଇପିଏଲରେ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖିବାର ଆକର୍ଷଣ ତ ନିଶ୍ଚୟ ରହିବ। ଏହାଛଡ଼ା ଦେଶର ବହୁ ଯୁବ ପ୍ରତିଭାଙ୍କ ପାଇଁ ଏହି ମଞ୍ଚ ଭବିଷ୍ୟତ ଗଢ଼ିବାର. ସୁଯୋଗ ସୃଷ୍ଟି କରୁଥିବାରୁ ସେଥିରେ ଅଂଶଗ୍ରହଣ କରିବା ନିଶାରେ ଦେଶବ୍ୟାପୀ ପ୍ରସ୍ତୁତି ଚାଲିଛି ବର୍ଷତମାମ୍। କାରଣ ଏହି ମଞ୍ଚ ବିପୁଳ ଉପାର୍ଜନର ସୁଯୋଗ ସୃଷ୍ଟି କରିଥିବା ବେଳେ ଜାତୀୟ ଦଳରେ ସ୍ଥାନ ପାଇବାର ଆଶାକୁ ଉଜ୍ଜୀବିତ କରିଆସିଛି। ଚୟନକର୍ତ୍ତା କ୍ରିକେଟ୍‌ର ଅନ୍ୟ ଫର୍ମାଟ୍ ଅପେକ୍ଷା ଆଇପିଏଲ୍ ମଞ୍ଚକୁ ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହୋଇଛି। ତେଣୁ ଅଭିଜ୍ଞତାରେ ନିପୁଣ ହୋଇ ନଥିଲେ ମଧ୍ୟ ଯୁବପ୍ରତିଭା ଉଚ୍ଚମାନର ପ୍ରଶିକ୍ଷଣ ପାଇ ଆଇପିଏଲ୍‌ରେ ଦକ୍ଷତା ପ୍ରତିପାଦନ କରିପାରୁଛନ୍ତି। । ଏକଥା ସତ ଯେ ଜାତୀୟ ଦଳ ଗଠନ ବେଳେ ଯେଉଁ ଆଞ୍ଚଳିକ ଭିତ୍ତିରେ ଖେଳାଳି ମନୋନୟନ କରାଯାଉଥିଲା ତାହା ଏବେ ଗୁରୁତ୍ୱ ହରାଇଛି। ଏବେ ଅଧିକରୁ ଅଧିକ ସୁଯୋଗ୍ୟ ଓ ସୁଦକ୍ଷ ଯୁବ ପ୍ରତିଭା ଦଳରେ ସ୍ଥାନ ପାଉଛନ୍ତି।

ଆଇପିଏଲ୍ ଆରମ୍ଭରୁ ଦୀର୍ଘ ୧୮ ବର୍ଷ ଧରି ଆରସିବି ସହ ଯୋଡ଼ି ହୋଇ ରହିଛନ୍ତି କିଙ୍ଗ କୋହଲି। ସେ ଆନୁଷ୍ଠାନିକ ନେତୃତ୍ୱ ନେଉ ନଥିଲେ ମଧ୍ୟ ଦଳ ଗଢ଼ିବା ଓ ସଦସ୍ୟଙ୍କୁ ଭାବଗତ ଐକ୍ୟରେ ବାନ୍ଧି ରଖି ଆସିଛନ୍ତି। ଜଣେ ଚମ୍ପିଆନ୍ ଖେଳାଳିର ମନ ଭିତରେ ଚମ୍ପିଆନ୍ ହେବାର ସ୍ୱପ୍ନ ସବୁସମୟରେ ଘର କରି ରହିଥିବ। ସେଥି ସକାଶେ ସେ କ୍ରମାଗତ ଭାବେ ଲଢ଼ି ଚାଲିଥିବ। ତଥାପି ସ୍ୱପ୍ନ ସାକାର ହୁଏନି। ତେଣୁ ଦଳକୁ ତିନିଥର ଫାଇନାଲ୍‌ରେ ପହଞ୍ଚାଇଥିଲେ ମଧ୍ୟ ତାଙ୍କ ଦଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ୧୮ ନମ୍ବର ଜର୍ସି ପିନ୍ଧୁଥିବା ବିରାଟଙ୍କ ପାଇଁ ସତେଯେପରି ୧୮ ତମ ଆଇପିଏଲ ଅପେକ୍ଷା କରିଥିଲା ଚମ୍ପିଆନ ମୁକୁଟ ପିନ୍ଧିବା ସକାଶେ। ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଛଳ ଛଳ ଆଖିରେ ବିରାଟ ଅଭିବାଦନ ଜଣାଉଥିବାର ମୁହୂର୍ତ୍ତ ସମସ୍ତଙ୍କୁ ଭାବବିହ୍ୱଳ କରିପକାଇଥିଲା।

ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ ଦଳ ପଞ୍ଜାବ କିଙ୍ଗସ୍‌ର ଅଧିନାୟକ ଶ୍ରେୟସ ଆୟାର. ଦ୍ୱିତୀୟ ଯୋଗ୍ୟତା ହାସଲ ମ୍ୟାଚରେ ସବୁଠାରୁ ଶକ୍ତିଶାଳୀ ଦଳ ମୁମ୍ବାଇ ଇଣ୍ଡିଆନ୍‌କୁ ପରାଜିତ କରିବା ପରେ ସ୍ୱାଭାବିକ ଭାବେ ତାଙ୍କ ଦଳ ଚମ୍ପିଆନ୍ ହେବାର ସ୍ୱପ୍ନ ଦେଖିଥିବେ। ହେଲେ ସବୁ ସ୍ୱପ୍ନ ସତ ହୁଏନି। ବିଜୟଠାରୁ ମାତ୍ର ୬ ରନ୍ ପଛରେ ରହି ପଞ୍ଜାବ କିଙ୍ଗ୍‌ସ ପରାଜିତ ହେଲା। ପଞ୍ଜାବ କିଙ୍ଗସ୍ ସକାଶେ ଏହାଥିଲା ଦ୍ୱିତୀୟ ରନର୍ସଅପ। ଏଠାରେ ଉଲ୍ଲେଖ କରାଯାଇପାରେ କି ଶ୍ରେୟସ୍‌ଙ୍କ ନେତୃତ୍ୱର ଚମକ୍ ନିଶ୍ଚୟ ସମସ୍ତେ ଅନୁଭବ କରିଥିବେ। ଗତବର୍ଷ କଲିକତା ନାଇଟ୍ ରାଇଡର୍ସକୁ ଚମ୍ପିଆନ୍ କରିବା ପରେ ମଧ୍ୟ ସେ ଦଳରେ ରହିପାରିଲେ ନାହିଁ। ଏହା ପୂର୍ବରୁ ଦିଲ୍ଲୀଦଳକୁ ମଧ୍ୟ ଠିକଣା ନେତୃତ୍ୱ ଦେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହାଛଡ଼ା ସେ ନିଜେ ମଧ୍ୟ ଭଲ ଫର୍ମରେ ଅଛନ୍ତି। ଏତେ ସବୁ ଦକ୍ଷତା ଓ ଯୋଗ୍ୟତା ସତ୍ତ୍ୱେ ଇଂଲଣ୍ଡ ସହ ଟେଷ୍ଟ ସିରିଜ୍ ଖେଳିବାକୁ ଯାଇଥିବା ଯୁବ ଦଳରେ ତାଙ୍କୁ ସ୍ଥାନ ମିଳିନି। ଫାଇନାଲ ମ୍ୟାଚରେ ମାତ୍ର ୧ ରନ୍ କରିଥିବା ବେଳେ ରୋମାରିଓଙ୍କ ବଲରେ ଅତି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ସେ ୱିକେଟକିପର୍‌ଙ୍କୁ କ୍ୟାଚ୍ ଦେଇଥିଲେ। କ୍ରୁନାଲ୍ ପାଣ୍ଡ୍ୟାଙ୍କ ଚକ୍ରବ୍ୟୂହରେ ଫସି ୯୮ ରନ୍‌ରେ ପଞ୍ଜାବ ୪ ଉଇକେଟ ହରାଇ ଥିଲା। ଏସବୁ ସତ୍ତ୍ୱେ ନିର୍ଣ୍ଣାୟକ ଥିଲା ଶ୍ରେୟସ୍ ଆୟରଙ୍କ ୱିକେଟ୍। ପରିସ୍ଥିତି ଏପରି ହେଲା ଯେ ଲଢ଼େଇ କରିବା ପାଇଁ ସୁଶାନ୍ତ ସିଂହ ସହ ଜଣେ ଯୋଗ୍ୟ ଯୋଡ଼ିଦାର ରହିଲେନି। ତାଙ୍କର ଅପରାଜିତ. ୬୧ ରନ ବ୍ୟର୍ଥ ହୋଇଥିଲା। ୧୯୧ ରନର ଲକ୍ଷ୍ୟଠାରୁ ଦଳ ୬ ରନ ପଛରେ ରହିଗଲା।

ଚଳିତ ଆଇପିଏଲ ଋତୁରେ ଯେଉଁ ଦୁଇ ଦଳ ଫାଇନାଲରେ ପହଞ୍ଚିଥିଲେ ସେମାନଙ୍କ ମଧ୍ୟରୁ ଯିଏ ବି ବିଜୟୀ ହେଉ ସିଏ ହିଁ ପ୍ରଥମ ଥର ଚମ୍ପିଆନ ହୋଇଥା'ନ୍ତା। ତେଣୁ ଆର୍‌ସିବି ଓ ପଞ୍ଜାବ କିଙ୍ଗସ୍ ସମର୍ଥନରେ ଖେଳପ୍ରେମୀ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ। ସର୍ବୋପରି ବିରାଟ କୋହଲିଙ୍କ ପ୍ରତି ଥିବା ବିପୁଳ ସମର୍ଥନ ଖେଳ ଚାଲିଥିବା ବେଳେ ସ୍ପଷ୍ଟ ବାରିହୋଇ ପଡ଼ିଥିଲା। ତଥାପି ବିରାଟଙ୍କ ଭଳି ଦକ୍ଷ ଓ ଯୋଗ୍ୟ ଖେଳାଳିଙ୍କୁ ଚମ୍ପିଆନ ହେବା ସକାଶେ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ତାଙ୍କ ସହ ବିଶ୍ୱର ବହୁ ଖ୍ୟାତନାମା କ୍ରିକେଟର ସହଯୋଗୀ ଥିଲେ ମଧ୍ୟ ବିଜୟ ଦ୍ୱାରଦେଶରୁ ଆରସିବିକୁ ବାରମ୍ବାର ଫେରିବାକୁ ପଡ଼ିଥିଲା। ଏଥିରୁ ସ୍ପଷ୍ଟ ଯେ କ୍ରିକେଟ ମ୍ୟାଚର ଫଳାଫଳ କେତେ ଅନିଶ୍ଚିତ।

# ସମ୍ପାଦକୀୟ



ଜୀବନ ଠିକ୍ ସାଇକଲ୍ ଚାଳନା ପରି। ସମତୁଲତା ରକ୍ଷା କରିବାକୁ ହେଲେ ଏହା ନିରନ୍ତର ଚାଲିବା ଜରୁରୀ।
-ଆଲବର୍ଟ ଆଇନଷ୍ଟାଇନ୍

# ପରିବେଶ ସୁରକ୍ଷାରେ ଜନସହଭାଗିତା

**ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ**

କୌଣସି ଗୋଟିଏ ଜିନିଷ ଉଦ୍‌ଭାବିତ ହେଲେ ତା'ର ସକାରାତ୍ମକ ଦିଗଟି ପ୍ରତି ଆକୃଷ୍ଟ ହୋଇ ଆମେ ଦୈନନ୍ଦିନ ଜୀବନରେ ତା'ସହିତ ଏତେ ଅଭ୍ୟସ୍ତ ହୋଇଯାଉ ଯେ ପରବର୍ତ୍ତୀ ସମୟରେ ତା'ର ନକାରାତ୍ମକ ପ୍ରଭାବକୁ ଅଣଦେଖା କରୁ। ପ୍ଲାଷ୍ଟିକ ସେହିପରି ଗୋଟିଏ ପଦାର୍ଥ। ୧୯୦୭ ମସିହାରେ ବେଲଜିୟମର ରସାୟନବିତ ଲିଓ ବେକଲାଣ୍ଡ ପ୍ଲାଷ୍ଟିକର ରସାୟନିକ ଉପାୟରେ ପ୍ରସ୍ତୁତି ଉପରେ ସ୍ୱତ୍ତ୍ୱାଧିକାର ହାସଲ କରିଥିଲେ। ଦୁଇଟି ରସାୟନିକ ଉପାଦାନ- ଫରମାଲଡିହାଇଡ ଓ ଫିନଲର ମିଶ୍ରଣକୁ ଉପଯୁକ୍ତ ତାପ ଓ ଚାପ ଦେଇ ସେ ପ୍ଲାଷ୍ଟିକର ଉଦ୍‌ଭାବନ କରିଥିଲେ। ସମୟକ୍ରମେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଯଥା- ପଲିଇଥିଲିନ ଟେରେପଥାଲେଟ (ପେଟ୍), ହାଇ ଡେନ୍‌ସିଟି ପଲିଇଥିଲିନ, ପଲି ଭିନାଇଲ କ୍ଲୋରାଇଡ୍ (ପିଭିସି), ଲୋ- ଡେନ୍‌ସିଟି ପଲିଇଥିଲିନ, ପଲିପ୍ରପିଲିନ୍, ପଲିଷ୍ଟାଇରିଲ ଇତ୍ୟାଦି ଉଭାବନ ହେଲା। ସେ ସବୁ ଏବେ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଜିନିଷଠୁ ଆରମ୍ଭ କରି ଉଡ଼ାଜାହାଜ ପର୍ଯ୍ୟନ୍ତ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି। ପ୍ଲାଷ୍ଟିକ ବିନା ଆଜିର ଜୀବନଶୈଳୀ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ପୁଣି ସେହି ପ୍ଲାଷ୍ଟିକର ବହୁଳ ବ୍ୟବହାର ଆଜି ମଣିଷ ସମାଜ ଆଗରେ 'ପ୍ଲାଷ୍ଟିକ୍ ପ୍ରଦୂଷଣ' ଭଳି ବଡ଼ ସମସ୍ୟା ସୃଷ୍ଟି କରିଛି।

ଆମେ ଆମର ଆଧୁନିକ ଜୀବନ ଶୈଳୀରେ ଗୋଟିଏ ସଂସ୍କୃତି ତିଆରି କରି ସାରିଛୁ। ତାହା ହେଲା- 'ବ୍ୟବହାର କରିବା ଓ ଫୋପାଡ଼ିବା(ୟୁଜ୍ ଆଣ୍ଡ ଥ୍ରୋ), ଯାହାକି ପ୍ରଦୂଷଣର ପ୍ରମୁଖ କାରଣ। ପ୍ଲାଷ୍ଟିକ ଜାତ ବିଭିନ୍ନ ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ଫୋପାଡ଼ି ଦେଇଥାଉ, ଯାହାର ପ୍ରାକୃତିକ ବିଘଟନ ପାଇଁ ପ୍ରାୟ ହଜାରେ ବର୍ଷ ଲାଗିଥାଏ। ଏଥିଯୋଗୁଁ ସହର-ବଜାର, ଗାଁ ଦାଣ୍ଡ, ନଦୀ, ସମୁଦ୍ର ଏମିତିକି ପାହାଡ଼, ଜଙ୍ଗଲ ଚାରିଆଡ଼େ ପ୍ଲାଷ୍ଟିକ ପ୍ରଦୂଷଣ ବଡ଼ ସମସ୍ୟା ହୋଇ ଉଭା ହେଲାଣି। ଏହାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଶ୍ୱର ବିଭିନ୍ନ ମଞ୍ଚରେ ଆଲୋଚନା ହେଉଛି।

ପ୍ରତିବର୍ଷ ପାଖାପାଖି ୪୦୦ ଅୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହୁଏ ଏବଂ ସେଥିରୁ ପ୍ରାୟ ଅଧା କେବଳ ଥରେ ବ୍ୟବହାର ହେଉଥିବା ସାମଗ୍ରୀ। ତା'ର ୧୦ ପ୍ରତିଶତରୁ କମ ପୁନଃପ୍ରକ୍ରିୟାକରଣକୁ ଆସିଥାଏ ଏବଂ ପାଖାପାଖି ୧୯-୨୩ ଅୟୁତ ଟନ ପ୍ଲାଷ୍ଟିକ ପ୍ରତିବର୍ଷ ହ୍ରଦ, ନଦୀ ଓ ସମୁଦ୍ରରେ ପହଁଚେ। ଏମିତିକି ପାଣି, ପବନ ଓ ଖାଦ୍ୟ ମାଧ୍ୟମରେ ପ୍ଲାଷ୍ଟିକ କଣିକା ମଣିଷ ଶରୀରରେ ପ୍ରବେଶ କରୁଛି। ପ୍ରତିବର୍ଷ ଜଣେ ମଣିଷ ଶରୀରକୁ ହାରାହାରି ୫୦,୦୦୦ ପ୍ଲାଷ୍ଟିକ କଣିକା ପ୍ରବେଶ କରୁଥିବା ଜଣାପଡ଼ିଛି। ସାମୁଦ୍ରିକ ଜୀବଜନ୍ତୁ ଓ ଗାଈଗୋରୁ ଆଦି ପ୍ଲାଷ୍ଟିକକୁ ବାରି ନପାରି ଖାଦ୍ୟ ଭାବି ଖାଇ ଦେଇଥା'ନ୍ତି, ଯାହାକି ଅନେକ ସମୟରେ ସେମାନଙ୍କର ମୃତ୍ୟୁର କାରଣ ହୋଇଥାଏ। ହିମାଳୟ ଅଞ୍ଚଳରୁ ଯେତିକି ବର୍ଜ୍ୟବସ୍ତୁ ମିଳୁଛି, ତା'ର ୯୨.୭ ଶତକଡ଼ା ହେଉଛି ପ୍ଲାଷ୍ଟିକ, ଯେଉଁଥିରୁ ୭୨ ଶତକଡ଼ା ହେଉଛି ପୁନଃ ପ୍ରକ୍ରିୟାକରଣ ଅନୁପଯୋଗୀ ପ୍ଲାଷ୍ଟିକ। ଏହା ସେ ଅଞ୍ଚଳର ମୃତ୍ତିକା, ପାଣି ଓ ଜୈବ ବିବିଧତା ଉପରେ ନାନା ପ୍ରକାର କୁପ୍ରଭାବ ପକାଉଛି। ତେଣୁ ପରିବେଶର ସୁରକ୍ଷା ଓ ଧାରଣୀୟ ପ୍ରଗତି ପାଇଁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାହତ କରିବା ନିତାନ୍ତ ଜରୁରୀ।

ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତି ପାଇଁ ସରକାର ବିଭିନ୍ନ ସମୟରେ ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଦେଶ ଜାରି କରୁଛନ୍ତି। ତାହା କିନ୍ତୁ ଫଳବତୀ ହେଉନାହିଁ। ତା'ର ମୁଖ୍ୟ କାରଣ ହେଲା ଜନସଚେତନତା ଓ ଜନସହଭାଗିତାର ଅଭାବ। ପରିବେଶ ସୁରକ୍ଷା ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟକ୍ରମ କେବେ ବି ଜନସମର୍ଥନ, ଜନସହଭାଗିତା ଓ ଜନସଚେତନତା ବିନା ସଫଳ ହୋଇନଥାଏ। ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ମଧ୍ୟ ବିଭିନ୍ନ ସରକାରୀ ପଦକ୍ଷେପ ସହିତ ସାଧାରଣ ଜନତା ଯଦି ଦୈନନ୍ଦିନ ଜୀବନଶୈଳୀରେ କିଛି ପରିବର୍ତ୍ତନ ଆଣିବେ, ତା'ହେଲେ ନିଶ୍ଚିତ ଭାବରେ ଏହାର କୁପ୍ରଭାବକୁ ରୋକା ଯାଇପାରିବ। 'ବ୍ୟବହାର କରିବା ଓ ଫୋପାଡ଼ିବା' ଜୀବନଶୈଳୀ ପରିବର୍ତ୍ତେ 'କମାଇବା ଓ ପୁନଃବ୍ୟବହାର କରିବା, ପୁନଃ ପ୍ରକ୍ରିୟାକରଣ କରିବା' ଜୀବନଶୈଳୀକୁ ଗୁରୁତ୍ୱ ଦେବାକୁ ପଡ଼ିବ।

ପ୍ଲାଷ୍ଟିକ ପ୍ରଦୂଷଣ କଥା ଆସିଲେ ଆମ ମନରେ ସ୍ୱତଃ ଆସିଯାଏ ଯେ ଏହା ଏକ ସହରାଞ୍ଚଳ ସମସ୍ୟା। କିନ୍ତୁ ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଗ୍ରାମାଞ୍ଚଳ ମଧ୍ୟ ଆଜି ପ୍ଲାଷ୍ଟିକ ପ୍ରଦୂଷଣରେ ପଛୁଆ ନାହିଁ। ପରିବର୍ତ୍ତିତ ଜୀବନଶୈଳୀର ପ୍ରଭାବ ଗ୍ରାମାଞ୍ଚଳରେ ବହୁମାତ୍ରାରେ ପରିଲକ୍ଷିତ ହେଉଛି, ଯାହାକି ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ କାରଣ ହୋଇଛି। ଆଗରୁ ଗାଁ ମାନଙ୍କରେ ଭୋଜିଭାତ ହେଲେ କଦଳୀ ପତ୍ର ବା ଶାଳପତ୍ରରେ ଖାଦ୍ୟ ପରଷା ଯାଉଥିଲା। ପଙ୍ଗତରେ ବସି ଖାଇଲା ବେଳେ କାହାର ଯଦି ପାଣି ପିଇବା ଦରକାର ହେଲା, ଜଣେ ଲୋକ ବୁଲି ବୁଲି ଲୋଟା କିମ୍ବା ଗ୍ଲାସରେ ପାଣି ନେଇ ସେ ଲୋକର ପାଟିରେ ଢାଳି ଦେଉଥିଲା। ଏ ଅଭ୍ୟାସ ଦ୍ୱାରା ଗୋଟିଏ ଭୋଜି ଭାତ ପରେ ଯାହାବି ବର୍ଜ୍ୟବସ୍ତୁ ବାହାରୁଥିଲା, ତାହା ପ୍ରାକୃତିକ ଉପାୟରେ ବିଘଟିତ ହୋଇ ପ୍ରଦୂଷଣର ସମସ୍ୟା ସୃଷ୍ଟି କରୁ ନଥିଲା। କିନ୍ତୁ ଏବର ଗାଁରେ ଭୋଜିଭାତର ବ୍ୟବସ୍ଥାକୁ ଥରେ ଅନୁଧ୍ୟାନ କରନ୍ତୁ। ଆଗର ପରିବେଶର ସମ୍ପୂର୍ଣ୍ଣ ଓଲଟା। କଦଳୀ ଗଛ ଥିଲେ ମଧ୍ୟ ପତ୍ର କଟା ଯାଉନାହିଁ। ସମସ୍ତେ ଥର୍ମକୋଲର ଥାଳି ଓ ବାଟି, ନଚେତ କାର୍ଡବୋର୍ଡରେ ତିଆରି ଥାଳି, ଯାହା କଦଳୀ ପତ୍ର ନଚେତ ଅନ୍ୟ କୌଣସି ପତ୍ରର ଭ୍ରମ ସୃଷ୍ଟି କରେ ଏବଂ ସେଥିରେ ପ୍ଲାଷ୍ଟିକର ଏକ ସୂକ୍ଷ୍ମ ଆବରଣ ରହିଥାଏ, ତାହାର ବହୁଳ ବ୍ୟବହାରରେ ବେଶ ଅଭ୍ୟସ୍ତ ହୋଇଗଲେଣି। ଯଦିବା ଶାଳପତ୍ର ବ୍ୟବହାର ହେଉଛି, ତାହାର ପରିମାଣ ବହୁତ କମ୍। ଶାଳପତ୍ରରୁ ଯେଉଁ ଥାଳି ଓ ବାଟି ତିଆରି ହେଉଛି, ସେଥିରେ ଏକ ସୂକ୍ଷ୍ମ ଓ ବହୁତ ପତଳା ପ୍ଲାଷ୍ଟିକର ଆବରଣ ଦିଆଯାଇଛି। ପାଣି ପିଇବା ଲାଗି ପ୍ଲାଷ୍ଟିକ ଗ୍ଲାସର ବହୁଳ ବ୍ୟବହାର ହେଉଛି, ନଚେତ ପ୍ଲାଷ୍ଟିକର ପାଣି ପାଉଚ, ଯେଉଁଥିରେ ପାଣିର ମାନ କାହାକୁ ବି ଅଜଣା, ବ୍ୟବହାର ହେଉଛି।

ଏ ବ୍ୟବସ୍ଥା ଦ୍ୱାରା ଗୋଟିଏ ଭୋଜିଭାତ ପରେ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଛି। ତା' ସହିତ ଦୈନନ୍ଦିନ ବ୍ୟବହାର ହେଉଥିବା ବିଭିନ୍ନ ବସ୍ତୁର ଖୋଳ, ତେଲ ପ୍ୟାକେଟ, କ୍ଷୀର ପ୍ୟାକେଟ ଇତ୍ୟାଦି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ମାତ୍ରାକୁ ଦ୍ୱିଗୁଣିତ କରୁଛି। ତେଣୁ ଏବେ ଯେକୌଣସି ନିପଟ ମଫସଲକୁ ଗଲେ ମଧ୍ୟ ଗାଁ ଦାଣ୍ଡରେ କୁଢ଼ କୁଢ଼ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସବୁ ଦେଖିବାକୁ ମିଳୁଛି। ସହରରେ କିଛି ବି ହେଲେ ପ୍ଲାଷ୍ଟିକ ପ୍ରକ୍ରିୟାକରଣର ବ୍ୟବସ୍ଥା ବା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ସେଭଳି ବ୍ୟବସ୍ଥା ନାହିଁ, ଯାହା ଫଳରେ ବର୍ଜ୍ୟପ୍ଲାଷ୍ଟିକ ସବୁ ଗ୍ରାମାଞ୍ଚଳର ପରିବେଶକୁ ପ୍ରଦୂଷିତ କରିବା ସହିତ ନଦୀ-ନାଳରେ ମିଶି ପରୋକ୍ଷ ଭାବରେ ସହରାଞ୍ଚଳର ପରିବେଶକୁ ମଧ୍ୟ ପ୍ରଭାବିତ କରୁଛି। ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଯେତିକି ବ୍ୟବସ୍ଥା ଓ ଜନସଚେତନତା ସହରାଞ୍ଚଳ ପାଇଁ ଆବଶ୍ୟକ ସେତିକି କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଞ୍ଚଳ ଲାଗି ଦରକାର। ଏଥିସହିତ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁର ସଠିକ ସଂଗ୍ରହ ଓ ତା'ର ପରିଚାଳନା ଦିଗରେ ପୌରପାଳିକା, ପଞ୍ଚାୟତ ତଥା ଅନ୍ୟ ସଂସ୍ଥାମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମର ଛୋଟ ଛୋଟ ପଦକ୍ଷେପ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବ। ସବୁଥିରେ ସରକାରଙ୍କୁ ଦୋଷ ନଦେଇ ଆମ ଦ୍ୱାରା ଯେତିକି ସମ୍ଭବ କରିବା ଏବଂ ସହଯୋଗର ହାତ ବଢ଼ାଇବା।

ପରିଶେଷରେ ଏତିକି କହିହେବ ଯେ ପ୍ଲାଷ୍ଟିକ ପ୍ରଦୂଷଣର ନିରାକରଣ ଲାଗି ସବୁବେଳେ ସରକାର କିମ୍ବା ସରକାରୀ ବ୍ୟବସ୍ଥାକୁ ଦାୟୀ କଲେ ସମାଧାନ ହେବ ନାହିଁ। ଆମେ ଆମର ବ୍ୟକ୍ତିଗତ ସ୍ତରରେ ସେ ଦିଗରେକେତେ ସଜାଗ- ତା'ର ଏକ ଆତ୍ମସମୀକ୍ଷା କରିବା ଦରକାର। ସରକାର ନାଳ ସବୁ ତିଆରି କରନ୍ତି ଜଳର ନିଷ୍କାସନ ପାଇଁ। କିନ୍ତୁ ଆମେ ଯଦି ସେଥିରେ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ ଫୋପାଡ଼ିବା, ତାହା ଜଳ ନିଷ୍କାସନରେ ଅବରୋଧ ସୃଷ୍ଟି କରିବ। ତେଣୁ ଆମର ଚିନ୍ତା, ଚେତନା ଓ ଚଳଣିରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ। ପ୍ଲାଷ୍ଟିକ ପ୍ରଦୂଷଣ ପରି ଅନ୍ୟ ଯେକୌଣସି ପରିବେଶ ଜନିତ ସମସ୍ୟାର ସମାଧାନ ଲାଗି ଜନସଚେତନତା ଓ ଜନସହଭାଗିତା ଏକାନ୍ତ ଜରୁରୀ। ଆମକୁ ବଦଳିବାକୁ ପଡ଼ିବ ବଞ୍ଚିବା ଲାଗି। ଅନ୍ୟଥା ପ୍ଲାଷ୍ଟିକ ପ୍ରଦୂଷଣ ସମସ୍ୟା ଯେ ଆଗାମୀ ଦିନରେ ବିକଟାଳ ରୂପ ନେଇ ମଣିଷ ସମାଜ ଏବଂ ଜୀବଜଗତର ସ୍ଥିତି ଓ ପ୍ରଗତି ଲାଗି ଏକ ବହୁତ ବଡ଼ ପ୍ରତିବନ୍ଧକ ନହେବ - ଏ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

(ଫକୀର ମୋହନ ବିଶ୍ୱବିଦ୍ୟାଳୟ)
ବାଲେଶ୍ୱର, ମୋ: ୯୪୩୭୪୩୫୬୭୪

# ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା

**ରମେଶ ଚନ୍ଦ୍ର ସାହୁ**

ଆଜି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ଯାଏଁ ଶିକ୍ଷାନୁଷ୍ଠାନ ବୃଦ୍ଧି ପାଇଛି। ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି। ସୂଚନା, ଯୋଗାଯୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଜ୍ଞାନ କ୍ଷେତ୍ରରେ ଦ୍ରୁତବିକାଶ ସମଗ୍ର ବିଶ୍ୱକୁ ନିକଟତର କରିପାରିଛି। କିନ୍ତୁ ସାଂସ୍କୃତିକ, ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ସମଗ୍ର ପୃଥିବୀ ଅଶାନ୍ତ ହୋଇଯାଉଛି। ବିଶୃଙ୍ଖଳିତ ଆଚରଣ କ୍ରମାଗତ ବୃଦ୍ଧି ପାଉଛି। ସଂକୀର୍ଣ୍ଣତା, ଚରିତ୍ରହୀନ, ଅସାମାଜିକ, ନିର୍ଦ୍ଦୟ, ହିଂସା, ପରଶ୍ରୀକାତରତା ଆଦି ଅନେକ ଅମଣିଷପଣିଆ ଜନ୍ମ ନେଉଛି। ଶିକ୍ଷା ଶୃଙ୍ଖଳା ଜ୍ଞାନ ଶିଖାଉନି। ମଣିଷକୁ ସ୍ୱାବଲମ୍ବୀ କରାଉନାହିଁ। ଗୁରୁଜନଙ୍କ ପ୍ରତି ସମ୍ମାନ ନାହିଁ ଓ ଲଘୁଜନଙ୍କ ପ୍ରତି ଆଦର ନାହିଁ। ଶିକ୍ଷାର ଢାଞ୍ଚା, ଶିକ୍ଷଣ ପ୍ରକ୍ରିୟାର ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଶିକ୍ଷାର୍ଥୀଙ୍କ ପାଖରେ ସୁସ୍ଥ ସମାଜ ଗଠନର ମାନସିକତା ସୃଷ୍ଟି କରାଯାଇପାରୁନାହିଁ। ଏଥିରୁ ଆମେ ସ୍ପଷ୍ଟ ଯେ ଆମର ଶିକ୍ଷା ବ୍ୟବସ୍ଥା ମାନବିକ ମୂଲ୍ୟବୋଧ ପ୍ରଦାନ ପାଇଁ ଅସମର୍ଥ।

ଶିକ୍ଷାର ଅବକ୍ଷୟକୁ ନେଇ ସମସ୍ତେ ଚିନ୍ତିତ ଏବଂ ଆମ ସମସ୍ତଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ। ଏହାର ନିରାକରଣ ପାଇଁ ପାଠ୍ୟପୁସ୍ତକରେ ନୂଆ କରି ମୂଲ୍ୟବୋଧ ଶିକ୍ଷାକୁ ଯୋଡ଼ିବାକୁ ବିଭିନ୍ନ ସ୍ତରରେ ବିଚାରବିମର୍ଶ ଚାଲିଛି। କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେଉଁ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି ତାହା କେବଳ ରୋଜଗାର ସର୍ବସ୍ୱ ହେଉଛି। ଏଇଥି ପାଇଁ ତ ଅଭିଭାବକମାନେ ଭଲ ବିଦ୍ୟାଳୟରୁ ପାଠ କିଣିନେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କିଏ ବୁଝୁଛି ସୁଖୀ ଜୀବନଯାପନ ପାଇଁ ଧନ ନୁହେଁ, ଭଲ ମନଟେ ଦରକାର ବୋଲି।

ଆଜିର ଶିକ୍ଷା ବ୍ୟବସ୍ଥାରେ ଅଧ୍ୟୟନ ଓ ଅଧ୍ୟାପନା ଭିତରେ ସମ୍ପର୍କ ରହୁନାହିଁ। ପଠନରେ ଆବେଗ ନାହିଁ। କେବଳ ମୁଖସ୍ତ କରି ଅଧିକ ନମ୍ବର ରଖିବାର ପ୍ରତିଯୋଗିତା ଚାଲିଛି। ଅଭିଭାବକଙ୍କ ଉଚ୍ଚ ଆକାଂକ୍ଷା ପାଇଁ ପିଲାର ଅନାଗ୍ରହ ସତ୍ତ୍ୱେ ତା'ଉପରେ ପାଠର ବୋଝ ଲଦି ଦିଆଯାଉଛି। ପିଲାଟି ପରୀକ୍ଷାରେ ପାଠ୍ୟ ବିଷୟବସ୍ତୁରୁ ଶତକଡ଼ା କେତେ ନମ୍ବର ରଖିଲା, ପ୍ରତିଯୋଗିତାରେ କେଉଁ ସ୍ଥାନରେ ରହିଲା ତା'କୁ ଗୁରୁତ୍ୱ ଦିଆଯାଉଛି। ଆମେ ଗର୍ବରେ ଛାତି ଫୁଲାଇ ଦେଉଛୁ। ଶିଶୁର ଭବିଷ୍ୟତରେ ସମ୍ଭାବ୍ୟ ସାମାଜିକ ଜୀବନରେ ଉପୁଜିବାକୁ ଥିବା ବିଭ୍ରାଟ ପ୍ରତି ଚିନ୍ତା କରୁନାହୁଁ। ରାତିଦିନ ପାଠ ପାଠ ହୋଇ ତା'ର ଶିଶୁ ସୁଲଭ ଗୁଣ ଏବଂ ଚିନ୍ତା, ଚେତନା, ସୃଜନଶକ୍ତି ଓ ଆଗ୍ରହକୁ ମାଡ଼ି ମକଚି ନଷ୍ଟ କରି ଦେଉଛୁ। ଶୈକ୍ଷିକ ଦିଗ ବ୍ୟତୀତ ଶିକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗଟିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛୁ। ବୁଝିପାରୁନୁ ନା ବୁଝି ଅବୁଝା ରହୁଛୁ ନା ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାମିଲ ହୋଇଯାଉଛୁ? ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାଟି ଯେତେବେଳେ ଅସାମାଜିକ ହୋଇଯାଏ, ସେତେବେଳେ ଅନୁତାପ କରୁଛୁ, ଭାଗ୍ୟକୁ ନିନ୍ଦୁଛୁ। ଭଲ ନମ୍ବର ଅପେକ୍ଷା ଭଲ ମଣିଷଟିଏ ବରଂ ହୋଇଥିଲେ ଭଲ ହୋଇଥା'ନ୍ତା ବୋଲି ସେତେବେଳେ ଭାବୁଛୁ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, 'ଯେଉଁ ଶିକ୍ଷା ଚରିତ୍ର ଗଠନରେ ସହାୟକ ହୁଏ, ମନର ଶକ୍ତିକୁ ସମୃଦ୍ଧ କରାଏ, ବୁଦ୍ଧିମତ୍ତାକୁ ପ୍ରସାରିତ ଓ ଋଦ୍ଧିମନ୍ତ କରାଏ ଏବଂ ନିଜ ଗୋଡ଼ରେ ଠିଆ ହେବାର ସାହସ ଦିଏ ତାହା ହିଁ ପ୍ରକୃତ ଶିକ୍ଷା। ଯେଉଁ ଶିକ୍ଷା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣର ସମୂହ ବିକାଶ ଓ ସୃଜନ ଶକ୍ତିର ବିକାଶର ପରିପନ୍ଥୀ ସେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ।' ତେଣୁ ଯେଉଁ ଶିକ୍ଷା ନୈତିକ, ବୌଦ୍ଧିକ, ଆଧ୍ୟାତ୍ମିକ ଓ ଚରିତ୍ର ଗଠନରେ ସହାୟ ହେଉନି ତାହା ଅଶିକ୍ଷା ଅଟେ।

ପଶୁପକ୍ଷୀମାନେ ମଧ୍ୟ ଉପଯୁକ୍ତ ଶିକ୍ଷା ଓ ତାଲିମ ଦ୍ୱାରା ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣିଥା'ନ୍ତି। ମୂଲ୍ୟବୋଧ ଶିକ୍ଷାର ଉଦ୍ଦେଶ୍ୟ ସମାଜର ହିତ ସାଧନ କରିବା। ଏହା ଏକ ନୈତିକ ମାନଦଣ୍ଡ, ଯାହାର ସାମ୍ପ୍ରତିକ ସମାଜରେ ଯଥେଷ୍ଟ ଆବଶ୍ୟକତା ରହିଛି। ଯେଉଁ ଶିକ୍ଷା ସବୁଶିକ୍ଷାର୍ଥୀଙ୍କ ମନରେ ଖେଳାଉଥିବ, ଧୈର୍ଯ୍ୟ ଓ ସାହସ ଦେଉଥିବ, ଶୃଙ୍ଖଳା ଶିଖାଉଥିବ, ସୁନାଗରିକ ଭାବେ ଗଢୁଥିବ, ଆତ୍ମନିର୍ଭରଶୀଳ ହେବାର ମାର୍ଗ ଦେଖାଉଥିବ, ନେତୃତ୍ୱ ନେବାକୁ ଉତ୍ସାହିତ କରୁଥିବ ତାହା ହିଁ ପ୍ରକୃତ ଶିକ୍ଷା। ଶିକ୍ଷାର ଉଦ୍ଦେଶ୍ୟ- ଉଚ୍ଚମନା, ସାହସୀ, ଆଚରଣସିଦ୍ଧ, ଉଚ୍ଚାରଣସିଦ୍ଧ, ନୀତିନିଷ୍ଠ, ସତ୍ୟନିଷ୍ଠ, ଶାନ୍ତ, ଧୈର୍ଯ୍ୟବାନ, ଆତ୍ମସଂଯମୀ, ସ୍ୱାଭିମାନୀ, ବିବେକବାନ, ଚରିତ୍ରବାନ କରି ଛାତ୍ରଛାତ୍ରୀଙ୍କୁ ଗଢ଼ିବା। ଶିକ୍ଷାର୍ଥୀମାନଙ୍କର ଅନ୍ତର୍ନିହିତ, ମାନସିକ, ବୌଦ୍ଧିକ ଗୁଣଗୁଡ଼ିକୁ ବିକଶିତ କରିବା ସହ ମାନବିକତାର ଗୁଣଗୁଡ଼ିକୁ ପ୍ରସ୍ଫୁଟିତ କରାଇ ସମାଜରେ ଆଦର୍ଶ ନାଗରିକ ଭାବେ ପ୍ରତିଷ୍ଠିତ କରାଉଥିବା ଶିକ୍ଷା ହିଁ ପ୍ରକୃତ ଶିକ୍ଷା।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ 'ମୋ ପୁଅର ଶିକ୍ଷକଙ୍କୁ ଚିଠିଟିଏ'ର କିୟଦଂଶ ଉଦ୍ଧାର କରିବା ଏଠାରେ ପ୍ରାସଙ୍ଗିକ ହେବ -

'ମହାଶୟ, ଯଦି ପାରିବ ତା'କୁ ଶିଖାନ୍ତୁ ଯେ, ବାଟରୁ ଗୋଟା ଯାଉଥିବା ପାଞ୍ଚଟଙ୍କା ଠାରୁ ଝାଳବୁହା ଟଙ୍କାକର ମୂଲ୍ୟ ଯଥେଷ୍ଟ ବେଶୀ... । ସେ ନିଜର କିଛି ହରାଇବାକୁ ଶିଖୁ, ଜିଣିବାର ଆନନ୍ଦକୁ ଉପଭୋଗ କରିବା ବି ଶିଖୁ। ଆପଣ ପାରିଲେ ତା'କୁ ଈର୍ଷାଠାରୁ ଦୂରେଇ ରଖିବେ। ତା'କୁ ଶିଖାଇବେ ନିରବ ହସର ରହସ୍ୟ। ଯଦିପାରିବେ ତା'କୁ ବହିଃଜଗତର ବିସ୍ମୟ ସହିତ ପରିଚିତ କରାଇଦେବେ। କିନ୍ତୁ ତା'କୁ କିଛି ଏକାନ୍ତ ସମୟ ବି ଦେବେ ଯେତେବେଳେ ସେ ଆକାଶରେ ଚଢ଼େଇ, ଖରାରେ ଝଟକୁ ଥିବା ମହୁମାଛି ଓ ସବୁଜ ପାହାଡ଼ ଉପରେ ହସୁଥିବା ଫୁଲଗୁଡ଼ିକର ଚିରନ୍ତନ ରହସ୍ୟକୁ ବୁଝିବାରେ ବୁଡ଼ିଯାଇପାରିବ। ସ୍କୁଲରେ ତା'କୁ ଶିଖାଇଦେବେ ଯେ ଠକିବା ଅପେକ୍ଷା ଅସଫଳ ହେବାରେ ଯଥେଷ୍ଟ ଗୌରବ ରହିଛି... ।'

ଆଜି କିନ୍ତୁ ଆମେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରୁଛୁ ପିଲା କିପରି ପାଠରେ ଅଧିକ ନମ୍ବର ରଖିବ। ନୈତିକ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ଶିକ୍ଷା ହିଁ ପୃଥିବୀରେ ଅନେକ ମହାପୁରୁଷ ସୃଷ୍ଟି କରିପାରିଛି। ତେଣୁ ନୈତିକ ଦିଗର ବିକାଶ ସହ ନୈତିକ ଶିକ୍ଷାର ବିକାଶ ଶିକ୍ଷାର ଲକ୍ଷ୍ୟ ହେବା ନିତାନ୍ତ ଆବଶ୍ୟକ।

କୋରାପୁଟ, ମୋ: ୯୪୩୭ ୯୦୯୦୪୦

# ନିଭୃତ ନିଳୟର ସାହିତ୍ୟ-ତପସ୍ୱୀ ଶଶିଭୂଷଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

କବିବର ରାଧାନାଥ ରାୟଙ୍କ ଅନୁପମ କାବ୍ୟ-ସମ୍ଭାରର ସୂକ୍ଷ୍ମ-ମର୍ମ ଧ୍ୱନି କେହି ଯଦି ଗଦ୍ୟଛନ୍ଦରେ ଶ୍ରବଣ କରିବାକୁ ଧ୍ୟାନସ୍ଥ ହୁଅନ୍ତି, ସେ ତାହା ଶଶିଭୂଷଣ ରାୟଙ୍କ ଅନୁପମ ଗଦ୍ୟ ସର୍ଜନା ମଧ୍ୟରେ ଆବିଷ୍କାର କରିପାରିବେ ଅନାୟାସରେ। ରାଧାନାଥ-ଶଶିଭୂଷଣ ପିତା-ପୁତ୍ରଙ୍କ ଏହି ଅମୃତ-ସମନ୍ୱୟ, ସୌନ୍ଦର୍ଯ୍ୟ-ସନ୍ଧାନୀ ପାଠକ ଆତ୍ମାକୁ ଅପୂର୍ବ ତୃପ୍ତିରେ ପରିପୂର୍ଣ୍ଣ କରିଦିଏ। ଏହା ଯେ ବାସ୍ତବରେ ଏକ ବିରଳ ଓ ମହତ୍ତର ମହାନୁଭୂତି- ଏ ସତ୍ୟ ବିବୁଧବୃନ୍ଦଙ୍କ ଆନ୍ତରିକ ସ୍ୱୀକୃତି ଲାଭ କରିଆସିଛି।

ଓଡ଼ିଆ ସାହିତ୍ୟକୁ ରାଧାନାଥଙ୍କ ମହାନ ଅବଦାନ ସ୍ମରଣ କରିବା ବେଳେ ଶଶିଭୂଷଣଙ୍କ ପ୍ରସଙ୍ଗ ଉଲ୍ଲିଖିତ ହେବା ଏକାନ୍ତ ବିଧେୟ। ରାଧାନାଥ ଲେଖିଛନ୍ତି: 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ/ଯେତେ ଦେଖୁଥିଲେ ନୂଆଁ ଦିଶୁଥାଇ।' ଶଶିଭୂଷଣ ସେଇ ସୌନ୍ଦର୍ଯ୍ୟ ଅନ୍ୱେଷଣ କରିଛନ୍ତି ସାରାଜୀବନ। ବାଳକ ଅବସ୍ଥାରୁ ରାଧାନାଥ ଶଶିଭୂଷଣଙ୍କ ହୃଦୟକୁ ଓଡ଼ିଶାର ବଣ, ପାହାଡ଼, ନଦୀ, ନାଳ, ବୃକ୍ଷ, ଲତା, ଫୁଲ, ଫଳ ସହିତ ଏପରି ନିବିଡ଼ ବନ୍ଧନରେ ବାନ୍ଧି ଦେଇଥିଲେ ଯେ, ସେହି ନିସର୍ଗ ସୌନ୍ଦର୍ଯ୍ୟର ବଳୟରେ ଶଶିଭୂଷଣ ଅତିବାହିତ କରିଥିଲେ ସାରାଜୀବନ। 'ଉତ୍କଳ ପ୍ରକୃତି' ଓ 'ଉତ୍କଳର ଋତୁଚିତ୍ର' ତାଙ୍କ ଶ୍ରେଷ୍ଠ ସୃଷ୍ଟି ଭାବରେ ବିବେଚନା କରାଯାଇଛି ପ୍ରାକୃତିକ ସୁଷମାର ହୃଦୟସ୍ପର୍ଶୀ ଚିତ୍ରଣ ହେତୁ।

ଶଶିଭୂଷଣ ବର୍ଣ୍ଣନାତ୍ମକ ପ୍ରବନ୍ଧ ଲେଖିବାରେ ଯେପରି ସିଦ୍ଧହସ୍ତ, ଦାର୍ଶନିକ, ନୈତିକ, ସାମାଜିକ, ଐତିହାସିକ ଓ ସାହିତ୍ୟିକ ବିଷୟ ଉପରେ ଗଭୀର ଆଲୋକପାତ କରିବାରେ ସମଭାବରେ ସମର୍ଥ। ଜୀବନରେ ସାଧାରଣତଃ ଯେଉଁସବୁ ପ୍ରଶ୍ନ ମଣିଷକୁ ଅସ୍ଥିର ଓ ବ୍ୟତିବ୍ୟସ୍ତ କରିଦିଏ, ସେସବୁ ଉପରେ ପ୍ରାବନ୍ଧିକ ବିସ୍ତୃତ ଆଲୋଚନା କରିଛନ୍ତି। କିପରି ଭାବରେ ମନୁଷ୍ୟର ଜୀବନ ହେବ ଅର୍ଥପୂର୍ଣ୍ଣ, ତା'ର ଅନ୍ତଃଚେତନା ହେବ ସୁବିକଶିତ, ପରିପକ୍ୱ -ତାହାକୁ ଦୃଷ୍ଟି ସମ୍ମୁଖରେ ରଖି ମୌଳିକ ଅନୁଚିନ୍ତନର ପରିଚୟ ସେ ଦେଇ ଯାଇଛନ୍ତି। ଈଶ୍ୱର ଯେ ବିଶ୍ୱରୂପରେ ପ୍ରକଟିତ- ଏହି ସମାଧାନରେ ପହଞ୍ଚି ସେ ଆସ୍ତିକ ଓ ନାସ୍ତିକ ସମସ୍ତଙ୍କୁ ଈଶ୍ୱର ବିଶ୍ୱାସୀ ବୋଲି ସ୍ୱୀକାର କରିବା ଦ୍ୱାରା ନିଜ ବିବେଚନା ଶକ୍ତିର ଶ୍ରେଷ୍ଠ ପରିଚୟ ଦିଅନ୍ତି।

ଶଶିଭୂଷଣଙ୍କ ଅଧ୍ୟୟନର ପରିସର କି ବ୍ୟାପକ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ପୃଥିବୀର କେତେ ମହାପୁରୁଷ, ମହାନ ଜ୍ଞାନୀ, ତତ୍ତ୍ୱଦର୍ଶୀ ପଣ୍ଡିତ, ଦାର୍ଶନିକ, ବୈଜ୍ଞାନିକଙ୍କ ସହ ତାଙ୍କ ଅନର୍ଗତ ସମ୍ବନ୍ଧ ହେତୁ ସେହି ଚିରପୂଜ୍ୟ ବ୍ୟକ୍ତିତ୍ୱମାନଙ୍କ ନିକଟରୁ ଉଦାର ଭାବ ସକଳ ତାଙ୍କ ଭିତରକୁ ସଞ୍ଚରି ଆସିଛି ସ୍ୱତଃ। 'ଉଚ୍ଚାଭିଳାଷ', 'ଅଶ୍ରୁ', 'ସୌଜନ୍ୟ' ପ୍ରଭୃତି ପ୍ରବନ୍ଧରେ ପାଠକ ଭିତରେ କେତେ ଅନୁରାଗର ସହ ନମନୀୟ ଭାବ ସଞ୍ଚାର ପାଇଁ ସେ ଯତ୍ନଶୀଳ! ନିଜକୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ କରିବାର ସ୍ୱପ୍ନ ଦେଖିବା ତାଙ୍କ ଦୃଷ୍ଟିରେ ପ୍ରକୃତ ଉଚ୍ଚାକାଂକ୍ଷା ହୋଇ ନ ପାରେ।

ନିଜ ପିତାଙ୍କ ପାଇଁ ସେ ଧବଳେଶ୍ୱରରେ ନିର୍ମାଣ କରିଦେଇଥିଲେ ନିଭୃତ ନିଳୟ। ପିତାଙ୍କ ମହାପ୍ରୟାଣ ପରେ ସେ ଲେଖିଲେ 'ପିତୃସ୍ମୃତି'। କି ଆବେଗମୟ ଭାଷାରେ ସେ ପିତାଙ୍କୁ ସମ୍ବୋଧନ କରି ତାଙ୍କ ଆନ୍ତରିକ ସ୍ମୃତିଚାରଣ କରିଛନ୍ତି! ଓଡ଼ିଆ ସାହିତ୍ୟରେ ସେପରି ଦ୍ୱିତୀୟ ଦୃଷ୍ଟାନ୍ତ ଅନୁପସ୍ଥିତ। ତାଙ୍କ ଜାମାତା ଦୁର୍ଗାଚରଣ ରାୟ ଲେଖିଛନ୍ତି ବୃହଦାକାୟ ରାଧାନାଥ ଜୀବନୀ। ମାତ୍ର ଶଶିଭୂଷଣ ହିଁ ଯେ ପ୍ରଚ୍ଛନ୍ନ ଭାବରେ ରହି ସମସ୍ତ ତଥ୍ୟ ସଂଗ୍ରହ ଓ ଉପସ୍ଥାପନର ଦାୟିତ୍ୱ ନିର୍ବାହ କରିଛନ୍ତି ଏହା ସୁସ୍ପଷ୍ଟ ହୋଇଯାଏ। ଜୀବନର ଉତ୍ତରାୟଣରେ ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସୁଥିଲା ବେଳେ ମଧ୍ୟ ପ୍ରିୟ ପ୍ରକୃତି କୋଳରେ, ନିଭୃତ ନିଳୟରେ ଅବସ୍ଥାନ କରି ସହସ୍ରାଧିକ ପୁସ୍ତକ ପାଠରେ ନିଜକୁ ନିମଗ୍ନ କରି ରଖିଛନ୍ତି। ସୁଧୀ ସଜ୍ଜନଙ୍କ ପତ୍ରର ପ୍ରତ୍ୟୁତ୍ତର ଦେଉଥିଲେ ବଂକିମ ବାକ୍ୟରେ ହେଲେ ମଧ୍ୟ। ରାଧାନାଥଙ୍କ ସମ୍ପର୍କରେ କଟକ ଆକାଶବାଣୀ କେନ୍ଦ୍ରରେ ବକ୍ତୃତା ଦେଇଥିଲେ ଆବେଗମୟ ଭାଷାରେ।

ପ୍ରସଙ୍ଗକ୍ରମେ ସେ କହୁଛନ୍ତି - ଦୁଃଖାକ୍ରାନ୍ତ, ବେଦନାପ୍ଲୁତ ମଣିଷ ପ୍ରତି ଅନ୍ତରଙ୍ଗତା ଅନୁଭବ କରି ଆଖିରୁ ଯେତେବେଳେ ଅଶ୍ରୁଧାରା ନିଗିଡି ଆସେ, ତା'ଠାରୁ ଆଉ ମହାନ ସୌନ୍ଦର୍ଯ୍ୟ ଜଗତରେ କ'ଣ ଅଛି?' ଯେଉଁ ପ୍ରକୃତିକୁ ଦେଖି ସେ ମୁଗ୍ଧ ହୋଇଛନ୍ତି ତାରି ଭିତରେ ଏଇ ମହତ ସମ୍ବେଦନଶୀଳତା ସେ ଆବିଷ୍କାର ଓ ଆହରଣ କରିଛନ୍ତି। ଅର୍ଥାତ ପ୍ରକୃତି ମଣିଷ ପ୍ରତି କିପରି ସହାନୁଭୂତିଶୀଳ ଏହି ସତ୍ୟାବିଷ୍କାରରେ ସେ ତନ୍ମୟ। ଆଜି ଯଦି ଶଶିଭୂଷଣ ଜୀବିତାବସ୍ଥାରେ ଥା'ନ୍ତେ, ପ୍ରକୃତି ପ୍ରତି ମଣିଷର ନିର୍ଦ୍ଦୟତାରେ କିପରି କ୍ରନ୍ଦନ କରୁଥା'ନ୍ତେ ତାହା କ'ଣ ପ୍ରତିଭାତ ହୋଇଯାଉନାହିଁ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇପିଏଲ୍ ବିଜୟ ଉତ୍ସବରେ...

ପରିସରରେରେ ନିର୍ମିତ ଡ୍ରେନ ଉପରେ ଏକ ଅସ୍ଥାୟୀ ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଥିଲା । ଡ୍ରେନ ଉପରେ ଲୋକଙ୍କ ଭିଡ଼ ଯୋଗୁଁ ଏହି ସ୍ଲାବ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଡ୍ରେନ ଭିତରେ ପଡ଼ିଯାଇଥିଲେ । ଏହାପରେ ଆରମ୍ଭ ହୋଇଯାଇଥିଲା ଦଳାଚକଟା । ବିଜୟ ପାଳନ ପାଇଁ ଆୟୋଜିତ ଏହି ଉତ୍ସବ ଶୋକାକୁଳ ହୋଇପଡ଼ିଥିଲା । ଫଳରେ ଏହି କାର୍ଯ୍ୟକ୍ରମକୁ ୧୫ ମିନିଟ ଭିତରେ ସାରି ଦିଆଯାଇଥିଲା । ଦଳାଚକଟାରେ ମୃତାହତଙ୍କୁ ନେବାଲାଗି ସଂଖ୍ୟାଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଷ୍ଟାଡିୟମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । କିନ୍ତୁ ମୃତାହତଙ୍କ ସଂପର୍କରେ କୌଣସି ସୂଚନା ଦେଇ ନାହାନ୍ତି । କେଉଁ ପରିସ୍ଥିତିରେ ଏଭଳି ଦୁଃଖଦପୂର୍ଣ୍ଣ ଅଘଟଣ ଘଟିଲା, ତାହାର ନ୍ୟାୟିକ ତଦନ୍ତ କରାଯାଇ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କହିଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ସଂଗଠନ ଓ ବିରୋଧୀ ଦଳ ଦଳାଚକଟା ଲାଗି ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ଏଭଳି ବଡ଼ ଉତ୍ସବ ଆୟୋଜନ ଲାଗି ପ୍ରଶାସନ ଠିକ ପ୍ରସ୍ତୁତି କରିନଥିଲା ବୋଲି ସେମାନେ ଅଭିଯୋଗ କରିବା ସହିତ ଏଥିପାଇଁ ଦାୟୀ ଅଧିକାରୀ ଓ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବିଜୟ ଉତ୍ସବ ଦେଖିବା ଲାଗି ଗତକାଲି ରାତିରୁ ଭିଡ଼ ଆରମ୍ଭ ହୋଇଯାଇଥିଲା । ଅନେକ ଲୋକ ତାରକାଙ୍କର ଝଲକ ପାଇବା ଲାଗି ଗଛ ଉପରେ ଚଢ଼ି ଡାଳ ଉପରେ ବସିଥିଲେ । ଏଭଳି ଭିଡ଼କୁ ଦେଖି ରାସ୍ତା ଉପରେ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ପୁଲିସ ପକ୍ଷରୁ କୁହାଯାଉଛି ଭିଡ଼ ନିୟନ୍ତ୍ରଣ ଲାଗି ଗତରାତିରୁ ଉଦ୍ୟମ କରାଯାଉଥିଲା । ଷ୍ଟାଡିୟମର କ୍ଷମତା ୩୫ ହଜାର ଥିବା ବେଳେ ପ୍ରାୟ ତିନି ଲକ୍ଷ ଲୋକ ମାଡ଼ି ଆସିଥିଲେ ।

### ଭୁଲ୍ ଇଞ୍ଜେକ୍ସନ୍...

କୋକସରା ଅଞ୍ଚଳର ଫୁଲମତି ମାଝୀ ମେଡିକାଲ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ । ଗତକାଲି ରାତି ୧୧ରୁ ୧୨ଟା ମଧ୍ୟରେ ଆଇସିୟୁରେ ଅଚାନକ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଭୋର୍ ସମୟରେ ଆଉଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣା ଘଟିବାର କିଛି ସମୟ ମଧ୍ୟରେ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ଦେଖି ଟାଉନ୍ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା । ମୃତକମାନଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଆଇସିୟୁରେ ଅପରେସନ ପରେ ରୋଗୀମାନେ ଠିକ୍ ଥିଲେ । ରାତ୍ରୀକାଳୀନ ଦାୟିତ୍ୱରେ ଥିବା କର୍ମଚାରୀ ଇଞ୍ଜେକ୍ସନ ଦେବାପରେ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି ।

ଘଟଣା ପରେ ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କଂଗ୍ରେସର ଯୁବ ନେତା ରାଜ୍ୟ ସମ୍ପାଦକ ରୂପକ ତୁରୁକ ମେଡିକାଲ ଫାଟକ ସାମନାରେ ଧାରଣାରେ ବସିଥିଲେ । ପୀଡ଼ିତମାନଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ହଟିବୁନାହିଁ ବୋଲି ମେଡିକାଲ ଅଧିକାରୀଙ୍କ ବିରୋଧରେ ନାରାବାଜି ଦେଇଥିଲେ । ଏପରିକି ମେଡିକାଲ କଲେଜର ଡିନ୍‌ଙ୍କୁ ମଧ୍ୟ ସେମାନେ ମେଡିକାଲ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ । ପରିବାରକୁ ନ୍ୟାୟ ମିଳିବାର ପ୍ରତିଶ୍ରୁତି ପରେ ଉଭୟ ନେତା ରାସ୍ତାରୁ ହଟିଥିଲେ । ଜିଲ୍ଲାପାଳ ଭି କୀର୍ତ୍ତି ୱାସନ୍‌ଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଜିଲ୍ଲା ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ମୃତଦେହ ବ୍ୟବଛେଦ ପରେ ସେମାନଙ୍କ ଘରକୁ ଶବ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ଗାଡ଼ି ଯୋଗାଇ ଦେବାକୁ ତୁଡା ପିଡି ତପନ କୁମାର ନାୟକ ପ୍ରତିଶ୍ରୁତି ଦେଇଥିଲେ ।

ଖବର ଶୁଣିବା ମାତ୍ରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ବିଜେଡିର ଏକ ଟିମ୍ ମେଡିକାଲରେ ପହଞ୍ଚିଥିଲେ । ଘଟଣାରେ ରାଜ୍ୟ ସରକାର ଶ୍ୱେତପତ୍ର ପ୍ରକାଶ କରିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି । ବିଜେପି ସରକାର ସମୟରେ କୋରାପୁଟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ମେଡିକାଲ ରେଫରାଲ ହସ୍ପିଟାଲ ପାଲଟିଯାଇଥିବା ବେଳେ ପ୍ରଫେସର, ଡାକ୍ତରମାନେ ହସ୍ପିଟାଲ ଛାଡ଼ି ଘରୋଇ କ୍ଲିନିକ୍‌ରେ ବସିଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଦିଗରେ ରାଜ୍ୟ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ଶ୍ରୀ ସେଠୀ କହିଛନ୍ତି । ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ଡାକ୍ତରଖାନାରେ ଅଭିଜ୍ଞ ଷ୍ଟାଫ୍ ଥିଲେ । ପ୍ରୋଟୋକଲ ଅନୁସାରେ ଚିକିତ୍ସା ହୋଇଛି । ରୋଗୀମାନଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ; କିନ୍ତୁ ତାହା ସଫଳ ହୋଇପାରି ନାହିଁ । ତେବେ ତିନିଜଣ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି, ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ହସ୍ପିଟାଲ ଅଧୀକ୍ଷକ ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି ।

### ବଢୁଛି 'ଉଷ୍ମଘାତ'...

ଦିବସ ହୋଇପାରେ । ଜୁନ୍ ୫ରୁ ତାପମାତ୍ରା କ୍ରମଶଃ ବଢ଼ିବ ଓ ଜୁନ୍ ୭ରେ କେତେକ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ । ଜୁନ୍ ୧୦-୧୨ ମଧ୍ୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୮ ଡିଗ୍ରୀ ବା ତାଠାରୁ ଅଧିକ ରହିପାରେ । ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗିର, ଢେଙ୍କାନାଳ, ଅନୁଗୁଳ ସବୁଠାରୁ ଅଧିକ ଉତ୍ତପ୍ତ ଉତ୍ତପ୍ତ ରହିବ । ଏହାସହିତ ଆଭ୍ୟନ୍ତରୀଣ କଟକ, ଖୋର୍ଦ୍ଧା, ପୁରୀର କିଛି ଅଞ୍ଚଳ, ନୟାଗଡ଼ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ ମଧ୍ୟ ଅତ୍ୟଧିକ ଗରମ ସହିତ ଝାଞ୍ଜି ପବନ ଓ ଗୁଳୁଗୁଳି ହୋଇପାରେ । ଜୁନ୍ ମାସରେ ମୌସୁମୀ ବିଳମ୍ବ ହେଲେ ଗ୍ରୀଷ୍ମ ପ୍ରବାହ ହୋଇଥାଏ । ୨୦୨୩ ଜୁନ୍ ୧୨ରେ ରାଜ୍ୟରେ ୧୬ ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ସମ୍ବଲପୁରରେ ତାପମାତ୍ରା ୪୫.୬ ଡିଗ୍ରୀ ରେକର୍ଡ ହୋଇଥିଲା । ଭୁବନେଶ୍ୱରରେ ୪୪.୩ ଡିଗ୍ରୀ ରେକର୍ଡ ହେବା ସହ ସେହି ସମୟରେ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୮.୩ ଡିଗ୍ରୀ ଅଧିକ ରହିଥିଲା । ୨୦୧୬ ମସିହାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା ।

ପ୍ରଫେସର ପଶୁପାଳକ ଆହୁରି କରିଛନ୍ତି ଯେ ଆସନ୍ତା ଜୁନ୍ ୧୧ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ହେତୁ ରାଜ୍ୟକୁ ପୂର୍ବା ପବନ ବହିବ । ଫଳରେ ଉପକୂଳରେ ୧୧ ଏବଂ ଆଭ୍ୟନ୍ତରୀଣରେ ୧୩ରୁ ତାପମାତ୍ରା କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଅନୁଗୁଳ, ସମ୍ବଲପୁର ଓ ଭଦ୍ରକରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବାକି ଅଧିକାଂଶ ସ୍ଥଆନରେ ତାପମାତ୍ରା ୩୭-୩୮ ଡିଗ୍ରୀ ମଧ୍ୟରେ ରହିଛି । ଏହାସହିତ ଅଧିକାଂଶ ସ୍ଥାନରେ ଆର୍ଦ୍ରତା ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ରାଜ୍ୟବାସୀ ଭୀଷଣ ଗୁଳୁଗୁଳି ଭୋଗିଛନ୍ତି । ଅନ୍ୟପଟେ ଭୁବନେଶ୍ୱର ସମେତ ବାଲେଶ୍ୱର, ସୋନପୁର, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ହୋଇଥିବା ବର୍ଷା ଯୋଗୁଁ ଏଠାରେ ଜାରି ରହିଥିବା ଗୁଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

### ୨୭ ରାଜ୍ୟକୁ ବ୍ୟାପିଛି...

୫୧୦ ରୋଗୀ ଚିକିତ୍ସାଧୀନ ଅଛନ୍ତି । ସେହିପରି କରୋନାରେ ୪୪ ଜଣ ପ୍ରାଣ ହରାଇଲେଣି । କେବଳ ଗତ ୫ ଦିନରେ କରୋନା ୩୭ ଜଣଙ୍କ ଜୀବନ ନେଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ସର୍ବାଧିକ ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି । ଏହି ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଯାଇଛି । ଏହା ବ୍ୟତୀତ ସମୀକ୍ଷାଧିନ ଅବଧିରେ ଦିଲ୍ଲୀ, ଗୁଜରାଟ ଏବଂ ତାମିଲନାଡୁରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଏହି ଲହରରେ ପ୍ରଥମ ଥର ପାଇଁ ମଙ୍ଗଳବାର ହିମାଚଳ ପ୍ରଦେଶରୁ କରୋନା ମାମଲା ସାମ୍ନାକୁ ଆସିଛି । ଏହାକୁ ନେଇ ରାଜ୍ୟ ସରକାର ବିଳମ୍ବିତ ରାତିରେ ମାର୍ଗଦର୍ଶିକା ଜାରି କରି ହସ୍ପିଟାଲ ଗୁଡିକରେ ମାସ୍କ ବାଧ୍ୟତାମୂଳକ କରିଦେଇଛନ୍ତି । ଅନ୍ୟପଟେ କେରଳ ସରକାର ନୂତନ ନିର୍ଦ୍ଦେଶାବଳୀ ଜାରି କରି ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଥଣ୍ଡା ଏବଂ ଜ୍ୱର ହେଲେ କୋଭିଡ୍ ପରୀକ୍ଷାକୁ ବାଧ୍ୟତାମୂଳକ କରିଦିଆଯାଇଛି । ଏହି ରାଜ୍ୟ ଦେଶରେ କରୋନାର ହଟ୍‌ସ୍ପଟ୍ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହା ମଧ୍ୟରେ କେନ୍ଦ୍ର କରୋନା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଜାଦବ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଏବଂ ଆୟୁଷ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ସଜାଗ ଅଛି । ରାଜ୍ୟ ସ୍ଥିତି ଉପରେ ନଜର ରଖାଯାଇଛି । ସମ୍ପୃକ୍ତ ସଚିବ ଏବଂ ମନ୍ତ୍ରୀମାନଙ୍କ ସହ କଥା ହୋଇଛୁ । ସେହିପରି କରୋନା ଲହର ସମୟରେ ନିର୍ମିତ ଅକ୍ସିଜେନ୍ ପ୍ଲାଣ୍ଟ, ଆଇସିୟୁ ବେଡ୍ ଭଳି ଜିନିଷଗୁଡ଼ିକର ସମୀକ୍ଷା କରାଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଛି ।

### ଜୁଲାଇ ୧୧ରୁ...

ଦାବି କରି ଆସୁଥିଲେ । ଗତକାଲି କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ୧୬ଟି ଦଳ ବୈଠକ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଥିଲେ । ତେବେ ସରକାର ଆଜି ମୌସୁମୀ ଅଧିବେଶନ ଲାଗି ତାରିଖ ଘୋଷଣା କରିବା ପରେ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ପାର୍ଟିର ସାଧାରଣ ସଂପାଦକ ଜୟରାମ ରମେଶ କହିଛନ୍ତି ଯେ ସରକାର ସ୍ୱତନ୍ତ୍ର ଅଧିବେଶନକୁ କାହିଁକି ଏଡ଼ାଉଛନ୍ତି, ତାହା ଜଣାପଡୁନାହିଁ । ସେ କହିଲେ ଯେ ଦେଢ଼ ମାସ ପୂର୍ବରୁ ସଂସଦ ଅଧିବେଶନ ତାରିଖ ଘୋଷଣା କରାଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ଏହାପୂର୍ବରୁ ଏଭଳି ଘୋଷଣା କେବେହେଲେ କରାଯାଉନଥିଲା ।

### ୨୦୨୬ ଅକ୍ଟୋବରରୁ...

ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା । କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁଁ ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା ।

ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି । ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ । ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ ।

ଗତ ଏପ୍ରିଲ ୩୦ ତାରିଖରେ ଜାତି ଭିତ୍ତିକ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ କେତେକ ରାଜ୍ୟ ଜାତି ସର୍ଭେ କରାଇଛନ୍ତି । କିନ୍ତୁ ଏଥିପାଇଁ ସେମାନେ ଯେଉଁ ପ୍ରଣାଳୀ ଅପଣାଇଥିଲେ, ତାହା ସ୍ୱଚ୍ଛ ନଥିଲା ଏବଂ ଏହାଦ୍ୱାରା ଅସଲ ଉଦ୍ଦେଶ୍ୟ ହାସଲ ହୋଇପାରିନଥାନ୍ତା । ପୁଣି ଏହା ସାମାଜିକ ସଦ୍‌ଭାବ ନଷ୍ଟ କରିବାର ଆଶଙ୍କା ମଧ୍ୟ ଥିଲା । ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା । ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା । କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ ।

### ଅକଳରେ ରାଜ୍ୟ...

ଅପରପକ୍ଷେ ଜୟ ନାରାୟଣ ବାରମ୍ବାର ଦଳ ଓ ଦଳୀୟ ନେତୃତ୍ୱଙ୍କୁ ଅଡୁଆରେ ପକାଇବା ଭଳି ବୟାନ ଦେଉଥିଲେ ହେଁ ଦଳର ଶୀର୍ଷ ନେତୃତ୍ୱ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ନିଜ ମନ୍ତବ୍ୟକୁ ସଠିକ୍ ଦର୍ଶାଇବାକୁ ଯାଇ ଜୟନାରାୟଣ କହିଛନ୍ତି ଯେ ପ୍ରାର୍ଥୀ ଦେବାରେ ପାତରଅନ୍ତର କରାଯିବା ଦ୍ୱାରା ନିର୍ବାଚନରେ ଆମର ୩ ଜଣ ନେତା ସ୍ୱାଧୀନ ଭାବେ ବିଜୟ ଲାଭ କଲେ । ଯଦି ସଠିକ୍ ପ୍ରାର୍ଥୀ ଦଳ ଦେଇଥିଲା, ତାହେଲେ ଏହି ୩ ଜଣ କିପରି ନିର୍ବାଚନ ଜିତିଲେ? ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ସେ କହିଛନ୍ତି ଯେ ବିଜେପିରେ ଯୋଗ୍ୟ ଲୋକଙ୍କ ଅଭାବ ନାହିଁ । ମାତ୍ର ସମ୍ପ୍ରସାରଣ କଣ ପାଇଁ ହେଉନାହିଁ ତାହା ମୁଖ୍ୟମନ୍ତ୍ରୀ କହିପାରିବେ । ଜୟଙ୍କ ଏହି ଟିପ୍ପଣୀ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ସରକାର ଗଠନର ବର୍ଷେ ବିତିବାକୁ ବସିଲାଣି, ହେଲେ ଦଳର ରାଜ୍ୟ ନେତୃତ୍ୱ ଏଯାବତ୍ ସାଂଗଠନିକ ପୁନର୍ବିନ୍ୟାସ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରୁନାହାନ୍ତି । ରାଜ୍ୟରେ ନିଗମ, ବୋର୍ଡରେ ନିଯୁକ୍ତି ଠାରୁ ଆରମ୍ଭ କରି କମିଶନ, ଏକାଦେମୀରେ ନିଯୁକ୍ତି କରାଯାଇ ପାରୁନାହିଁ । ଉଭୟ ସରକାର ଏବଂ ସଂଗଠନରେ ଭୟଙ୍କର ନେତୃତ୍ୱ ସଙ୍କଟ ଚାଲୁଥିବା ବେଳେ ଏହା ବାହାରକୁ ଭୁଲ୍ ବାର୍ତ୍ତା ଦେଉଛି । ଏପରିସ୍ଥଳେ ଜୟ ନାରାୟଣ ବାରମ୍ବାର ଦଳକୁ ଅଡୁଆରେ ପକାଇବା ଭଳି ମନ୍ତବ୍ୟ ଦଳର ଦୁର୍ବଳ ନେତୃତ୍ୱ ପ୍ରତି ଅଙ୍ଗୁଳି ଉଠାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ସମ୍ପ୍ରତି ରାଜ୍ୟ ସରକାର ପ୍ରଶାସନିକ ସ୍ଥାଣୁତାର ସାମ୍ନା କରୁଛନ୍ତି । ଉନ୍ନୟନ କାମ ଏକପ୍ରକାର ଠପ୍ ହୋଇ ପଡ଼ିଥିବା ବେଳେ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ । ସେହିପରି ନିର୍ବାଚନ ପ୍ରତିଶ୍ରୁତି ପାଳନ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ଏହା କ୍ରମଶଃ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି । ଏହା ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ସମାନ ସମୟରେ ମନ୍ତ୍ରୀ ମନ୍ତ୍ରୀ, ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ତାଳମେଳର ଅଭାବ ଆଉ ଏକ ନୂଆ ସଙ୍କଟ ସୃଷ୍ଟି କରିଛି । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟର ଅଭାବ ଆଉ ଏକ ନୂଆ ବିବାଦ ସୃଷ୍ଟି କରିଛି । ବାରମ୍ବାର ଚେଷ୍ଟା ସତ୍ତ୍ୱେ ରାଜ୍ୟ ସଭାପତି ନିଯୁକ୍ତି ହୋଇ ପାରିଲା ନାହିଁ । ସାଂଗଠନିକ ପୁନର୍ବିନ୍ୟାସ କେବେ ହେବ ସେନେଇ କୌଣସି ସ୍ପଷ୍ଟ ଉତ୍ତର ଦଳ ପାଖରୁ ମିଳୁନାହିଁ । ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଇଥିବା ବେଳେ ଏହାହିଁ ସରକାରର ଦ୍ୱିତୀୟ ବର୍ଷ ପାଇଁ ସବୁଠାରୁ ବଡ଼ ଆହ୍ୱାନ ସାଜିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି । ଅତୀତରେ ବନ୍ଦେ ଉତ୍କଳ ଜନନୀ ଗାନ ପ୍ରସଙ୍ଗଠାରୁ ଆରମ୍ଭ କରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଯାଏଁ, ଜୟ ନାରାୟଣ ବହୁ ବିବାଦୀୟ ମନ୍ତବ୍ୟ ରଖିଛନ୍ତି । ତାଙ୍କ ପଛରେ ବହୁ ନେତାଙ୍କର ପରୋକ୍ଷ ସମର୍ଥନ ରହୁଥିବାରୁ ବୋଧହୁଏ ଏହା କାର୍ଯ୍ୟାନୁଷ୍ଠାନ ରାସ୍ତାରେ ଅନ୍ତରାୟ ସାଜୁଛି ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/06, ତା.02.06.2025ରିଖ

**କ୍ରମ ସଂ.01:** ଟେଣ୍ଡର ନଂ. 03252009A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆଡପ୍ଟର (ଜ୍ୟାଲୋ କ(Jaw)), ପରିମାଣ : 52077 ଗୋଟି।

**କ୍ରମ ସଂ.02:** ଟେଣ୍ଡର ନଂ. 03251474A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CBC କପଲର ର KNUCKLE, ପରିମାଣ : 297 ଗୋଟି।

**କ୍ରମ ସଂ.03:** ଟେଣ୍ଡର ନଂ. 06255015, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : HVN-66 ଇନ୍‌ସୁଲେଟିଙ୍ଗ୍ ଲାଇନର, ପରିମାଣ : T.S. ଅନୁସାରେ।

**କ୍ରମ ସଂ.04:** ଟେଣ୍ଡର ନଂ. 07253112, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡେକୋରେଟିଭ୍ ଥର୍ମୋସେଟିଙ୍ଗ୍ ସିନ୍‌ଥେଟିକ୍ ରେଜିନ୍ ବଣ୍ଡେଡ୍ ଲାମିନେଟେଡ୍ ସିଟ୍ସ, ପରିମାଣ: 5065 ଗୋଟି।

**କ୍ରମ ସଂ.05:** ଟେଣ୍ଡର ନଂ. 02251796, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : IGBT ଆଧାରିତ କନଭର୍ଟର ଦ୍ୱାରା ନିର୍ମିତ BHEL ର DCU କାର୍ଡ, ପରିମାଣ : 12 ସେଟ୍।

**କ୍ରମ ସଂ.06:** ଟେଣ୍ଡର ନଂ. 06245302, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଗ୍ରାଇଣ୍ଡର ପ୍ରେସ୍ ହେଲ୍ଟର କଂପ୍ଲିଟ୍ ସ୍ପ୍ରିଙ୍ଗ, ପରିମାଣ : T.S. ଅନୁସାରେ।

**କ୍ରମ ସଂ.07:** ଟେଣ୍ଡର ନଂ. 03253795, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କାର୍ଟ୍ରିଜ୍ (Cartridge) ଟାଇପ ରୋଲର ବିୟରିଙ୍ଗ୍, ପରିମାଣ : 600 ଗୋଟି।

**କ୍ରମ ସଂ.08:** ଟେଣ୍ଡର ନଂ. 03251458, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆର୍ଟିକୁଲେଟେଡ୍ (Articulated) ସାଇଡ୍ ରୋ ସଫେରିକ୍ (Spheroelastic) ରବର ବିୟରିଙ୍ଗ୍, ପରିମାଣ : 253 ଗୋଟି।

**କ୍ରମ ସଂ.09:** ଟେଣ୍ଡର ନଂ. 03253811, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କୋଚ୍‌ଗୁଡ଼ିକର ଜାଲ୍ ନିମନ୍ତେ ପ୍ରାଇମେରୀ ସ୍ପ୍ରିଙ୍ଗ, ପରିମାଣ : 1202 ଗୋଟି।

**କ୍ରମ ସଂ.10:** ଟେଣ୍ଡର ନଂ. 06255014, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 6 mm ମୋଟେଇ ବିଶିଷ୍ଟ ନାଇଲନ୍ କର୍ଡ ରେନ୍‌ଫୋର୍ସ୍‌ଡ୍ (Reinforced) ଗ୍ଲୁଡ୍ ରବର ସୋଲ ପ୍ଲେଟ୍ସ, ପରିମାଣ : T.S. ଅନୁସାରେ।

**କ୍ରମ ସଂ.11:** ଟେଣ୍ଡର ନଂ. 06255013, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 10125 mm କର୍ଣ୍ଣର ସ୍ପ୍ରିଙ୍ଗ, ପରିମାଣ : T.S. ଅନୁସାରେ।

**କ୍ରମ ସଂ.12:** ଟେଣ୍ଡର ନଂ. 04251106, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବିଦ୍ୟୁତେଜିତ୍ ଆର୍ଥ ଆର୍ଥିଙ୍ଗ୍ ଡିଭାଇସ୍, ପରିମାଣ : 272 ଗୋଟି।

ଖୋଲିବ : ତା.10.06.2025 ରିଖ(କ୍ରମ ସଂ.1 ପାଇଁ), ତା.12.06.2025 ରିଖ(କ୍ରମ ସଂ.2 ଏବଂ 6 ପାଇଁ), ତା.11.06.2025 ରିଖ (କ୍ରମ ସଂ.3 ପାଇଁ), ତା.19.06.2025 ରିଖ(କ୍ରମ ସଂ.4 ପାଇଁ), ତା.16.06.2025 ରିଖ(କ୍ରମ ସଂ.5 ଏବଂ 7 ପାଇଁ), ତା.17.06.2025 ରିଖ(କ୍ରମ ସଂ.8 ପାଇଁ), ତା.18.06.2025 ରିଖ(କ୍ରମ ସଂ.9 ପାଇଁ), ତା.20.06.2025 ରିଖ(କ୍ରମ ସଂ.10 ଏବଂ 11 ପାଇଁ) ଏବଂ ତା.30.06.2025 ରିଖ(କ୍ରମ ସଂ.12 ପାଇଁ)।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଯୋଗ୍ୟତା, ସର୍ତ୍ତ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ଦାଖଲ କରିବା ପାଇଁ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-202/Q/25-26

---

**OFFICE OF THE TAHASILDAR, GUNUPUR**

No. 1659/XII:02/2025-Debottar. Dated:03.06.2025

**TENDER CALL NOTICE**

Sealed Quotation/Tenders are invited from the interested reputed Agencies / Tours Operators of Private individuals for staging of Mina Bazar and join ride items except Mout Ka Kua at Mina Bazaar Rath Yatra for the year 2025. The sealed quotation should be submitted with the following documents i.e. registration certificate, Clearance of GST, Identity proof, PAN Card, Adhar Card along with Bid Security of Rs 20,000/- (Twenty Thousand) refundable in shape of Demand Draft in favour of **Tahasildar, Gunupur** and offset Bid price **Rs.20,00000/- (Twenty Lakhs)** only.

The Quotation completed in all respect should reach the undersigned on or before 12.06.2025 by 10.00 AM and shall be opened on the same day at 11.30 A.M in the **Sadhbhavana Sabha Gruha of Sub-Collector office, Gunupur** in presence of the bidders or their authorized representatives. The successful bidder must submit/obtain a No Objection Certificate from Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur within 7 days from the date of receipt of intimation from this office.

Any other details and particulars if required can be obtained from the office of the **Tahasildar, Gunupur.**

--Sd--

**Tahasildar-Cum-Executive Officer Endowment, Gunupur.**

---

OFFICE OF THE SUPERINTENDING ENGINEER

**TELENGIRI CANAL DIVISION**

AMBAGUDA, DIST.: KORAPUT, ODISHA - 764055

EMAIL ID: Setcdambaguda@gmail.com A-243

**QUOTATION CALL NOTICE NO 01/2025-26 DT 31.05.2025**

Sealed quotations are invited from interested reputed Travel Agencies/Tour Operators or private individuals for providing 1 (one) no of AC Petrol driven vehicle (Zest/Tigor/Swift /Dzire/Xcent/Etios equivalent) having seating capacity not more than ten including driver, which shall conform to the Terms and Conditions (Annexure-A) for official use in the office of the Chief Engineer & Basin Manager, Indravati and Kolab Basin, Bariniput, Dist-Koraput on monthly rent basis. The bidder(s) can furnish offer for one or more vehicles, but separate application forms for individual vehicles should be furnished.

1. The application form of quotation containing General Bid Information & Terms and Conditions for hiring of vehicles will be available with the cashier of this office and can be obtained from **03.06.2025 to 12.06.2025 up to 09.30 AM** on working days during working hours.
2. The completed quotation in all respects should reach the undersigned on or before **12.06.2025 by 09.30 AM** and shall be opened on the same day at **11.30 AM** in the presence of the bidders or their authorized representatives who wish to be present.
3. The authority reserves the right to reject any or all quotations without assigning any reason thereof.
4. Further details can be seen on the Government of Odisha website: **www.odisha.gov.in**

**(Er. Bikash Pradhan)**
Superintending Engineer
OIPR- Telengiri Canal Division, Ambaguda

---

**NOTICE / DECLARATION**

It is for information of all concerned that the partnership firm M/s Maa Basanti Durga Constructions bearing Registration No 1820202201249 of 2022, District :Khordha has been reconstituted w.e.f 01.10.2024 as follows :-

1. Managing Partner - Sri Saroj Kumar Sethi
2. Incoming Partner -Smt Manaswini Sethi
3. Retiring Partner - Mr Shusanta Sethi
4. Retiring Partner -Mrs Uma Sethi

Date: 03.06.2025

Sd/- Managing Partner
M/s Maa Basanti Constructions

---

Office of the Principal / Secretary

**BALIKHAND DEGREE COLLEGE, BALIKHAND**

Dist. : BALASORE

e-Mail : balikhanddegreecollege@gmail.com

**TENDER CALL NOTICE**

Letter: BDC-015/2025 Date:4th June 2025

Sealed Quotations are hereby invited in the prescribed format from the intending registered authorized dealers having valid GST & IT Clearance Certificate, PAN Card for supply of Dell Desktop Computer, Printer, UPS LED T, Camera and other IT Equipments as required to Balikhand Degree College from: The details of Tender with tender documents can be obtained from the College Office or College Mail.Id. from:10.00AM dated-05.06.2025 .The Tenderer shall submit their tender by registered post on or before 15.06.2025.The tender will be opened on: 20.06.2025 at11.30AM in the Office of the undersigned in the presence of bidders or their authorized representatives.

The authority reserves the right to accept or reject any or all tenders without assigning any reason thereof. All disputes are subject to the jurisdiction of Balasore & Bhadrak only.

Sd/- Principal
Balikhand Degree College,
Balikhand,Balasore

---

OFFICE OF THE PRINCIPAL

**GOVERNMENT VOCATIONAL HIGHER SECONDARY SCHOOL, SUNABEDA**

SUNABEDA-3, DIST-KORAPUT (ODISHA)PH. 06853-221962 (O)

E-MAIL: sunabedawomenshss94@gmail.com

**Advertisement**

Applications are invited with relevant certificates by Regd. Post/ speed Post/ in person to sponsor the Name for engagement of Guest Faculty in Vocational trade for the session 2025-26. Honorarium as per the Government of Odisha norms. Retired Govt. / HSS teachers below 65 years / in service / fresh candidate having the requisite qualification are eligible to apply. The last date of receiving the application is 17/06/2025. Applications received after the last date shall be summarily rejected. The candidates are informed to remain present at 11:00 A.M. on 18/06/2025 at Govt. Voc. H. S. School, Sunabeda along with original documents / certificates for verification. No TA / DA will be paid for attending the interview.

| TRADE SUBJECT AND VACANCY | QUALIFICATION |
|---|---|
| INFORMATION TECHNOLOGY - INFORMATION TECHNOLOGY ENABLED SERVICES (IT-Ites) (ONE) | Bachelor Of Engineering / Technology In Computer Sc./information Technology Or Master In Computer Application Or Master Of Information Technology Or Doeacc B Level Certificate. The Suggested Qualification Is The Minimum Criteria. However, Higher Qualifications Such As Master Of Engineering / technology In Computer Sc. / information Technology Is Acceptable. |
| CATERING AND RESTAURANT MANAGEMENT (CRM) (ONE) | Degree/ Diploma (minimum 3 Years Duration) In Hotel Management And Catering Technology/ Hospitality And Hotel Administration From Any Institute Affiliated To National Council For Hotel Management And Catering Technology/state Board Of Technical Education/ Recognized University Having Minimum 50% Marks In Aggregate With Minimum Two Years Experience In Industry Or Teaching / M.a. Or M.sc. In Home Science With 55% Marks In (i) Home Science / (ii) Nutrition / Nutrition And Dietetics / Equivalent / B.sc. Management And Dietetics Or Equivalent / B.sc. (home Science) With One Year Certificate Course In Food And Beverage Service/ Food Production With One Year Experience In Relevant Trade. |

**Sd/- Principal**
G.V.H.S.S., SUNABEDA

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Scrap-Dis-25-26-06

**କାର୍ଯ୍ୟର ନାମ:** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଚୁକିତ ଲୁଜ ସ୍କ୍ରାପ/ ବସ୍ତୁର କମ୍ପ୍ୟୁଟରୀକୃତ ନିଷ୍କାସନ।

**ଆକଳିତ ମୂଲ୍ୟ(ଟଙ୍କାରେ):** 21,95,826/-, EMD (ଟଙ୍କାରେ): 43,900/-, କାର୍ଯ୍ୟ ଶେଷ ଅବଧି: 06 ମାସ।

ପ୍ରି ବିଡ୍ ବୈଠକ ତାରିଖ: ତା.14.06.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.06.2025ରିଖ 1200 ଘଟିକାରେ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିପରି ପ୍ରାପ୍ତ ହୋଇଥିବା ମାନୁଆଲ ଅଫରକୁ ବିଚାର କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ୍ www.ireps.gov.in ରେ ଉପଲବ୍ଧ ଅଛି।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II)/ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-196/Q/25-26

---

**AFFIDAVIT**

By virtue of an affidavit No. 1949, dtd. 14.05.2025 before the Executive Magistrate, Banpur, I, Sangita Pradhan, At- Halanda, Po- Badasireipur, Ps.- Banpur, Dist.- Khordha do hereby declare that I have changed my name from Sangita Bisoi to Sangita Pradhan. Henceforth I shall be known as **Sangita Pradhan** instead of Sangita Bisoi for all purposes.

**Sd/- Sangita Pradhan**

---

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 02.06.2025,I Kanak Durlia resident of at: Govindapalli, PO: Govindapalli ,P.S Mathili, Dist: Malkangiri, Odisha ,Pin-764044, declare that I have changed my name from Purnima Turlia to Kanak Durlia. Henceforth,I shall be known as Kanak Durlia for all purposes.

**Kanak Durlia**

---

**LOST**

I Daulat Kumar Kampa, S/o-Late Surendra Kampa, R/O Sunalarambha, P.o/Tah-Bheden the original sale deed bearing RSD No-721, dt. 09/07/1999 and RSD No-67, dt 17/01/1995 which are executed in favour of Surendra Kampa and Banabasi Kampa have been lost the said original sale deed from my custody when I was traveling on dtd. 26/04/2025 from Sunalarambha to Bheden. I couldn't find out the same with my utmost effort and inquiry.

**Daulat Kumar Kampa**

---

**LOST**

By virtue of an affidavit sworn before Notary Public Sohela Dist- Bargarh dated. 03.06.2025, I, **Bijaya Kumar Meher,** S/o Hemanta Kumar Meher, resident of Village/PO- Pada, PS- Bijepur, Dist- Bargarh, (768032) Odisha do hereby declare that, my father had purchased a piece of land at Mouza Pada from its lawful owner by virtue of which RSD No 2223/2008 was prepared before SRO Sohela have been lost on 02/06/2025 in somewhere at my nearest village Pada. If anyone finds it kindly contact to my address or mobile no 7608080890.

---

**AFFIDAVIT**

**I, Pritty Agrawall,** W/o.: Pawan Kumar Jain, resident of At/PO.: Kandhal, P.S.: Talcher, Dist.: Angul, PIN-759100, Odisha, declare by this affidavit No.: 3470, dated-03/06/2025, that now onwards I shall be known as **PRITTY AGARWALL** for all future purposes.

---

**AFFIDAVIT**

By virtue of an affidavit sworn before the Notary Public Kesinga, dated 27.05.2025, I, Japa Rana, Address At/Po- Kantesir, Ps-Kesinga, Dist- Kalahandi, Odisha, Pin-766012 declare that I have changed my daughter's name from Shusuma Rana to Kunjan Rana. Henceforth, she shall be known as Kunjan Rana for all purposes.

**Japa Rana**

---

**AFFIDAVIT**

By virtue of an affidavit No. 3629, dtd. 02.05.2025 in the court of the Executive Magistrate, Umerkote, Dist.-Nabarangpur, I, Sanmati Harijan have changed my name from Sanabati Harijan to Sanmati Harijan. Henceforth I shall be known as Sanmati Harijan instead of Sanabati Harijan for all purposes.

**Sd/- Sanmati Harijan**

---

**AFFIDAVIT**

I, Padmabati Jati, W/o- Late Anant Jati, Resident of At-Nakichua, Po-Chinchalgadia, Ps-Rasgovindpur, Dist- Mayurbhanj, Odisha-756030. Declared by affidavit before The Executive Magistrate, Rasgovindpur No.770 / dtd-29/05/2025 That, my name as Padmabati Jati has been recorded my voter identity card bearing no-OR/02/008/312706, which is true & correct but my Aadhar Card no-2008 3524 1664 mention Srimati Padmamani Jyoti. I declare that Padmabati Jati & Srimati Padmamani Jyoti same and one person for all future purpose.

**Padmabati Jati**

---

**AFFIDAVIT**

I, Mohammad Tabrez Rasool, aged about 35 years, S/o- Mohammed Abdur Raheman, resident of At/Po- Praharajpur, Ps-Kishannagar, Dist- Cuttack, PIN- 754130, Odisha declared by this affidavit No. 481, dtd-02/06/2025 that now onwards I shall be known as **MD TABREZ RASOOL** for all future purposes.

---

**AFFIDAVIT**

I, Smita Subhadarshini, W/o- Himansu Sekhar Pradhan, resident of At/Po- Mahipur, Dist-Nayagarh, PIN-752094, Odisha declared by this affidavit No. 1119, dtd-03/06/2025 that now onwards I shall be known as **SMITA SUBHADARSINI** for all future purposes.

---

**DOCUMENT LOST**

I, **Susama Sahoo,** W/o- Niranjan Sahoo, resident of Laxmisagar Upper Sahi, Po- Budheswari, Ps-Laxmisagar, Bhubaneswar-751006, Dist- Khurda, Odisha do hereby declare that, Original ROR having Khata No. 1593/1256, Plot No. 1182/4899, Mouza Bhubaneswar Sahar, Unit No. 30, Laxmisagar-1, Area Ac0.023 decimal, Kissam Gharabari-2 have been lost on 25.05.2025 in somewhere at Laxmisagar Area. If anyone finds it kindly contact to my number: 9438670857.

---

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

---

**NOTICE**

By virtue of an affidavit sworn before the Notary Public, Cuttack, dated 02.06.2025, I, Sumita Jena W/o- Pradip Kumar Jena, resident of At- Balia, P.O.-Taria, PS- Ranapur, Dist-Nayagarh, Odisha, Pin- 752026 have changed my son's name from Peasants Jena to Prasanta Jena. Henceforth, he shall be known as Prasanta Jena for all purposes.

**(Sumita Jena)**

---

**AFFIDAVIT**

I, Smita Subhadarshini Pradhan, W/o- Himansu Sekhar Pradhan, resident of At/Po- Mahipur, Dist-Nayagarh, PIN-752094, Odisha declared by this affidavit No. 1118, dtd-03/06/2025 that now onwards I shall be known as **SMITA SUBHADARSINI** for all future purposes.

---

**AFFIDAVIT**

I, Abdur Raheman Mohammad, aged about 64 years, S/o- Mohammed Alay Rarsool, resident of At/Po- Praharajpur, Ps-Kishannagar, Dist-Cuttack, PIN- 754130, Odisha declared by -this affidavit No. 480, dtd-02/06/2025 that now onwards I shall be known as **MOHAMMED ABDUR RAHEMAN** for all future purposes.

---

**AFFIDAVIT**

In the Court of Executive Magistrate, Gaisilat. I, **Padmanabha Bhue,** S/o-Bhotdeb Bhue, R/o. At Buromunda, Po/Ps- Gaisilat, Dist-Bargarh solemnly affirm and state as follows, my former name is **Karameswar Bhue** but my assumed name is **Padmanabha Bhue**. I request all person at all time to designate and address me and my wife / husband, children, remoter issue by such assumed name of **Padmanabha Bhue.**

**Padmanabha Bhue**

---

**AFFIDAVIT**

I, Taranam Begam, W/o- Taj Mahamada, resident of At- Kumbharpar, PO-Raighar, Dist-Nabarangapur, PIN-764074, Odisha declared by this affidavit No. 1120, dtd-03/06/2025 that now onwards I shall be known as **RAHINUM BEGAM** for all future purposes.

---

**NOTICE (FOR MINOR)**

By virtue of an affidavit sworn before the Court of Sri S.K. Nayak, Executive Magistrate, Dhenkanal dated 04-06-2025, I, Chandrakant Sahoo, S/o. Maguni Sahoo, Village-Gopinathapur, P.O. Singhanath Pith, P.S. Badamba, Dist. Cuttack, PIN-754031 declare that I have changed the name of my son from Chiranjib Arya to Chiranjib Sahoo. Henceforth, he shall be known as Chiranjib Sahoo for all purposes.

**(Chandrakant Sahoo)**

ସକାଳ THE SAKALA



www.sakalaepaper.com

## ଆକ୍ରମଣ ଘଟଣାରେ ତିନି ଗିରଫ

**ଟିଗିରିଆ,୪।୬(ସମିସ):** ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ବଜାର ଉପରେ ଅବସ୍ଥିତ ନିୟୁ ଅନ୍ତର୍ଯ୍ୟାମୀ ଅଳଙ୍କାର ଦୋକାନକୁ ଗତକାଲି ବିଳମ୍ବିତ ରାତିରେ ଚୋରି କରିବାକୁ ଆସିଥିବା ଏକ ଚୋର ଦଳ ଉକ୍ତ ଦୋକାନ ବାହାରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଭୋଗଡା ପଞ୍ଚାୟତସ୍ଥିତ ବେଲଅଣ୍ଟା ଗ୍ରାମର ନରେଶ ନାୟକଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେଇଛନ୍ତି। ଏଥିସହିତ ନରେଶଙ୍କୁ ଚୋର ଦଳ ମାଡ଼ ମାରୁଥିବା ଦେଖି ସେଠାରେ କାର୍ଯ୍ୟରତ ସୁରକ୍ଷାକର୍ମୀ ପ୍ରତିହତ କରିବାରୁ ଚୋରମାନେ ତାଙ୍କୁ ମଧ ମାଡ଼ ମାରିଥିବା ଜଣାପଡିଛି। ମାଡ଼ରେ ନରେଶ ଆହତ ହୋଇଥିବା ବେଳେ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ସମରେନ୍ଦ୍ର ପାଇକରାୟ ମାମଲା ରୁଜୁ କରିବା ସହ ବେଲଅଣ୍ଟା ଗ୍ରାମରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୋଗରେ ତିନିଜଣ ଅଭିଯୁକ୍ତ ମାଧବ ମଲ୍ଲ (୪୭), ସୁଶାନ୍ତ ରାଉତ, ଚିନ୍ମୟ ନାୟକ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି। ଏହି ଘଟଣାକୁ ଚୋରି ଉଦ୍ଦେଶ୍ୟରେ କରାଯାଇଥିବା କୁହାଯାଉଥିବା ବେଳେ କିନ୍ତୁ ପୂର୍ବ ଶତ୍ରୁତା କାରଣରୁ ଅଭିଯୁକ୍ତମାନେ ନରେଶଙ୍କୁ ମାଡ଼ ମାରିଥିବା ସୂଚନା ମିଳିଛି।

## ଓଲଟିଲା ଟ୍ରେଲର; ଡ୍ରାଇଭର ଆହତ

**ଟିଗିରିଆ,୪।୬(ସମିସ):** ଟିଗିରିଆ ଥାନା ବିନ୍ଧାଣିମା ପଞ୍ଚାୟତସ୍ଥିତ ହନୁମାନ ମନ୍ଦିର ନିକଟରେ ଥିବା କଟକ ନରସିଂହପୁର ରାଜ୍ୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଗୋଟିଏ ଟ୍ରେଲର ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡ଼ିଛି। ଏହି ଘଟଣାରେ ଟ୍ରେଲରର ଡ୍ରାଇଭର ଗୁରୁତର ଭାବେ ଆହତ ହୋଇଛନ୍ତି। ଗତକାଲି ରାତିରେ ରେଳ ଲାଇନ ନିର୍ମାଣ ଯନ୍ତ୍ରପାତି ନେଇ ଯାଉଥିବା ଉକ୍ତ ଟ୍ରଲରଟି ବିନ୍ଧାଣିମାସ୍ଥିତ ହନୁମାନ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଲେଉଟି ପଡ଼ିଥିଲା।

## ବିଲୁଆ କାମୁଡ଼ାରେ ଛାତ୍ର ଆହତ

**ଟାଙ୍ଗୀ,୪।୬(ସମିସ):** ବୁଧବାର ସକାଳୁ ବାଡ଼ିକୁ ଶୌଚ ହେବାକୁ ଆସିଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ବିଲୁଆ କାମୁଡ଼ି ଦେଇଛି। ଛାତ୍ର ଜଣକ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ଟିକରା ଗ୍ରାମର ବିଭୂତି ବେଉରାଙ୍କ ପୁତ୍ର ଚନ୍ଦନ (୧୨) ବୋଲି ଜାଣିବାକୁ ମିଳିଛି। ସକାଳ ପ୍ରାୟ ସାଢ଼େ ୮ଟାରେ ବାଡ଼ିରେ ଥିବା ପାଇଖାନାକୁ ଶୌଚ ପାଇଁ ଆସିଥିଲେ। ମାତ୍ର ଚନ୍ଦନ କିଛି ବୁଝିବା ପୂର୍ବରୁ ସେଠାରେ ଲୁଚିଥିବା ଏକ ବିଲୁଆ ହଠାତ୍ ଆସି ତାଙ୍କ ହାତକୁ କାମୁଡ଼ି ଦେଇ ପଳାଇଥିଲା। ପରିବାର ଲୋକେ ଚନ୍ଦନକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ଚନ୍ଦନ ଘରକୁ ଫେରିଥିବା ଜାଣିବାକୁ ମିଳିଛି।

### ଚୋରା ବାଲି ଚାଲାଣ ପ୍ରତିବାଦରେ

# ବୟାଳିଶ ମୌଜା ଥାନା ଘେରଉ



**କନ୍ଦରପୁର,୪।୬(ସମିସ):** କଟକ ବୟାଳିଶ ମୌଜା ଅଞ୍ଚଳରେ ବ୍ୟାପକ ଚୋରା ବାଲି ଚାଲାଣ ଓ ଆଇନଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ କଟକ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ବୟାଳିଶ ମୌଜା ଥାନାରେ ପହଞ୍ଚି ଥାନା ଘେରଉ କରିବା ସହ ଚୋରା ବାଲି ଚାଲାଣ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ବୟାଳିଶ ମୌଜା ଦେଇ ପ୍ରବାହିତ ହେଉଥିବା କାଠଯୋଡି ଓ ସିଡୁଆ ନଦୀର ବିଭିନ୍ନ ସ୍ଥାନରେ ନଦୀ ଶଯ୍ୟାରୁ ସରକାର ବାଲିଘାଟ ନିଲାମ କରି ରାଜକୋଷକୁ ଟିକସ ପାଆନ୍ତି। ପୂର୍ବରୁ ଏହି ବାଲିଘାଟ ନିଲାମ ତହସିଲ ଅଧୀନରେ ହେଉଥିବା ବେଳେ ଏବେ କିଛି ମାସ ହେବ ସରକାର ତହସିଲ ପରିବର୍ତ୍ତେ ଖଣି ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏବେ ଅନେକ ସ୍ଥାନରେ ବାଲିଘାଟ ନିଲାମ ପ୍ରକ୍ରିୟା ବନ୍ଦ ରହିଛି। ଫଳରେ ବିଭିନ୍ନ ବାଲିଶଯ୍ୟାରୁ ବାଲି ମାଫିଆମାନେ ବଡ଼ବଡ଼ିଆ ସରକାରୀ ବାବୁ, ସ୍ଥାନୀୟ ଥାନା, ଓ ରାଜନୈତିକ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ଶହ ଶହ ଟ୍ରିପ୍ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ କରାଯାଇଛି। ପୁଲିସ ସ୍ୱଚ୍ଛତା, ସଚ୍ଚୋଟତା ଅବଲମ୍ବନ କରିବା ସହ ବୟାଳିଶ ମୌଜା ଅଞ୍ଚଳରେ ଚୋରା ବାଲି ଚାଲାଣକୁ ସମ୍ପୂର୍ଣ୍ଣ ଭାବେ ରୋକିବା ସହ ଚୋରା ବାଲି ଚାଲାଣକାରୀ ମାଫିଆଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ନେତୃମଣ୍ଡଳୀ ଦାବି କରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଥାନାଧିକାରୀ ଗିରିଶଚନ୍ଦ୍ର ମହାରଣାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, କଟକ ନଗର (ଜିଲ୍ଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରିପାଠୀ, ବ୍ଲକ୍ ସଭାପତି ବିପନ ପଶାୟତ, କଟକ ନଗର ଯୁବ କଂଗ୍ରେସ ସଭାପତି ଆଡଭୋକେଟ୍ ବିପ୍ଳବ ଶିଳାଦିତ୍ୟ, ବରିଷ୍ଠ କଂଗ୍ରେସ ନେତା ଦୁର୍ଗା ଶଙ୍କର ଦାସ, ମଧୁସୂଦନ ସେନାପତି, ସଦର ବ୍ଲକ୍ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସମେତ ଋଷି କାଣ୍ଡି, ସବୀର ମହମ୍ମଦ, ସୁବ୍ରତ ଦାସ, ଅନୀଲ ଦାସ, ମିର୍ଜା ତାହିର ବେଗ୍, ନରି ମଲ୍ଲିକ, ରମେଶ ଭୋଇ, ଅଶୋକ ରାଉତ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

### ହାଇୱା ଧକ୍କାରେ ଭାଙ୍ଗିଲା ତାଳଗଛ

## ୩୩ କେଭି ବିଦ୍ୟୁତ ତାର ଛିଣ୍ଡି ଅଞ୍ଚଳ ଅନ୍ଧାର

**କଣ୍ଟାପଡ଼ା,୪।୬(ସମିସ):** କଣ୍ଟାପଡ଼ା ତହସିଲ ତଥା ଗୋବିନ୍ଦପୁର ଥାନା ଅଧୀନରେ ଏକାଧିକ ବାଲିଘାଟରୁ ବେଆଇନ ବାଲି ପରିବହନ ପାଇଁ ଦୁର୍ଘଟଣା ଘଟି ଧନଜୀବନ କ୍ଷୟକ୍ଷତି ହେଉଛି। ଏଭଳି ମଙ୍ଗଳବାର ରାତିରେ ଏକ ବାଲି ବୋଝେଇ ହାଇୱା ବରାଇକୂଳ ସାହି ପାଖ ଏକ



ତାଳଗଛରେ ଶକ୍ତ ଧକ୍କା ଦେବାରୁ ତାଳଗଛଟି ଭାଙ୍ଗି ପଡ଼ି ୩୩ କେଭି ବିଦ୍ୟୁତ ତାର ଉପରେ ପଡ଼ିଥିଲା। ଫଳରେ ୪ ଘଣ୍ଟା କାଳ ବିଦ୍ୟୁତ ସରବାରହରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଅସହ୍ୟ ଗୁଳୁଗୁଳି ଓ ଗରମରେ ଗୋବିନ୍ଦପୁର, କଣ୍ଟାପଡା, ବାଗଲପୁର, ଅଡଶପୁର ସମେତ ଏକାଧିକ ଅଞ୍ଚଳର ଲୋକେ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କିଛି ମାସ ପୂର୍ବେ ଅଲିପଡା ଛକରେ ବାଲିବୋଝେଇ ହାଇୱା ଚଢିଯାଇ ଜଣେ ବ୍ୟକ୍ତି ଏବଂ ଜଣେ କଲେଜ ଛାତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏପରି ଅନେକ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲେ ହେଁ ଜିଲ୍ଲା ପ୍ରଶାସନ ବା ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଦୁର୍ଘଟଣା ବଢିବାରେ ଲାଗିଛି।

### ମିଳୁନି ବିଶୁଦ୍ଧ ପାନୀୟଜଳ

## ପମ୍ପ ହାଉସରେ ତାଲା ପକାଇଲେ ମହିଳା

**କଣ୍ଟାପଡା,୪।୬(ସମିସ):** ବସୁଧା ଯୋଜନାରେ ପରିଚାଳନା ଗତ ତ୍ରୁଟି ପାଇଁ କାମରେ ଲାଗୁନି ପ୍ରକଳ୍ପ। ଯାହାର ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଇଛାପୁର ଗ୍ରାମରେ। ଦୀର୍ଘ ଦିନ ଧରି ଶୁଦ୍ଧ ପାନୀୟଜଳ ନ ମିଳିବା ଏବଂ ଲୌହଯୁକ୍ତ ପାଣି ଯୋଗାଣକୁ ନେଇ ଆଜି ସ୍ଥାନୀୟ ଅଞ୍ଚଳର ମହିଳାମାନେ ଉକ୍ତ ପ୍ରକଳ୍ପ ପମ୍ପ ହାଉସରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଫାଟକରେ ତାଲା ପକାଇଥିଲେ। ପମ୍ପ ହାଉସ ଦାୟିତ୍ୱରେ ଥିବା ଅପରେଟର ଜଣଙ୍କ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିବା କହିଥିବା ବେଳେ ସରପଞ୍ଚ ଏ ସଂପର୍କରେ ଜାଣି ନ ଥିବା କହିଛନ୍ତି। ଦୀର୍ଘ ୪ ଘଣ୍ଟା ଧରି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ସ୍ଥାନୀୟ ୱାର୍ଡ ସଭ୍ୟ ମନୋଜ ସିଂହ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲେ।

## ସାମ୍ବାଦିକ ସୁରେନ୍ଦ୍ର ରାଉତ ସମ୍ବର୍ଦ୍ଧିତ



**ନିଶ୍ଚିନ୍ତକୋଇଲି,୪।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତଙ୍କୁ ପଲ୍ଲୀଠାରୁ ଦିଲ୍ଲୀ ସାପ୍ତାହିକ ସମ୍ବାଦପତ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉମାଶଙ୍କର ସାହୁଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବୟନିକାର ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ମେହେର, ମୁଖ୍ୟଅତିଥି ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ମନସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ ସାମ୍ବାଦିକ ଶ୍ରୀ ରାଉତଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଉଟ୍‌ର୍‌ୟାଙ୍କ +୨ ବିଜ୍ଞାନ ଆବାସିକ ପ୍ରଶିକ୍ଷଣ କେନ୍ଦ୍ରର ସଫଳତା

**ଅଡ଼ଶପୁର,୪।୬(ସମିସ):** କଣ୍ଟାପଡା ବ୍ଲକ ଅଡ଼ଶପୁରସ୍ଥିତ ଅଗ୍ରଣୀ ଆବାସିକ ଶିକ୍ଷାନୁଷ୍ଠାନ ଆଉଟର୍‌ୟାଙ୍କ +୨ ବିଜ୍ଞାନ ଆବାସିକ ପ୍ରଶିକ୍ଷଣ




କେନ୍ଦ୍ରରେ ଚଳିତ ବର୍ଷ ପରୀକ୍ଷାରେ ୨୪ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୁଇଜଣ ଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖି ଅନୁଷ୍ଠାନ ପାଇଁ ବଡ ସଫଳତା ଆଣିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆଉଟର୍ୟାଙ୍କ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ତପନ କୁମାର ପାତ୍ର (ଜେଜେ ସାର) କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ସହ ମିଠା ଖୁଆଇ ଖୁସି ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ସଦସ୍ୟ ପ୍ରଦୀପ କୁମାର ପାତ୍ର, ରଶ୍ମିରଞ୍ଜନ ରାୟ, ଦୁର୍ଗେଶ ବିଶି, ସନ୍ତୋଷ ପ୍ରଧାନ, ବିପିନ ବିହାରୀ ପାତ୍ର, ବୁଲୁରାମ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ଏହି ଘରୋଇ ଅନୁଷ୍ଠାନଟି ୨୦୨୦ ମସିହାରେ ଅଡଶପୁରଠାରେ ସ୍ଥାପନ କରାଯାଇଥିଲା। ଆଜକୁ ୫ବର୍ଷ ହେବ ଏହି ଅନୁଷ୍ଠାନ +୨ ବିଜ୍ଞାନ ଶିକ୍ଷାର୍ଥୀଙ୍କୁ ନିଷ୍ଠା ଓ ଆତ୍ମବିଶ୍ୱାସର ସହିତ ନିରନ୍ତର ଶିକ୍ଷାଦାନ କରି ସ୍ୱଳ୍ପ ଅବଧି ମଧ୍ୟରେ ଯେଉଁ ସଫଳତା ଅର୍ଜନ କରିଛି ଓ ଲୋକମୁଖରେ ପ୍ରଶଂସା ସାଉଁଟୁଛି ବାସ୍ତବିକ ଏହା ଅନନ୍ୟ ଅସାଧାରଣ। ୨୦୨୨ ମସିହାରେ ଏହି ଅନୁଷ୍ଠାନର କୃତି ଛାତ୍ରୀ ସ୍ଥିତପ୍ରଜ୍ଞା "ନାଇଜର' ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଓ ନିଟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ବାଲେଶ୍ୱରରେ ଅଧ୍ୟୟନ କରୁଛନ୍ତି। ସେହିପରି ୨୦୨୩ରେ ଆଶିଷ ବେହେରା ନିଟ ପ୍ରବେଶିକା ପରୀକ୍ଷାରେ ୬୪୭ ନମ୍ବର ରଖି ଆଉଟର୍‌ୟାଙ୍କର ମର୍ଯ୍ୟାଦା ବଢାଇଥିଲେ। ବର୍ତ୍ତମାନ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ କଟକରେ ଅଧ୍ୟୟନ କରୁଛନ୍ତି। ରାଜେଶ ପାତ୍ର, ସର୍ବଭାରତୀୟ ଆଇସିଏଆର ପରୀକ୍ଷାରେ ମନୋନୀତ ହୋଇ ବର୍ତ୍ତମାନ ଆଚାର୍ଯ୍ୟ ଏନଜି ରଙ୍ଗା କୃଷି ବିଶ୍ୱବିଦ୍ୟାଳୟରେ ବିଏସସି ଏଜି ପାଠ ପଢୁଛନ୍ତି। ୨୦୨୪ରେ ଅନୁଷ୍ଠାନର ଛାତ୍ର ରାଜେଶ ରାୟ ସର୍ବଭାରତୀୟ ଆଇଜର ପ୍ରବେଶିକା ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ମଧ୍ୟପ୍ରଦେଶର ଭୋପାଳଠାରେ ଅଧ୍ୟୟନ କରୁଛନ୍ତି।

## ଅରବିନ୍ଦ ରାଉତରାୟଙ୍କୁ ଅବନୀ ବରାଳ ସମ୍ମାନ



**ଭୁବନେଶ୍ୱର,୪।୬(ସମିସ):** ଅବନୀ ବରାଳ ଫାଉଣ୍ଡେସନ ପକ୍ଷରୁ ଜୟଦେବ ଭବନଠାରେ ସ୍ୱର୍ଗତ ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ଏବଂ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଫାଉଣ୍ଡେସନର ଉପସଭାପତି ପ୍ରଫୁଲ୍ଲଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଧାପିକ ପ୍ରଫେସର ସଂଘମିତ୍ରା ଭଞ୍ଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରବିନ୍ଦ ରାଉତରାୟଙ୍କୁ ଅବନୀବରାଳ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କାର୍ଯ୍ୟ ପାଇଁ ଅନ୍ୟ ତିନି ଜଣଙ୍କୁ ମଧ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ମାନସ ବେହେରା ଧନ୍ୟବାଦ ଦେଇଥିଲେ।

## ବିଜେଡି ୧୬ ନମ୍ବର ଜୋନ୍ କର୍ମକର୍ତ୍ତା ସମ୍ମିଳନୀ

**ନରସିଂହପୁର,୪।୬(ସମିସ):** ନରସିଂହପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୧୬ ନମ୍ବର ଜୋନର ଏକ କର୍ମକର୍ତ୍ତା ଓ ସାଂଗଠନିକ ସମ୍ମିଳନୀ କମଳାଡ଼ିହ ପଞ୍ଚାୟତ ବାଲିପୁଟସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିବା ସହିତ



ଗ୍ରାମାଞ୍ଚଳସ୍ତରରୁ ଦଳର କାର୍ଯ୍ୟକାରିତା ଓ ଗତ ସରକାର ସମୟରେ ଉନ୍ନୟନମୂଳକ କାର୍ଯ୍ୟପନ୍ଥାକୁ ଉପସ୍ଥାପନା କରି ଆହୁରି ଦଳକୁ ସୁଦୃଢ ପାଇଁ ବାର୍ତ୍ତା ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ପାଇଁ ସ୍ଥାନୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। କାଠଖୁଣ୍ଟ ଗ୍ରାମପଞ୍ଚାୟତ ସମିତିସଭ୍ୟ ନିର୍ମଳ ଜେନା, ସରଧାପୁର ପଞ୍ଚାୟତର ସରପଞ୍ଚ ନିରଞ୍ଜନ ବରାଡ, କାମଳଡ଼ିହ ସମିତିସଭ୍ୟା ସସ୍ମିତା ପଣ୍ଡା, ଜିଲ୍ଲାପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ସମାଜସେବୀ ପବିତ୍ର ପ୍ରଧାନ, ଜୟକୃଷ୍ଣ ବିଶ୍ୱାଳ, ଅଜୟ ବିଶ୍ୱାଳ, ବିଜେଡି ବ୍ଲକ ସଭାପତି କୃପାସିନ୍ଧୁ ଦାଶ, ଶିବ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦଳର ବିଭିନ୍ନ କାର୍ଯ୍ୟକ୍ରମ, କର୍ମକର୍ତ୍ତା ଚୟନ, ସାଂଗଠନିକ ଉନ୍ନତି ଦିଗରେ ଆଲୋଚନା କରିଥିଲେ। ଏଥିରେ ୧୬ନମ୍ବର ଜୋନର ସମସ୍ତ ପଞ୍ଚାୟତର ଜନପ୍ରତିନିଧି, କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ଗ୍ରାମକୁ ତ୍ୱରାନ୍ୱିତ କରାଯିବ ନେଇ ଆଲୋଚନା କରାଯାଇଥିଲା।

### ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ

# ଆରାଧନା ନାୟକ ବେଷ୍ଟ ଗ୍ରାଜୁଏଟ୍

**ସାଲେପୁର, ୪।୬(ସମିସ):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ ପାଇଛି। ବୁଧବାର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଲେଜର ଅଧ୍ୟକ୍ଷ ଡ. ସଂଗୀତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀ ଆଶାନୁରୂପ ସଫଳତା ହାସଲ କରିଛନ୍ତି। କଳାରେ ତସ୍‌କିନ୍ ଫାତେମା, ବିଜ୍ଞାନରେ ଆରାଧନା ନାୟକ ଓ ବାଣିଜ୍ୟରେ ରାଜଶ୍ରୀ ସାହୁ କଲେଜ ଟପ୍ପର ହୋଇଥିବାବେଳେ ବେଷ୍ଟ ଗ୍ରାଜୁଏଟ୍ ଭାବେ ଆରାଧନା ନାୟକ ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଚଳିତବର୍ଷ ଯୁକ୍ତ ତିନି କଳାରେ ୨୫୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ୨୧୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୨୦୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ୭ ଜଣ ଫେଲ ହୋଇଥିବା ଜଣାଯାଇଛି। ୧୭୫ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ଯୁକ୍ତ ତିନି କଳା ବିଭାଗରେ ଅର୍ଥନୀତି ସମ୍ମାନରେ ତସ୍‌କିନ୍ ବେଗମ୍, ଶିକ୍ଷା ସମ୍ମାନରେ ତସ୍‌କିନ୍ ଫାତମା, ଇଂରାଜୀରେ ଦେବିସ୍ମିତା ସ୍ୱାଇଁ, ଇତିହାସରେ ଗାୟତ୍ରୀ ବଳବନ୍ତରାୟ, ଗୃହବିଜ୍ଞାନରେ ସୁଭଦ୍ରା ସେନାପତି, ଓଡ଼ିଆରେ ଅଲିଭା ପୃଷ୍ଟି, ଦର୍ଶନରେ ଅନନ୍ୟା ପଣ୍ଡା, ରାଜନୀତି ବିଜ୍ଞାନ ସମ୍ମାନରେ ଯୁଗ୍ମ ଭାବେ ପ୍ରତ୍ୟାଶା ପ୍ରିୟଦର୍ଶିନୀ ଓ କିରଣଜ୍ୟୋତି ପରିଡ଼ା, ସଂସ୍କୃତ ସମ୍ମାନରେ ପ୍ରୀତିପ୍ରିୟା ଭୋଇ, ସମାଜଶାସ୍ତ୍ର ସମ୍ମାନରେ ରୋଜାଲି



ପ୍ରିୟଦର୍ଶିନୀ ସାହୁ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ଚଳିତ ବର୍ଷ ୨୫୧ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବାବେଳେ ୨୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୨୦୯ ପାସ୍ ହୋଇଥିବାବେଳେ ୩ଜଣ ଫେଲ୍ ହୋଇଛନ୍ତି। ୨ ଶହ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳ ସମୁଦାୟ ପାସ୍ ହାର ୯୮.୫୮ ପ୍ରତିଶତ ରହିଛି। ଯୁକ୍ତ ତିନି ବିଜ୍ଞାନ ବିଭାଗରେ ଉଦ୍ଭିଦ ବିଜ୍ଞାନ ସମ୍ମାନରେ ଆରାଧନା ନାୟକ, ରସାୟନ ବିଜ୍ଞାନରେ ଚିନ୍ମୟୀ ସିଂହ, ଗଣିତରେ ପ୍ରଜ୍ଞା ପରମିତା ପ୍ରଧାନ, ପଦାର୍ଥ ବିଜ୍ଞାନ ସମ୍ମାନରେ ସୌମ୍ୟରଞ୍ଜନ ବେହେରା, ପରିସଂଖ୍ୟାନ ସମ୍ମାନରେ ପ୍ରଜ୍ଞା ଗାୟତ୍ରୀ ଓ ପ୍ରାଣୀବିଜ୍ଞାନ ସମ୍ମାନରେ ଏମ୍.ଆର. ଜଗନ୍ନାଥ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୧୬୦ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବାବେଳେ ୧୫୧ ଜଣ ପରୀକ୍ଷା ଦେଇଥିଲେ। ୬୮ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୪.୦୪ ପ୍ରତିଶତ ରହିଥିବାବେଳେ ରାଜଶ୍ରୀ ସାହୁ ଟପ୍ପର ହୋଇଥିବା ଜଣାଯାଇଛି। ସେହିପରି ବିସିଏରେ ସମୁଦାୟ ୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜିକରଣ କରିଥିବାବେଳେ ୩୦ଜଣ ପରୀକ୍ଷା ଦେଇଥିଲେ। ୨୯ଜଣ ଛାତ୍ରଛାତ୍ରୀ ୬୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଥିବାବେଳେ ପାସ୍ ହାର ୯୬.୬୭ ପ୍ରତିଶତ ରହିଥିବା ଜଣାଯାଇଛି। ସେହିପରି ସ୍ନାତକୋତ୍ତର ଶିକ୍ଷା, ଓଡ଼ିଆ, ସଂସ୍କୃତ, ରସାୟନ ବିଜ୍ଞାନ, ଏମ୍‌ଏସ୍‌ଡବ୍ଲୁ ଓ କମର୍ସରେ ଶତପ୍ରତିଶତ ଛାତ୍ରଛାତ୍ରୀ ସଫଳତା ହାସଲ କରିଥିବାବେଳେ ଗଣିତରେ ପାସ୍ ହାର ୯୫ ପ୍ରତିଶତ ରହିଛି। ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଲକ୍ଷ୍ମୀପ୍ରିୟା ଦାଶ, ପ୍ରଶାସନିକ ଅଧିକାରୀ ନିରଞ୍ଜନ ବିଶ୍ୱାଳ, ପରିଚାଳନା କମିଟିର ପୂର୍ବତନ ସଭାପତି ମନୋରଞ୍ଜନ ଦାଶ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ଜେନା, ପରିଚାଳନା କମିଟିର ପୂର୍ବତନ ସଦସ୍ୟ ନବକିଶୋର କର ପ୍ରମୁଖ ଉପସ୍ଥିତ ଥିଲାବେଳେ ସଞ୍ଜୟ ନାୟକ, ସୁଜିତ ଶତପଥିଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ପରିଚାଳନା କରିଥିଲେ।

### ବିଅର କମ୍ପାନୀର ବର୍ଜ୍ୟବସ୍ତୁ ନିଷ୍କାସନ ଘଟଣା

## ବିଭିନ୍ନ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ



**ଟାଙ୍ଗୀ,୪।୬(ସମିସ):** କନ୍ହେଇପୁର ପଞ୍ଚାୟତ ବରପଦାସ୍ଥିତ ସମ ଡିଷ୍ଟିଲାରି ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ବେଆଇନ ଭାବେ ବିଷାକ୍ତ ବର୍ଜ୍ୟଜଳ ଜମିକୁ ନିଷ୍କାସନ କରିବା ନେଇ 'ସକାଳ'ରେ ପ୍ରସାରଣ ଏବଂ କ୍ଷତିଗ୍ରସ୍ତ ଜମି ମାଲିକ ଅମିତ ସିଙ୍ଘଙ୍କ ଅଭିଯୋଗ ପରେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ସ୍ଥାନୀୟ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ଚିଠିକ୍ରମେ ବୁଧବାର ବିଭିନ୍ନ ଅଧିକାରୀଙ୍କ ମିଳିତ କ୍ଷେତ୍ର ପରିଦର୍ଶନ ସହ ସମ୍ପୃକ୍ତ କମ୍ପାନୀରେ ତଦନ୍ତ କରାଯାଇଛି। ଅତିରିକ୍ତ ତହସିଲଦାର ଟାଙ୍ଗୀ ଚୌଦ୍ୱାର, ଜିଲ୍ଲା ଶିଳ୍ପ ଅଧିକାରୀ, କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ, ଅବକାରୀ ଅଧୀକ୍ଷକ, ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ପ୍ରମୁଖ କମ୍ପାନୀ ଭିତର ଏବଂ କମ୍ପାନୀର ବର୍ଜ୍ୟଜଳ ନିଷ୍କାସିତ ହେଉଥିବା ଚାଷୀ ଶ୍ରୀ ସିଙ୍ଘଙ୍କ ଜମି କ୍ଷେତ୍ର ପରିଦର୍ଶନ କରିଥିଲେ। ସମସ୍ତ ବିଭାଗର ତଦନ୍ତ ରିପୋର୍ଟ ଆସିଲେ ଖୁବଶୀଘ୍ର ଲୋକଲୋଚନକୁ ଆସିବ ବୋଲି ଜଣେ ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି। ଯଦି ତଦନ୍ତ ସଠିକ ଭାବେ ନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ନ ମିଳେ ଆଗାମୀ ଦିନରେ କମ୍ପାନୀ ଫାଟକ ଆଗରେ ଅନଶନରେ ବସିବେ ବୋଲି ଅଭିଯୋଗକାରୀ ପ୍ରକାଶ କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ ● ପାଉଣ୍ଡ ୧୧୬.୮୨
- ୟୁରୋ ୯୭.୯୨ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୮୧୦ (ନୂଆଦିଲ୍ଲୀ)
- ରୁପା : ୧୦୦,୨୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୯୯୮.୦୦
- ନିଫ୍ଟି ୨୪,୬୨୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ପାକିସ୍ତାନକୁ ଏଡିବି ପାଣ୍ଠି ଯୋଗାଣକୁ ଭାରତର ଦୃଢ଼ ବିରୋଧ

**ନୂଆଦିଲ୍ଲୀ,୪।୬(ଏଜେନ୍ସି):** ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ରୁ ପାକିସ୍ତାନ ପାଇଁ ୮୦୦ ନିୟୁତ ଡଲାରର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନକୁ ଭାରତ ଦୃଢ଼ ବିରୋଧ କରିଛି। ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ଭାରତ କେବଳ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବା ପାଇଁ ପାକିସ୍ତାନର କାର୍ଯ୍ୟ ବିଷୟରେ ଉଲ୍ଲେଖ କରିନାହିଁ, ବରଂ ଏହା ମଧ୍ୟ କହିଛି ଯେ ପାକିସ୍ତାନ ଏଡିବି ସମେତ ଯେ କୌଣସି ଅନ୍ତର୍ଜାତୀୟ ସଂସ୍ଥାରୁ ପାଇଥିବା ଅର୍ଥର ଅପବ୍ୟବହାର କରୁଛି। ଏହି ଅର୍ଥର ଏକ ବଡ଼ ଅଂଶ ପାକିସ୍ତାନ ଅସ୍ତ୍ରଶସ୍ତ୍ର କିଣିବାରେ ଖର୍ଚ୍ଚ କରୁଛି। ଏଡିବି ମଙ୍ଗଳବାର ପାକିସ୍ତାନ ପାଇଁ ୮୦୦ ନିୟୁତ ଡଲାରର ଏକ ପ୍ୟାକେଜ୍ ମଞ୍ଜୁର କରିଛି। ଅଧିକାରୀ କହିଛନ୍ତି ଯେ ଭାରତ ଏଡିବିକୁ କହିଛି ଯେ ପାକିସ୍ତାନ ତା'ର ସର୍ତ୍ତ ଅନୁଯାୟୀ ପ୍ରଦାନ କରାଯାଇଥିବା ଅର୍ଥ ବ୍ୟବହାର କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଉଚିତ। ଅଧିକାରୀ ବୁଧବାର ଏନ୍‌ବିଟିକୁ କହିଛନ୍ତି, ଭାରତ ଗଭୀର ଚିନ୍ତା ପ୍ରକଟ କରିଛି ଯେ ପାକିସ୍ତାନ ଏଡିବିରୁ ଏହି ପାଣ୍ଠିର ଅପବ୍ୟବହାର କରିପାରିବ କାରଣ ଗୋଟିଏ ପଟେ, ଯେତେବେଳେ ଏହାର ଟିକସରୁ ଜିଡିପି ଅନୁପାତ ହ୍ରାସ ପାଉଛି ଏବଂ ଏହାର ଅର୍ଥନୀତି ଖରାପ ହେଉଛି। ସେତେବେଳେ ଏହା ଅସ୍ତ୍ରଶସ୍ତ୍ର ଉପରେ ନିଜର ଖର୍ଚ୍ଚ ବୃଦ୍ଧି କରୁଛି।

## ରୁଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ

# ୫୦୦% ଶୁଳ୍କ ଲଗାଇବାକୁ ଧମକ

**ନୂଆଦିଲ୍ଲୀ,୪।୬(ଏଜେନ୍ସି):** ୟୁକ୍ରେନ୍ ବିରୁଦ୍ଧରେ ଋଷର ଆକ୍ରମଣ ରୋକିବାକୁ ହେଲେ ପ୍ରଥମେ କ୍ରିମ୍‌ଲିନ୍‌କୁ ପାଣ୍ଠି ଶୂନ୍ୟ କରିବାକୁ ହେବ। ଏଥିପାଇଁ ଭାରତକୁ ଅଟକାଇବାକୁ ପଡ଼ିବ। ଯାହାଫଳରେ ଋଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ ରହିଛି। ଏହି ଚିନ୍ତାଧାରା ସହିତ ଆମେରିକା ବର୍ତ୍ତମାନ ଭାରତ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯୋଜନା କରୁଛି। ଋଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ଭାରତ ଉପରେ ୫୦୦% ଶୁଳ୍କ ଲାଗିବ। ଏହି ଧମକ ଏବେ ଦେଉଛି ଆମେରିକା। ଆମେରିକାର ସାଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ ଏହି ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହା ଉପରେ ଆଲୋଚନା ହୋଇପାରେ। ସେପଟେ ଭାରତରୁ ଇସ୍ପାତ ଆମଦାନୀ ଉପରେ ମଧ୍ୟ ଟ୍ରମ୍ପ ସରକାରଙ୍କ ୫୦% ଶୁଳ୍କ ବୃଦ୍ଧି ଭାରତୀୟ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି।

ଋଷ ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନି। ଯୁଦ୍ଧ ବନ୍ଦ କରି ବାହା ବାହା ନେବାକୁ ଚାହୁଁଥିବା ଆମେରିକାର ଉଦ୍ଦେଶ୍ୟ ପୂରା ହୋଇପାରୁନି। ତେଣୁ ଔଷଧ ରାଗରେ ଡାଟିଆ କାମୁଡ଼ିବା ଭଳି ଏବେ ଆମେରିକା ଭାରତ ଉପରେ ଟାର୍ଗେଟ୍ କରୁଛି।




ଭାରତ ଋଷଠାରୁ ତେଲ, ପେଟ୍ରୋଲ କିମ୍ବା ପେଟ୍ରୋକେମିକାଲ୍ସ କିଣୁଛି, ଆଉ ଏହି ଅର୍ଥରେ ଋଷ ବଳିଆନ ହେଉଛି ବୋଲି ଆମେରିକା ଭାବୁଛି। ତେଣୁ ଭାରତକୁ ଅଟକାଇବାକୁ ଶୁଳ୍କକୁ ଅସ୍ତ୍ର କରିଛି ଆମେରିକା। ଋଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି ଆମେରିକା ସାଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ୍। ବିଶେଷ କରି ଚୀନ ଓ ଭାରତ ଉପରେ ଚାପ ପକାଇବାକୁ ସେ ଏପରି କହିଛନ୍ତି। ତେବେ ଏପ୍ରିଲରେ ଆମେରିକା ସାଂସଦ ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଏକ ଦ୍ୱିପାକ୍ଷିକ ପ୍ରତିବନ୍ଧକ ବିଲ୍ ଆଗତ ହୋଇଥିଲା। ଯେଉଁଥିରେ ବ୍ଲୁମେନ୍‌ଥାଲ୍ ୫୦୦ % ଶୁଳ୍କ ପ୍ରସ୍ତାବ ଦେଇଥିଲେ। ଆସନ୍ତା ସପ୍ତାହରେ ଏହି ବିଲ୍ ଉପରେ ଆଲୋଚନା ହୋଇପାରେ। ଭାରତ ଓ ଚୀନ ଋଷଠାରୁ ୭୯% ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣୁଛନ୍ତି। ପ୍ରତିବନ୍ଧକ ସତ୍ତ୍ୱେ ବି ଭାରତ ମେ ମାସରେ ଋଷଠାରୁ ୧୯ ଲକ୍ଷ ୬୦ ହଜାର ବ୍ୟାରେଲ ଆଶୋଧିତ ତେଲ କିଣିଛି। ଅପରପକ୍ଷେ ଇସ୍ପାତ ଓ ଆଲୁମିନିୟମ ଆମଦାନୀ ଉପରେ ଟ୍ରମ୍ପ ୫୦% ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, ଯାହାକୁ ଭାରତ ବିରୋଧ କରିଛି। ୨୦୧୮ରେ ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଆମେରିକା ଇସ୍ପାତ ଉପରେ ୨୫% ଓ ଆଲୁମିନିୟମ ଉପରେ ୧୦% ଶୁଳ୍କ ଲଗାଇଥିଲା। ଫଳରେ ଭାରତକୁ ୭.୬ ଆରବ ଡଲାରର କ୍ଷତି ସହିବାକୁ ପଡ଼ିଥିଲା। ଜବାବରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଦ୍ୱାରସ୍ଥ ହୋଇଥିଲା। ଟିକସ କମାଇବା ପାଇଁ ୨୦୧୮ରୁ ୨୦୨୫ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲେ ବି ବିଫଳ ହୋଇଛି। ତେଣୁ ବର୍ତ୍ତମାନ ଭାରତ ଆମେରିକାର ୨୯ ଆମେରିକା ସାମଗ୍ରୀ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ଯଦି ଏହା ହୁଏ ତେବେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇପାରେ।

## ଅଧିକାଂଶ ରାଜ୍ୟ କେନ୍ଦ୍ର ସହିତ ଟିକସ ରାଜସ୍ୱରେ ୫୦% ଭାଗ ଚାହାନ୍ତି: ପାନଗାରିଆ



**ଲକ୍ଷ୍ନୌ, ୪।୬(ଏଜେନ୍ସି):** ଷୋଡ଼ଶ ଅର୍ଥ ଆୟୋଗର ଅଧ୍ୟକ୍ଷ ଅରବିନ୍ଦ ପାନଗାରିଆ ବୁଧବାର ଦେଶର ୨୮ଟି ରାଜ୍ୟ ମଧ୍ୟରୁ ୨୦ଟିରୁ ଅଧିକ ରାଜ୍ୟ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଟିକସ ରାଜସ୍ୱ ବଣ୍ଟନକୁ ୫୦ ପ୍ରତିଶତକୁ ବୃଦ୍ଧି କରିବାକୁ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟକୁ ପରାମର୍ଶ ଗ୍ରହଣ ଗସ୍ତର ଅଂଶ ଭାବରେ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ପହଞ୍ଚିଥିବା ୧୬ତମ ଅର୍ଥ କମିଶନର ଅଧ୍ୟକ୍ଷ ପାନଗାରିଆ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟଗୁଡ଼ିକ ଟିକସ ରାଜସ୍ୱର ୪୧ ପ୍ରତିଶତ ପାଇଆନ୍ତି ଏବଂ ବାକି କେନ୍ଦ୍ରକୁ ଯାଏ।

ପାନଗାରିଆ କହିଛନ୍ତି ଯେ , ପୂର୍ବ ଅର୍ଥ ଆୟୋଗ ରାଜ୍ୟଗୁଡ଼ିକ ପାଇଁ ଟିକସ ରାଜସ୍ୱରେ ୪୧ ପ୍ରତିଶତ ଏବଂ କେନ୍ଦ୍ର ପାଇଁ ୫୯ ପ୍ରତିଶତ ଅଂଶ ସ୍ଥିର କରିଥିଲା। ସେ କହିଛନ୍ତି, ଅନ୍ୟ ରାଜ୍ୟ ସରକାରଙ୍କ ପରି ଉତ୍ତର ପ୍ରଦେଶ ସରକାର ମଧ୍ୟ ରାଜସ୍ୱ ଅଂଶକୁ ବର୍ତ୍ତମାନର ୪୧ ରୁ ୫୦ ପ୍ରତିଶତକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଦେଶର ୨୮ଟି ରାଜ୍ୟ ମଧ୍ୟରୁ ୨୨ରୁ ଅଧିକ ରାଜ୍ୟ ଏହି ଦାବି କରିଛନ୍ତି। ତଥାପି, ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବାକୁ ଥିବା ଅର୍ଥ ଆୟୋଗର ସୁପାରିଶରେ ଏହା ଅନ୍ତର୍ଭୁକ୍ତ ହେବ କି ନାହିଁ ତାହା କହିବାକୁ ସେ ମନା କରିଦେଇଥିଲେ। ପୂର୍ବରୁ, ତାଙ୍କ ଅଭିଭାଷଣରେ ପାନଗାରିଆ କହିଥିଲେ ଯେ ଏ ପର୍ଯ୍ୟନ୍ତ ଏହା ଏକ ପରମ୍ପରା ରହିଆସିଛି ଯେ ଅର୍ଥ ଆୟୋଗଙ୍କ ସୁପାରିଶଗୁଡ଼ିକୁ ଯେପରି ଅଛି ସେହିପରି ଗ୍ରହଣ କରାଯାଇଥିଲା। ଷୋଡ଼ଶ ଅର୍ଥ ଆୟୋଗ ୨୦୨୩ ଡିସେମ୍ବର ୩୧ ରେ ସମ୍ବିଧାନର ଧାରା ୨୮୦ ଅନୁଯାୟୀ ଗଠିତ ହୋଇଥିଲା। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ରାଜସ୍ୱ ବଣ୍ଟନ ପାଇଁ ସୁପାରିଶ କରିବା, ଯାହା ୨୦୨୬ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ପାଞ୍ଚ ବର୍ଷ ପାଇଁ ହେବ। କମିଶନ ୨୦୨୫ ଅକ୍ଟୋବର ୩୧ ସୁଦ୍ଧା ଏହାର ରିପୋର୍ଟ ଦାଖଲ କରିବାର ସମ୍ଭାବନା ଅଛି। ଆୟୋଗଙ୍କର ସୁପାରିଶ ୨୦୨୬-୨୭ ରୁ ୨୦୩୦-୩୧ ବର୍ଷ ପାଇଁ ହେବ।

## ଖିମଜୀ ଜୁଏଲର୍ସକୁ 'ମୋଷ୍ଟ ଟ୍ରଷ୍ଟେଡ୍ ଜୁଏଲାରି ଚେନ୍ ଅଫ୍ ଦି ଇୟର' ସମ୍ମାନ

**ଭୁବନେଶ୍ୱର,୪।୬(ସମିସ):** ଖିମଜୀ ଜୁଏଲର୍ସ ଏହାର ସଫଳତାରେ ଆଉ ଏକ ଉଜ୍ଜ୍ୱଳ ଫର୍ଦ୍ଦ ଯୋଡ଼ିଛି। ପ୍ରତିଷ୍ଠିତ ଟାଇମ୍ସ ନାଓ ବିଜନେସ୍ ଏକ୍ସିଲେନ୍ସ ୱାର୍ଡସ୍-ଇଷ୍ଟ ୨୦୨୫ରେ ଖିମଜୀ ଜୁଏଲର୍ସକୁ 'ମୋଷ୍ଟ ଟ୍ରଷ୍ଟେଡ ଜୁଏଲେରୀ ଚେନ୍ ଅଫ୍ ଦ ଇୟର' ଭାବେ ସମ୍ମାନିତ କରାଯାଇଛି। ଏହି ଉଜ୍ଜ୍ୱଳ ପୁରସ୍କାର ସମାରୋହରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସନ୍ତୋଷଜନକ ସ୍ୱୀକୃତି ଖିମଜୀର ନବୀନତା, ଉତ୍କୃଷ୍ଟ ଗୁଣବତ୍ତା ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପାଳନ କରୁଛି। ୧୯୩୬ରେ ଶ୍ରୀ ଦୟାଭାଇ ଖିମଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମଜୀ ଜୁଏଲର୍ସ ପ୍ରାୟ ୯ ଦଶକ ଧରି ବିଶ୍ୱାସ ଏବଂ କାରିଗରୀରର ପରିପୂରକ ଭାବେ ପରିଚିତ ରହିଛି।

ଟାଇମ୍ସ ନାଓର ଏହି ସ୍ୱୀକୃତି ପ୍ରତି କୃତଜ୍ଞତା ପ୍ରକାଶ କରି ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି ଯେ, ଟାଇମ୍ସ ନାଓର ଏହି ସ୍ୱୀକୃତି ଆମକୁ ଗର୍ବିତ କରିଛି। ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଆମ ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଆମ ଗ୍ରାହକମାନଙ୍କ ବିଶ୍ୱାସର ଫଳ। ଖିମଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ, ବରଂ ଆମେ ଜୀବନର ସୁନ୍ଦର ସ୍ମୃତିଗୁଡିକୁ ସଜାଇଥାଉ। ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି। ଟାଇମ୍ସ ନାଓ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ ସେହି ଉଦ୍ୟୋଗଗୁଡ଼ିକ ପାଇଁ ଏକ ଉଜ୍ଜ୍ୱଳ ଚିହ୍ନ ଯେଉଁମାନେ ନବସୃଜନ, ସ୍ଥିରତା ଏବଂ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ଶିଳ୍ପର ପୁନର୍ବିନ୍ୟାସ କରୁଛନ୍ତି।




## ଏକ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି ବେଦାନ୍ତ ଆଲୁମିନିୟମ୍

**ଭୁବନେଶ୍ୱର, ୪।୬(ସମିସ):** ବେଦାନ୍ତ ଆଲୁମିନିୟମ୍ ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି, ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ। ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ନେତା ଭାବରେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି। ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସେରେଣ୍ଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତ୍ତନ। ଏହି ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୩୫ ଏମଡବ୍ଲ୍ୟୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି। ଏହି ପଦକ୍ଷେପ ୨୦୩୦ ସୁଦ୍ଧା ନବୀକରଣ ଶକ୍ତିକୁ ଏହାର ଶକ୍ତି ବ୍ୟବହାରର ୩୦% କରିବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ, ଯାହା ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପଥରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହାକୁ ପରିପୂରକ କରିବା ହେଉଛି ରଣନୈତିକ ମେଂଟ ଏବଂ ଅଭିନବ ସମାଧାନର ମିଶ୍ରଣ ଯାହା ବ୍ୟାପକ ଶିଳ୍ପର ପରିବର୍ତ୍ତନରେ ସାହାଯ୍ୟ କରୁଛି। ଉଦାହରଣ ସ୍ୱରୂପ, ବେଦାନ୍ତ ଏହାର କାଷ୍ଟହାଉସ୍ କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାକୃତିକ ଗ୍ୟାସ, ଏକ ସ୍ୱଚ୍ଛ ଇନ୍ଧନ ଉତ୍ସ, ଉତ୍ସ କରିବା ପାଇଁ ଗେଲ(ଇଣ୍ଡିଆ) ଲିମିଟେଡ୍ ସହିତ ଏକ ସହଭାଗୀତାରେ ପ୍ରବେଶ କରିଛି। କମ୍ପାନୀ ବାୟୋମାସ ସହ-ଫାୟାରିଂ ମାଧ୍ୟମରେ ନିର୍ଗମନ ହ୍ରାସ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରଗତି କରୁଛି। ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ଏବଂ ଛତିଶଗଡ଼ର ବାଲକୋ ସ୍ମେଲ୍ଟରରେ, କମ୍ପାନୀ ସହ-ଫାୟରିଂ ପ୍ରୟୋଗ ପାଇଁ କୃଷି ଅବଶିଷ୍ଟାଂଶରୁ ତିଆରି ବାୟୋମାସ ବ୍ରିକେଟ ବ୍ୟବହାର କରିବା ଆରମ୍ଭ କରିଛି।



## କର୍ପୋରେଟ୍ କନେକ୍ସନର ଭୁବନେଶ୍ୱର ଚାପ୍ଟର ଆରମ୍ଭ

**ଭୁବନେଶ୍ୱର,୪।୬(ସମିସ)** :ରାଜ୍ୟରେ କର୍ପୋରେଟ୍ କନେକ୍ସନର ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ହୋଇଛି। ବ୍ୟବସାୟିକ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ। ଏହି ସ୍ୱତନ୍ତ୍ର ସମାବେଶରେ ୫୦ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ନେତୃବୃନ୍ଦ ସାମିଲ ହୋଇଥିଲେ। ପ୍ରତ୍ୟେକ ନିଜ ନିଜ ଶିଳ୍ପର ଶୀର୍ଷ ୫% ପ୍ରତିନିଧିତ୍ୱ କରୁଥିଲେ, ଯାହା ଭୁବନେଶ୍ୱରରେ ଉଦ୍ଦେଶ୍ୟମୂଳକ ସହଯୋଗ ଏବଂ ନେତୃତ୍ୱ ଦ୍ୱାରା ପରିଚାଳିତ ହୋଇ ଭବିଷ୍ୟତ ପାଇଁ ସ୍ୱର ସ୍ଥାପନ କରିଥିଲା। କର୍ପୋରେଟ୍ କନେକ୍ସନ ମନୋନୀତ ବ୍ୟବସାୟ ମାଲିକ ଏବଂ ବରିଷ୍ଠ କାର୍ଯ୍ୟନିର୍ବାହୀଙ୍କ ଏକ ପ୍ରିମିୟମ ବ୍ୟବସାୟିକ ବିଶ୍ୱ ସମ୍ପ୍ରଦାୟ, ବିଶ୍ୱସନୀୟ ସଂଯୋଗ ମଞ୍ଚକୁ ପ୍ରୋତ୍ସାହିତ କରିବା, ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ସଙ୍ଗଠନ, ସମ୍ପ୍ରଦାୟ ଏବଂ ଜୀବନରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ପାଇଁ ବେଶ ଜଣାଶୁଣା। ଦେଶର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ଉପସ୍ଥିତି ଏବଂ ୮୫୦ରୁ ଅଧିକ ଅଭିଜ୍ଞ ସଦସ୍ୟଙ୍କ ବର୍ଦ୍ଧିତ ନେଟୱାର୍କ ସହିତ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ସହରକୁ 'ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଗଠନ'ପାଇଁ ପ୍ରତିବଦ୍ଧ ଉଚ୍ଚ ପ୍ରଭାବଶାଳୀ ନେତୃତ୍ୱ ନେଟୱାର୍କର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ଏହି ଚାପ୍ଟରର ଶୁଭାରମ୍ଭ କାର୍ଯ୍ୟକ୍ରମରେ କର୍ପୋରେଟ୍ କନେକ୍ସନ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭିକେ ସିଂଘଭି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରର ଅପାର ସମ୍ଭାବନା ଏବଂ ବ୍ୟବସାୟିକ ପରିବର୍ତ୍ତନ, ରଣନୈତିକ ମେଣ୍ଟ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ଗଠନ ପାଇଁ କର୍ପୋରେଟ୍ କନେକ୍ସନର କାର୍ଯ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଚାପ୍ଟରର ନେତୃତ୍ୱ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ସଞ୍ଜୀବ ପାତ୍ର ଏବଂ ସିଏସ୍ ସୁନିତା ମହାନ୍ତିଙ୍କ ନେତୃତ୍ୱରେ ଏହି ପଦକ୍ଷେପକୁ ସହରରେ ଅଣାଯାଇପାରିଛି।




## ଇପିଏଫ୍‌ଓ-ୟୁଏଏନ୍ ଆଧାର ସଂଯୋଗ ଅବଧି ବଢ଼ିଲା




**ନୂଆଦିଲ୍ଲୀ,୪।୬(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ପୁଣି ଥରେ ନିଯୁକ୍ତି ଭିତ୍ତିକ ଇନସେଣ୍ଟିଭ୍ ଯୋଜନା ଅଧୀନରେ ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର (ୟୁଏଏନ) ସକ୍ରିୟ କରିବା ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଆଧାର ସହିତ ଲିଙ୍କ୍ କରିବାର ଶେଷ ତାରିଖ ବୃଦ୍ଧି କରିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଏବେ ଏହାର ଶେଷ ତାରିଖ ଜୁନ୍ ୩୦କୁ ବଢ଼ାଇ ଦେଇଛି। ଇପିଏଫ୍‌ଓ ସମ୍ପ୍ରତି ଏକ ସର୍କୁଲାର ଜାରି କରି ଏ ବିଷୟରେ ସୂଚନା ଦେଇଛି। ପୂର୍ବରୁ ଏହାର ଶେଷ ତାରିଖ ମେ' ୩୧ ଥିଲା। ଏହି ବୃଦ୍ଧିର ଉଦ୍ଦେଶ୍ୟ ହେଉଛି ସେହି କର୍ମଚାରୀମାନଙ୍କୁ ଅତିରିକ୍ତ ସମୟ ଦେବା ଯେଉଁମାନେ ଏ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଶେଷ କରିନାହାଁନ୍ତି।

## 'ମୁଖ୍ୟମନ୍ତ୍ରୀଙ୍କ ନୋଟ୍‌ସିଟ୍' ସରକାରଙ୍କ ବିଫଳତାର ଦସ୍ତାବିଜ୍: ବିଜେଡି

**ଭୁବନେଶ୍ୱର,୪।୬(ସମିସ):** ମୁଖ୍ୟମନ୍ତ୍ରୀଙ୍କ ନୋଟ୍‌ସିଟ୍ ସରକାରଙ୍କ ବିଫଳତାର ଦସ୍ତାବିଜ୍। ତେଣୁ ବର୍ଷପୂର୍ତ୍ତି ଅବସରରେ ରାଜ୍ୟ ସରକାର ଉତ୍ସବ ପାଳନ ପାଇଁ କରିଥିବା ଯୋଜନାକୁ ରଦ୍ଦ କରି ଏ ବାବଦରେ ବ୍ୟୟ ହେବାକୁ ଥିବା ଅର୍ଥରେ ରାଜ୍ୟବାସୀଙ୍କ କଲ୍ୟାଣ କାର୍ଯ୍ୟ କରାଯାଉ ବୋଲି ଦାବି କରିଛି ବିଜେଡି ।

- ବିଫଳତା ସାମ୍ନାକୁ ଆସିବା ପରେ ସଫଳତା ଉତ୍ସବ ପାଳନକୁ ବାତିଲ କର
- ରାଜକୋଷରୁ ଖର୍ଚ୍ଚ ହେବାକୁ ଥିବା ଅର୍ଥ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଦାବି



ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ଗତବର୍ଷ ଆଜିର ଦିନରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ବିଜେପି କ୍ଷମତାକୁ ଆସିବା ଏକ ବର୍ଷ ପୂରଣ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏହି ନୋଟସିଟ ବିଜେପି ସରକାରଙ୍କ ବିଫଳତାର ଏକ ସ୍ୱୀକାରୋକ୍ତି ଭାବେ ରାଜ୍ୟବାସୀଙ୍କ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏହି ନୋଟସିଟରେ ଫାଇଲ ଗୁଡ଼ିକ ଅନେକ ସମୟ ଧରି ପଡ଼ି ରହୁଛି ଓ ଏଥିଯୋଗୁ ବଜେଟରେ ପ୍ରାବଧାନ କରା ଯାଇଥିବା ଅର୍ଥ ଖର୍ଚ୍ଚ ହୋଇ ପାରୁନାହିଁ ବୋଲି କୁହା ଯାଇଛି। ଏଥିଯୋଗୁ ସରକାରଙ୍କ କାର୍ଯ୍ୟ ଦକ୍ଷତା ଉପରେ ନକରାତ୍ମକ ପ୍ରଭାବ ପଡିବାର ଆଶଙ୍କା ସୃଷ୍ଟି ହୋଇଛି ।

ସେ କହିଛନ୍ତି ଯେ ସରକାରଙ୍କ ବିଫଳତା ବିଷୟରେ ଗୋଟିଏ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଆମେ କହି ଆସିଥିଲୁ । ବିଜେପି ସରକାର ତାଙ୍କ ଏକ ବର୍ଷର ସଫଳତାକୁ ନେଇ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଆମର ପ୍ରଶ୍ନ ହେଉଛି ଯେ ଆଜିର ନୋଟସଟି ସରକାରଙ୍କ ବିଫଳତା କଥାକୁ ବଖାଣୁ ଥିବାବେଳେ, ରାଜ୍ୟ ସରକାର କେଉଁ ସଫଳତାକୁ ନେଇ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉତ୍ସବ ପାଳନ କରିବାକୁ ଯାଉଛନ୍ତି? ରାଜ୍ୟ ସରକାରଙ୍କ ଏହି ଉତ୍ସବ ପାଳନ କେବଳ ନିଜ ପ୍ରଚାର ପାଇଁ ଉଦ୍ଦିଷ୍ଟ। ରାଜ୍ୟବାସୀଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ, ପୂର୍ବ ସରକାରଙ୍କ ନାଁରେ ବିଭିନ୍ନ ମିଥ୍ୟା ଅଭିଯୋଗ ଆଣି ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲା । ଆଜି ନିଜ ବିଫଳତାକୁ ଲୁଚାଇବା ପାଇଁ ସଫଳତା ବଖାଣିବା ନାଁରେ ଉତ୍ସବ ପାଳନର ଆୟୋଜନ କରୁଛି। ତେଣୁ ରାଜ୍ୟବାସୀଙ୍କ କଷ୍ଟ ଅର୍ଜିତ ଧନରେ, ଏହି ଉତ୍ସବ ପାଳନ ନିଷ୍ପତ୍ତିକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଦଳ ଦାବି କରୁଛି । ରାଜ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ କରି ନିଜର ପ୍ରଚାର କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି, ତାହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ଡଃ ମହାନ୍ତି କହିଥିଲେ।

## ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ଏଏସ୍‌ଆଇ

**ବ୍ରହ୍ମପୁର,୪।୬(ସମିସ):** ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ପୁଲିସ ଅଧିକାରୀ। ଘରୋଇ ମାମଲାର ସମାଧାନ ପାଇଁ ଟଙ୍କା ନେଉଥିବା ମହିଳା କାବୁ କଲା ବ୍ରହ୍ମପୁର ଭିଜିଲାନ୍ସ। ମହିଳା ଅଧିକାରୀ ଜଣକ ହେଲେ ବ୍ରହ୍ମପୁର ମହିଳା ଥାନାର ଏଏସ୍‌ଆଇ ବବିତା ସୁନା। ସେ କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ କୁମାର ନାୟକଙ୍କ ଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଛି ଭିଜିଲାନ୍ସ। ମହିଳା ଥାନାରେ ଭିଜିଲାନ୍ସର ଚଢ଼ଉ ଦେଖି ଅନ୍ୟ ପୁଲିସ ଅଧିକାରୀଙ୍କ ମନରେ ଛନକା ପଶିଛି।

- ଘରୋଇ ମାମଲା ରଫାଦଫା ପାଇଁ ନେଇଥିଲେ ୧୦ହଜାର ଲାଞ୍ଚ
- ଥାନାରେ ଭିଜିଲାନ୍ସ ଚଢ଼ଉ ପରେ ଅନ୍ୟ ଅଧିକାରୀ ଛାନିଆଁ



ସୂଚନାଯୋଗ୍ୟ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ କୁମାର ନାୟକ ଓ ତାଙ୍କ ମା'ଙ୍କ ନାମରେ ପ୍ରମୋଦଙ୍କ ପତ୍ନୀ ଘରୋଇ କଳିକୁ ନେଇ ଅଭିଯୋଗ କରିଥିଲେ। ମାମଲା ରଫାଦଫା କରିବାକୁ ମହିଳା ଥାନା ଏଏସ୍‌ଆଇ ବବିତା ସୁନା ପ୍ରମୋଦକୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ପ୍ରମୋଦ ରାଜି ହୋଇଥିଲେ। ବୁଧବାର ଟଙ୍କା ଦେବେ ବୋଲି ଏଏସ୍‌ଆଇ ବବିତାଙ୍କୁ କହିଥିଲେ। ଅନ୍ୟପଟେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ପ୍ରମୋଦ। ଅଭିଯୋଗ ମୁତାବକ ଆଜି ପ୍ରମୋଦ ଏଏସ୍‌ଆଇ ସୁନାଙ୍କୁ ଟଙ୍କା ଦେଉଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ବବିତାଙ୍କୁ କାବୁ କରିଥିଲା। ଲାଞ୍ଚ ଅର୍ଥ ୧୦ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ବବିତାଙ୍କ ନିକଟରୁ ଜବତ କରି ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ବବିତାଙ୍କ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ତେବେ ବବିତା ସୁନା ୨୦୧୬ମସିହାରୁ ଏଏସ୍‌ଆଇ ଭାବେ ପଦୋନ୍ନତି ପାଇଥିବା ବେଳେ ଗତ ୨ବର୍ଷ ହେଲା ସେ ମହିଳା ଥାନାରେ କାର୍ଯ୍ୟରତ ଥିଲେ।

## ପାକିସ୍ତାନ ପାଇଁ ଗୁଇନ୍ଦାଗିରି: ଆଉଜଣେ ୟୁଟ୍ୟୁବର ଗିରଫ

ଚଣ୍ଡିଗଡ଼, ୪।୬ (ଏଜେନ୍ସି): ଜ୍ୟୋତି ମାଲହୋତ୍ରାଙ୍କୁ ନେଇ ଦେଶରା ଚର୍ଚ୍ଚା ଜାରି ରହିଥିବାବେଳେ ପଞ୍ଜାବରୁ ଆଉ ଜଣେ ୟୁଟ୍ୟୁବର ଯଶବୀର ସିଂହଙ୍କୁ ଗିରଫ କରାଯାଇଛି। ସେ ମଧ୍ୟ ଜ୍ୟୋତିଙ୍କ ପରି ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାର୍ଯ୍ୟ କରୁଥିଲେ। ରୁପନଗର ମହଲାନ ଗାଁରେ ବାସିନ୍ଦା ଯଶବୀର 'ଜନ ମହଲ' ନାଁରେ ୟୁଟ୍ୟୁବ ଚ୍ୟାନେଲ ଚଲାଉଛନ୍ତି। ଏହି ଚ୍ୟାନେଲ ନାମରେ ସେ ପାକିସ୍ତାନ ଠାରୁ ପାଣ୍ଠି ଆଣିଥିବା ମୋହାଲି ପୁଲିସ୍ ପକ୍ଷରୁ କୁହାଯାଇଛି। ପଞ୍ଜାବ ଡିଜିପିଙ୍କ ଅନୁଯାୟୀ ସେ ପାକିସ୍ତାନ ହ୍ୟାଣ୍ଡେଲର୍ସଙ୍କ ଲିଙ୍କରେ ଥିବା ଅନେକ ଭାରତୀୟ ଗୁପ୍ତଚରଙ୍କ ଯୋଗାଯୋଗରେ ଥିଲେ। ଏମାନଙ୍କ ମଧ୍ୟରେ ଜ୍ୟୋତି ବି ସାମିଲ ରହିଛନ୍ତି। ବହିଷ୍କୃତ ହୋଇଥିବା ପାକିସ୍ତାନ ଉଚ୍ଚାୟୁକ୍ତର କର୍ମଚାରୀ ଏହଶାନ ଉର ରହିମ ଓରଫ ଦାନିଶଙ୍କ ସହ ମଧ୍ୟ ଯଶବୀର ଯୋଗାଯୋଗରେ ଥିଲେ। ପାକିସ୍ତାନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯଶବୀରଙ୍କୁ ସେ ଦିଲ୍ଲୀ ନିମନ୍ତ୍ରଣ କରିଥିଲେ। ସେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପାକିସ୍ତାନ ସେନା ଅଧିକାରୀ ଓ ବ୍ଲଗର୍ସଙ୍କ ସହ କଥା ହୋଇଥିଲେ। ସୂଚନା ଅନୁଯାୟୀ ଯଶବୀର ୨୦୨୦, ୨୦୨୧ ଓ ୨୦୨୪ରେ ପାକିସ୍ତାନ ଗସ୍ତ କରି ଅଧିକାରୀଙ୍କ ସହ ବୈଠକ କରିଥିଲେ। ତାଙ୍କ ନିକଟରୁ ଅନେକ ଇଲେକଟ୍ରୋନିକ ସାମଗ୍ରୀ ଏବଂ ପାକିସ୍ତାନ ଭିତ୍ତିକ ଏକାଧିକ ମୋବାଇଲ ନମ୍ବର ମିଳିଛି। ବର୍ତ୍ତମାନ ସେଗୁଡ଼ିକର ଫରେନ୍ସିକ ଯାଞ୍ଚ କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଜ୍ୟୋତି ଗିରଫ ହେବା ପରେ ଯଶବୀରଙ୍କ ଚିନ୍ତା ବଢ଼ି ଯାଇଥିଲା। ସେ ଭୟରେ ପାକିସ୍ତାନୀ ନେଟୱର୍କ ସହ ଯୋଗାଯୋଗର ସମସ୍ତ ପ୍ରମାଣକୁ ନଷ୍ଟ କରିବାକୁ ପ୍ରୟାସ କରିଥିଲେ।

## ଅପରେସନ ସିନ୍ଦୂର ବେଳେ ଧ୍ୱଂସ ହୋଇଥିଲା ପାକିସ୍ତାନର ୯ଟି ବିମାନ

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସମୟରେ ଭାରତ ଆତଙ୍କବାଦୀଙ୍କ ଆଡ୍ଡାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଆତଙ୍କବାଦୀ ଆଡ୍ଡା ଧ୍ୱଂସ ହେବା ସତ୍ତ୍ୱେ ଭାରତର ଅନେକ ସାମରିକ ଠିକଣାକୁ ନିଶାଣ କରି ପାକିସ୍ତାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ପରେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ୬ଟି ଲଢୁଆ ବିମାନ, ଦୁଇଟି ନିରୀକ୍ଷଣ ବିମାନ, ଦଶରୁ ଅଧିକ ସଶସ୍ତ୍ର ଡ୍ରୋନ ଏବଂ ଏକ ସି-୧୩୦ ହର୍କୁଲସ ପରିବହନ ବିମାନ ଧ୍ୱଂସ ହୋଇଥିଲା ବୋଲି ସୂତ୍ରରୁ ସୂଚନା ମିଳିଛି। ସଂଘର୍ଷ ପରବର୍ତ୍ତୀ ମୂଲ୍ୟାଙ୍କନରୁ ପାକିସ୍ତାନ ବାୟୁ ଏବଂ ସ୍ଥଳସେନାର ବିପୁଳ କ୍ଷୟକ୍ଷତି ହୋଇଥିଲା ବୋଲି ଜଣାପଡ଼ିଛି। ଆକ୍ରମଣ ସମୟରେ ଭାରତର ବାୟୁ ପ୍ରତିରକ୍ଷା ସିଷ୍ଟମ ଛଅଟି ଲଢୁଆ ବିମାନକୁ ଖସାଇ ଦିଆଯାଇଥିଲା। ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିଲା। ପାକିସ୍ତାନର ପଞ୍ଜାବ ଏବଂ ପିଓକେର କିଛି ଅଂଶ ଏହି ଯୁଦ୍ଧ ଘଟିଥିଲା। ରାଡାର ଟ୍ରାକିଂ, ଭାରତୀୟ ସେନାର ଗ୍ରାଉଣ୍ଡ ବେସ୍ ମିସାଇଲ ସିଷ୍ଟମ, ଥର୍ମାଲ ସିଗ୍ନେଚର ମାଧ୍ୟମରେ ଏହାକୁ ଚିହ୍ନଟ କରାଯାଇଥିଲା। କଏଦ କରାଯାଇଥିବା ଥର୍ମାଲ୍ ସିଗନେଚର୍ ମାଧ୍ୟମରେ ନିଶ୍ଚିତ କରାଯାଇଥିଲା। ପ୍ରଭାବ ଆକଳନ ପରେ ଟ୍ରାକିଂ ଗ୍ରୀଡରୁ ପାକିସ୍ତାନୀ ବିମାନ ଅଦୃଶ୍ୟ ହୋଇଯାଇଥିଲା।



# ଅବସର ପରେ ନିର୍ବାଚନ ରାଜନୀତିରୁ ଦୂରେଇ ରୁହନ୍ତୁ ବିଚାରପତି: ସିଜେଆଇ

### କଲେଜିୟମ ସପକ୍ଷରେ ପ୍ରଧାନ ବିଚାରପତିଙ୍କ ଦୃଢ଼ ଯୁକ୍ତି


### ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ କରିହେବନି

ଲଣ୍ଡନ, ୪।୬ (ଏଜେନ୍ସି): ଅବସର ପରେ ବିଚାରପତିଙ୍କ ନିର୍ବାଚନ ଲଢ଼ିବା ଉପରେ ପ୍ରଶ୍ନ ଉଠାଇଛନ୍ତି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ। ।ସେ କହିଛନ୍ତି ଯେ ବିଚାରପତିମାନେ ସରକାରୀ ପଦ ପଦବୀରେ ରହିବା କିମ୍ବା ଅବସର ପରେ ନିର୍ବାଚନ ଲଢ଼ିବା ଏକ ଗମ୍ଭୀର ଓ ନୈତିକ ଚିନ୍ତାର ବିଷୟ। ଏହା ଜନସାଧାରଣଙ୍କୁ ଭୁଲ୍ ବାର୍ତ୍ତା ଦେଇପାରେ। ଭବିଷ୍ୟତର ଲାଭ ଆଶାରେ ଏଭଳି ବିଚାରପତି ଭୁଲ ରାୟ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଚାରପତିମାନେ ଅବସର ପରେ ନିର୍ବାଚନ ରାଜନୀତିରେ ସାମିଲ ହେବା ଠିକ୍ ନୁହେଁ।

ନ୍ୟାୟପାଳିକାର ସ୍ୱାଧୀନତାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ବଡ଼ ମନ୍ତବ୍ୟ ଦେଇଛନ୍ତି। କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିପାରିବେ, କିନ୍ତୁ କୌଣସି ବ୍ୟବସ୍ଥାରେ ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ୨୦୧୫ରେ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଏନଜେଏସି) ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ। କାରଣ ଏହା ନ୍ୟାୟପାଳିକାର ସ୍ୱାଧୀନତାକୁ ଦୁର୍ବଳ କରୁଥିଲା। କେନ୍ଦ୍ର ସରକାର କଲେଜିୟମ୍ ବଦଳରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ। ସେ ବିଚାରପତିଙ୍କୁ ନେଇ ମଧ୍ୟ କଡ଼ା ଟିପ୍ପଣୀ ଦେଇଛନ୍ତି। ବାହ୍ୟ ଚାପରୁ ବିଚାରପତି ମୁକ୍ତ ରୁହନ୍ତୁ ବୋଲି ପରାମର୍ଶ ଦେଇଛନ୍ତି।

ଲଣ୍ଡନରେ ବ୍ରିଟେନ ସୁପ୍ରିମକୋର୍ଟ ପକ୍ଷରୁ ଆୟୋଜିତ ରାଉଣ୍ଡ-ଟେବୁଲ ବୈଠକରେ ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି। ଏହି ଚର୍ଚ୍ଚାରେ ଭାରତରୁ ଜଷ୍ଟିସ ବିକ୍ରମ ନାଥ ଏବଂ ବ୍ରିଟେନ ସୁପ୍ରିମକୋର୍ଟର ବିଚାରପତି ବେରୋନେସ କାର୍, ଜର୍ଜ ଲେଗେଟ ସାମିଲ ଥିଲେ।

ପ୍ରଧାନ ବିଚାରପତି କହିଛନ୍ତି ଯେ ୧୯୯୩ ପୂର୍ବରୁ ବିଚାରପତି ନିଯୁକ୍ତି ଉପରେ ସରକାର ଶେଷ ନିଷ୍ପତ୍ତି ନେଉଥିଲେ। ତେବେ ସରକାର ଦୁଇ ଥର ବରିଷ୍ଠ ବିଚାରପତିଙ୍କୁ ଅଣଦେଖା କରି ଅନ୍ୟମାନଙ୍କୁ ପ୍ରଧାନ ବିଚାରପତି ନିଯୁକ୍ତ କରିଥିଲେ। ୧୯୬୪ରେ ଜଷ୍ଟିସ୍ ସୟଦ ଜାଫର ଇମାମଙ୍କୁ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ମୁଖ୍ୟ ବିଚାରପତି କରାଯାଇ ନ ଥିଲା। ତାଙ୍କ ସ୍ଥାନରେ ପିବି ଗଜେନ୍ଦ୍ର ଗଡକରଙ୍କୁ ନିଯୁକ୍ତ କରାଯାଇଥିଲା। ସେହିପରି ୧୯୭୭ରେ ଜରୁରୀକାଳୀନ ସ୍ଥିତି ସମୟରେ ସରକାରଙ୍କ ବିରୋଧରେ ରାୟ ଦେଇଥିବା ଜଷ୍ଟିସ୍ ଏଚ୍.ଆର୍. ଖାନ୍ନାଙ୍କୁ ଅଣଦେଖା କରାଯାଇଥିଲା। ଜରୁରୀକାଳୀନ ସ୍ଥିତିରେ ବି ନାଗରିକଙ୍କ ମୌଳିକ ଅଧିକାର ଶେଷ ହୁଏ ନାହିଁ, କିନ୍ତୁ ଏହାକୁ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ନାପସନ୍ଦ କରିଥିଲେ। ଏହାପରେ ୧୯୯୩ ଏବଂ ୧୯୯୮ ରେ ବିଚାରପତି ନିଯୁକ୍ତି ସୁପାରିସ ପାଇଁ ପ୍ରଧାନ ବିଚାରପତି ଏବଂ ଚାରି ଜଣ ବରିଷ୍ଠ ବିଚାରପତି ମିଶି କଲେଜିୟମ୍ ଗଠନ କରିଥିଲେ।



## ଜାତିସଂଘ ସୁରକ୍ଷା ପରିଷଦର ବିଚିତ୍ର ନିଷ୍ପତ୍ତି

### ଆତଙ୍କ ରୋକୁଥିବା କମିଟିରେ 'ଆତଙ୍କୀ' ପାକିସ୍ତାନ

ନ୍ୟୁୟର୍କ, ୪।୬ (ଏଜେନ୍ସି): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଆତଙ୍କବାଦ ଏବଂ ଯୁଦ୍ଧ ରୋକିବାରେ ବିଫଳ ହୋଇଥିବା ଏହି ଅନ୍ତର୍ଜାତୀୟ ସଂସ୍ଥା ଏବେ ଆତଙ୍କ ରୋକିବା ପାଇଁ ଗଠିତ କମିଟିରେ ଆତଙ୍କବାଦକୁ ସମର୍ଥନ, ପ୍ରୋତ୍ସାହନ ଏବଂ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଉପାଧ୍ୟକ୍ଷ ନିଯୁକ୍ତ କରିଛି। ଏଭଳି ଘଟଣା ସମସ୍ତଙ୍କୁ ବିଚଳିତ କରିଦେଇଛି। ଖାଲି ସେତିକି ନୁହେଁ, ପାକିସ୍ତାନକୁ ତାଲିବାନ କଟକଣା କମିଟି ତଥା ୧୯୮୮ କମିଟିର ଅଧ୍ୟକ୍ଷ ମଧ୍ୟ ନିଯୁକ୍ତ କରାଯାଇଛି। ଗୁଏନା ଏବଂ ରୁଷ୍ ଏହି କମିଟିର ଅଧ୍ୟକ୍ଷ ରହିଛି। ଏହି କମିଟି ଆଫଗାନିସ୍ତାନର ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ପାଇଁ ବିପଦ ବୋଲି ବିବେଚିତ ବ୍ୟକ୍ତି, ଗୋଷ୍ଠୀ ଏବଂ ସଂସ୍ଥାଗୁଡ଼ିକର ଆର୍ଥିକ ସମ୍ପତ୍ତି ଫ୍ରିଜ୍ କରିଥାଏ। ଯାତ୍ରା ଏବଂ ଅସ୍ତ୍ରଶସ୍ତ୍ର କଟକଣା ଭଳି ନିଷ୍ପତ୍ତି ନେଇଥାଏ। ଦୁଃଖର ବିଷୟ ଏହି କି ଯେ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର ଜୋରଦାର ସଂଘର୍ଷ ଚାଲିଛି। ଦୁଇ ଦେଶ ହେଲମନ୍ଦ ପ୍ରଦେଶର ସୀମାରେ ମୁହାଁମୁହିଁ ହୋଇଛନ୍ତି। ତାଲିବାନର ଆକ୍ରମଣରେ ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାବେଳେ ୟୁଏନ୍‌ଏସ୍‌ସି ଏପରି ପଦକ୍ଷେପ ନେଇଛି।

ସୂଚନା ଅନୁଯାୟୀ ପାକିସ୍ତାନ ଏବେ ତାଲିବାନ କଟକଣା କମିଟି ସହ ଜଡିତ ବୈଠକର ଅଧ୍ୟକ୍ଷତା କରି ସଦସ୍ୟ ମାନଙ୍କ ସହମତି ଭିତିରେ ବିଭିନ୍ନ ପଦକ୍ଷେପ ନେବାକୁ ସୁପାରିସ କରିବ। ପୂର୍ବରୁ ଏହି କମିଟି ଆଇଏସଆଇଏଲ ଏବଂ ଅଲ-କାଏଦା ସହ ଜଡିତ ଆତଙ୍କବାଦୀଙ୍କ ଉପରେ ନଜର ରଖିଥିଲା। ପରେ ୨୦୧୧ରେ ୧୯୮୮ର ପ୍ରସ୍ତାବ ଅନୁଯାୟୀ ଏହାକୁ ପୃଥକ ଭାବରେ ପୁନର୍ଗଠିତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଯଦି ପାକିସ୍ତାନ ତାଲିବାନ କଟକଣା କମିଟିର ନିର୍ଦ୍ଦେଶ ପାଇବା ପରେ ତାଲିବାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଏ ତେବେ ଏହା ସମ୍ପର୍କକୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ ପାକିସ୍ତାନକୁ ଆତଙ୍କବାଦ ବିରୋଧୀ କମିଟି-୧୯୭୩ (୧୩୭୩ କାଉଣ୍ଟର ଟେରୋରିଜମ୍ କମିଟି)ର ଉପାଧ୍ୟକ୍ଷ ମଧ୍ୟ କରାଯାଇଛି। ଆଲଜେରିଆକୁ ଆତଙ୍କବାଦ ବିରୋଧୀ କମିଟିର ଅଧ୍ୟକ୍ଷ କରାଯାଇଛି। ପାକିସ୍ତାନ ସହିତ ଫ୍ରାନ୍ସ ଏବଂ ରୁଷ୍ ମଧ୍ୟ କମିଟିର ଉପାଧ୍ୟକ୍ଷ ହୋଇଛି।

## ହନିମୁନ୍ ପାଇଁ ଯାଇଥିବା ଯୁବକଙ୍କୁ ହତ୍ୟା

ସିଲଂ, ୪।୬ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରରୁ ହନିମୁନ୍ ପାଇଁ ମେଘାଳୟ ଯାଇଥିବା ଇନ୍ଦୋରର ରାଜା ରଘୁବଂଶୀଙ୍କୁ ହତ୍ୟା କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜା ଏବଂ ତାଙ୍କ ପତ୍ନୀ ସୋନମ ୧୨ ଦିନ ତଳେ ମେଘାଳୟ ଯାଇଥିଲେ। ସୋମବାର ରାଜାଙ୍କ ମୃତଦେହ ସିଲଂର ଏକ ଖାଇରୁ ମିଳିଥିଲା। ମାତ୍ର ସୋନମ ଏବେ ବି ନିଖୋଜ ଅଛନ୍ତି। ମେଘାଳୟର ପୂର୍ବ ଖାସି ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ ଗଛ କାଟୁଥିବା ଅସ୍ତ୍ରରେ ବିବେକଙ୍କୁ ହତ୍ୟା କରାଯାଇଥିଲା। ଏହି ଅସ୍ତ୍ରକୁ ଜବତ କରାଯାଇଛି। ଖୁବଶୀଘ୍ର ମାମଲାର ପର୍ଦ୍ଦାଫାସ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଅପହରଣ ପରେ ହତ୍ୟା କରାଯାଇଥିବା ସେ ଆଶଙ୍କା କରିଛନ୍ତି। ମେଘାଳୟ ପୁଲିସ ମାମଲାକୁ ଚପାଇବାକୁ ଉଦ୍ୟମ କରୁଛି। ଏ ପର୍ଯ୍ୟନ୍ତ ରାଜାଙ୍କ ପର୍ସ, ବ୍ରେସଲେଟ, ଚେନ୍, ବ୍ୟାଗ, ମୁଦି ଏବଂ ପାୱାର ବ୍ୟାଙ୍କ ଜବତ ହୋଇନାହିଁ। ଏହା ମଧ୍ୟରେ ତାଙ୍କ ମୃତଦେହ ଘରେ ପହଞ୍ଚିଛି। ତେବେ ରାଜାଙ୍କ ପତ୍ନୀଙ୍କ ମୃତଦେହ ଏ ଯାଏଁ ମିଳିପାରି ନାହିଁ। ଅନ୍ୟପଟେ ଜିପିଏସ ଟ୍ରାକରରୁ ଜଣାପଡ଼ିଛି ଯେ ଦମ୍ପତି ଯେଉଁ ସ୍କୁଟି ବ୍ୟବହାର କରିଥିଲେ ତାହା ଗତ ୨୩ ତାରିଖରେ କିଛି ସମୟ ପର୍ଯ୍ୟନ୍ତ ଅଟକି ରହିଥିଲା। ଏହା ପୂର୍ବରୁ ରାଜାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ୱେଇସାଡୋଙ୍ଗ ଅଞ୍ଚଳରୁ ଭଙ୍ଗା ମୋବାଇଲ ଫୋନ ଜବତ କରାଯାଇଥିଲା। ଏହା ମଧ୍ୟରେ ସ୍ଥାନୀୟ ଲୋକେ ରାଜା ଓ ତାଙ୍କ ପତ୍ନୀଙ୍କ ଏକ ବଡ଼ ପୋଷ୍ଟର ତାଙ୍କ ଘରେ ଲଗାଇଛନ୍ତି। ଏଥିରେ 'ମୁଁ ମରିନି ମୋତେ ମାରିଦିଆଯାଇଛି' ବୋଲି ଲେଖାଯାଇଛି।

## ସିକିମ ଭୂସ୍ଖଳନରେ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ସମେତ ୫ ନିଖୋଜ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ଦୁଇ ସପ୍ତାହ ହେଲା ପ୍ରବଳ ବର୍ଷା ଜାରି ରହିଛି। ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଭାରତୀୟ ସେନା ମଙ୍ଗଳବାର ସିକିମର ଲାଚେନରୁ ବିମାନ ଯୋଗେ ବିଦେଶୀ ନାଗରିକଙ୍କ ସମେତ ୩୦ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ୮୩ ଜଣ ଏବେ ବି ଫସି ରହିଛନ୍ତି। ୬ଜଣ ନିଖୋଜ ଅଛନ୍ତି। ଏମାନଙ୍କୁ ଉଦ୍ଧାର କରିବାକୁ ତଲାସୀ ଅଭିଯାନ ଜାରି ରହିଛି। ଏବେ ମିଜୋରାମ ସରକାର ପର୍ଯ୍ୟଟକଙ୍କ ପାଇଁ ଏକ ମାର୍ଗଦର୍ଶିକା ଜାରି କରି ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟକୁ ନ ଆସିବାକୁ କୁହାଯାଇଛି। ଏହି ରାଜ୍ୟରେ ଗତ ୨୪ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ସେବେଠାରୁ ଜୁନ୍ ୩ ପର୍ଯ୍ୟନ୍ତ ମିଜୋରାମରେ ୬୨୬ଟି ଭୂସ୍ଖଳନ ଘଟଣା ସାମ୍ନାକୁ ଆସିଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଆସାମର ସେନା ଶିବିର ନିକଟରେ ହୋଇଥିବା ଭୂସ୍ଖଳନରେ ସେନା କର୍ଣ୍ଣେଲଙ୍କ ସମେତ ୬ ଜଣ ନିଖୋଜ ଅଛନ୍ତି। ବନ୍ୟା ଯୋଗୁଁ ଆଉ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ଭୂସ୍ଖଳନ-ବର୍ଷା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି। ରାଜ୍ୟର ୨୧ଟି ଜିଲ୍ଲାରେ ୬.୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ୭ଟି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଉତ୍ତରାଖଣ୍ଡ ଏବଂ ହିମାଚଳରେ ପ୍ରବଳ ବର୍ଷା ଏବଂ ତୁଷାରପାତ ଯୋଗୁଁ ପାହାଡ଼ଗୁଡ଼ିକରେ ଭୂସ୍ଖଳନର ଆଶଙ୍କା ବୃଦ୍ଧି ପାଇଛି।

## ହୃଦୟବିଦାରକ












## ବେଙ୍ଗାଲୁରୁ ସ୍ତବ୍ଧ

ବେଙ୍ଗାଲୁରୁ, ୪।୬: ଦୀର୍ଘ ୧୮ ବର୍ଷ ପରେ ପ୍ରଥମ ଆଇପିଏଲ୍ ଟାଇଟଲ ଜିତିଥିବାରୁ ଆରସିବି ବେଙ୍ଗାଲୁରୁ ଦଳ ପାଇଁ ବିଜୟ ଉତ୍ସବ ଆଜି ଶୋକାକୁଳ ପରିବେଶରେ ପରିଣତ ହୋଇଛି। ବିଜୟ ପାଳନ ପାଇଁ ଯେଉଁ ଷ୍ଟାଡିୟମରେ ଉତ୍ସବର ଆୟୋଜନ କରାଯାଇଥିଲା, ସେଥିରେ ବସିବାର କ୍ଷମତା ମାତ୍ର ୩୩ ହଜାର ଥିବା ବେଳେ ଦୁଇରୁ ତିନି ଲକ୍ଷ ଲୋକ ଷ୍ଟାଡିୟମ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ କରିବାରୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଲା। ଏଥିରେ ୧୧ ଜଣଙ୍କ ପ୍ରାଣହାନି ନେଇ ସମସ୍ତେ ଉଦବେଗ ପ୍ରକାଶ କରୁଛନ୍ତି, କିନ୍ତୁ ଦୋଷ ମୁଣ୍ଡାଇବାକୁ କେହି ରାଜି ନୁହନ୍ତି। ଏହି ଆୟୋଜନ ପଛରେ ରାଜ୍ୟ ସରକାର, ବିସିସିଆଇ ଏବଂ କର୍ଣ୍ଣାଟକ କ୍ରିକେଟ ଆସୋସିଏସନର ଭୂମିକା ରହିଛି। କିନ୍ତୁ ଅଘଟଣ ପାଇଁ ଦୋଷ ସ୍ୱୀକାର କରିବାକୁ ଅମଙ୍ଗ। ବିରୋଧୀ ଦଳ ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ତେବେ ଦୋଷ ଯାହାର ଥାଉନା କାହିଁକି ଆଜିର ଏହି ଅଘଟଣ ସମଗ୍ର ବେଙ୍ଗାଲୁରୁବାସୀଙ୍କୁ ସ୍ତବ୍ଧ କରିଦେଇଛି। ସମଗ୍ର ସହରରେ ନିରବତା ଛାଇ ଯାଇଛି।

■ ଘରୁ ଟଙ୍କା ଜବତ ମାମଲା

## ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଦିଲ୍ଲୀ ସ୍ଥିତ ବାସଭବନରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ କେନ୍ଦ୍ରର ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଇସ୍ତଫା ଦେବାକୁ ମନା କରି ଦେଇଥିବା ଏହି ବିଚାରପତିଙ୍କ ବିରୋଧରେ ମୌସୁମୀ ଅଧିବେଶନରେ ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସରକାର ପ୍ରସ୍ତୁତି କରୁଛନ୍ତି ବୋଲି ସୂତ୍ରରୁ ସୂଚନା ମିଳିଛି। ଜଣେ କାର୍ଯ୍ୟରତ ବିଚାରପତିଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ବିରଳ। ଏହା ସାମ୍ବିଧାନିକ ବ୍ୟବସ୍ଥାର ସବୁଠାରୁ ସମ୍ବେଦନଶୀଳ ମାମଲା ମଧ୍ୟ। ଏ ସମ୍ବନ୍ଧରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସବୁ ଦଳଙ୍କ ସହ କଥାହେବେ। ବିଚାରପତିଙ୍କ ମହାଭିଯୋଗ ପାଇଁ ସବୁ ଦଳଙ୍କ ସହମତି ଲୋଡ଼ା। ଏହାକୁ ନେଇ ମଙ୍ଗଳବାର ମାରାଥନ ବୈଠକ ହୋଇଥିଲା। ଏ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା।

## ୧୧ ମାସରେ ଭୁଶୁଡ଼ିଗଲା ନେଦରଲାଣ୍ଡ ସରକାର

ହେଗ୍, ୪।୬(ଏଜେନ୍ସି): ମାତ୍ର ୧୧ ମାସ ମଧ୍ୟରେ ନେଦରଲାଣ୍ଡ ସରକାର ଭୁଶୁଡି ଯାଇଛି। ଦକ୍ଷିଣପନ୍ଥୀ ଦଳ ପିଭିଭି ମେଣ୍ଟରୁ ବାହାରିଯିବାକୁ ଘୋଷଣା କରିବା ପରେ ଏଭଳି ହୋଇଛି। ଦଳର ମୁଖ୍ୟ ଗିର୍ଟ ୱାଇଲ୍ଡର୍ସ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ମନ୍ତ୍ରୀ ସରକାରରୁ ଇସ୍ତଫା ଦେଇଛନ୍ତି। ୨୦୨୪ ଜୁଲାଇରେ ଏହି ମେଣ୍ଟ ସରକାର ଗଠନ ହୋଇଥିଲା। ୱାଇଲ୍ଡର୍ସ ନିଜେ ସରକାରରେ କୌଣସି ପଦବୀରେ ନ ଥିଲେ।



## ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ସ୍ୱପ୍ନା ଓ ରାକେଶ

ବଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ ନା ଲଗେ...'। ଏହାର ସୁଟିଂ ଭୁବନେଶ୍ୱର ଏବଂ ପୁରୀରେ ହୋଇଛି। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ସଙ୍ଗୀତ ଦେଇଛନ୍ତି ସୁଦୀପ ଜେନା। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାର ରେକର୍ଡ କରାଯାଇଛି। ସେହିପରି ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ବି ଦେଇଛନ୍ତି। ଦୃଶ୍ୟଗ୍ରହଣ କରିଛନ୍ତି ଅଜିତ ଦାସ। ତେବେ ଏକ ଜାତୀୟ ସ୍ତରର ମ୍ୟୁଜିକ ଭିଡିଓରେ ଓଡ଼ିଆ ଅଭିନେତା ଅଭିନେତ୍ରୀଙ୍କ ସମେତ ଓଡ଼ିଆ ଟେକ୍ନିସିଆନ୍ କାମ କରିବା ନିଶ୍ଚିତ ଭାବରେ ଗୌରବର ବିଷୟ। ■



## ନିର୍ଦ୍ଦେଶନାରେ ପାଦ ଦେଲେ ଦେବ

ଓଡ଼ିଶାର ପୁଅ କୁମାର ସି. ଦେବ ମହାପାତ୍ରଙ୍କ କର୍ମସ୍ଥଳ ସୁଦୂର ମୁମ୍ବାଇ ଓ ଚେନ୍ନାଇ। ସେ ଓଡ଼ିଆ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାଭାଷୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶତାଧିକ ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ତଥା କ୍ୟାମେରାମ୍ୟାନ୍ ଭାବେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ପରି ଇଚ୍ଛା ଥିଲା ନିର୍ଦ୍ଦେଶନା କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ିବା। ଏବେ ପ୍ରଥମ ଥର ପାଇଁ 'ଅନନ୍ତା' ନାମକ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏହାକୁ ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ, ସୂରଜ ମହନୋତ ଏବଂ ଅର୍ଚ୍ଚିତା ସାହୁ। ଏଥିରେ ଅନନ୍ତା ଭୂମିକାରେ ନାୟକ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି। ତେବେ ସହଯୋଗୀ ନିର୍ଦ୍ଦେଶକ ଭାବେ ପ୍ରଥମେ ହିନ୍ଦୀ ସିନେମା 'ଗୁରୁ' ମାଧ୍ୟମରେ ଏଣ୍ଟ୍ରି କଲେ। ପରେ 'କଭି ଖୁସି କଭି ଗମ୍', 'ପୁଷ୍ପା ୧', 'ପୁଷ୍ପା ୨', 'ପଠାନ', ଆଦି ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ କଲେ। କୁମାର 'ରାବଣ' ଫିଲ୍ମରେ ମଧ୍ୟ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ତା'ପରେ ସେ ଗୋଟିଏ ପରେ ଗୋଟିଏ ଉଭୟ ହିନ୍ଦୀ ଏବଂ ତେଲଗୁ ସିନେମା କରି ଚାଲିଲେ। ୨୦୧୩ ରେ 'ଦିଲ୍ଲୀ ଇନ୍ ଏ ଡେ' ନାମକ ଏକ ଇଂରାଜୀ ଚଳଚ୍ଚିତ୍ରର ପ୍ରଯୋଜନା ମଧ୍ୟ କରିଥିଲେ। ପୂର୍ବରୁ କୁମାର ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ସହିତ 'ଶଳାବୁଢ଼ା', 'ଆଦିମ ବିଚାର', 'ପାହାଡ଼ର ଲୁହ' ଇତ୍ୟାଦି ଚଳଚ୍ଚିତ୍ରରେ ବାପାଙ୍କ ସହଯୋଗୀ ନିର୍ଦ୍ଦେଶକ ତଥା ଏଡିଟର୍ ଭାବେ କାମ କରିଛନ୍ତି। 'ଶଳାବୁଢ଼ା ବଦଲା'ର ପ୍ରଯୋଜନା ଭାର ସମ୍ଭାଳିଥିଲେ କୁମାର ଏବଂ ଏ ଲାଗି ପ୍ରଯୋଜକ ଭାବରେ ଜାତୀୟ ପୁରସ୍କାର ପାଇଥିଲେ। ■

## ଦର୍ଶକଙ୍କୁ ଆକର୍ଷିତ କରୁଛି ଗାଳା ରାଉଣ୍ଡ



ଜୀ ସାର୍ଥକରେ ଏବେ ପ୍ରସାରିତ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ରିୟାଲିଟି ଶୋ' 'ରଜ କୁଇନ୍ ୨୦୨୫'। ଅନେକ ଆଶାୟୀ ପ୍ରାର୍ଥୀ ଏଥିରେ ଭାଗ ନେଇ ଅଡିସନ୍ ରାଉଣ୍ଡରୁ ଆଗକୁ ଆସି ଗାଲା ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ଚଳିତ ବର୍ଷ 'ରଜ କୁଇନ୍'ର ଗାଲା ରାଉଣ୍ଡରେ ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣଭାବେ ଏକ ଭିନ୍ନ ଓ ଆକର୍ଷଣୀୟ ପର୍ଯ୍ୟାୟ ମାଧ୍ୟମରେ ଆଗକୁ ବଢ଼ିବେ। ସବୁ ପର୍ଯ୍ୟାୟରେ ନିଜର ଚତୁରତା, ବୁଦ୍ଧିମତା ଓ କୌଶଳର ପରିଚୟ ଦେଖାଇ ପ୍ରତିଯୋଗୀମାନେ ଜଜ୍‌ମାନଙ୍କୁ ଆକର୍ଷିତ କରିବା ସହ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବେ। ପ୍ରତିଯୋଗୀମାନେ ଏକ ଐତିହ୍ୟ ଯାତ୍ରାରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ପରିଦର୍ଶନ କରିବା ସହ ନିଜର ସାହସିକ କୌଶଳ ମାଧ୍ୟମରେ ଓ ପଥପ୍ରାନ୍ତ ନାଟକ ଦ୍ୱାରା ଆଗ ପର୍ଯ୍ୟାୟକୁ ବଢ଼ିବେ। ଚଳିତବର୍ଷ ଏହି ସିଜନ୍‌ରେ ମେଣ୍ଟର୍ ଭାବରେ ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୂର୍ଯ୍ୟମୟୀ, ଅନୀଷା ଓ ଅନୁଭା ନିଜର ଟିମ୍ ମନୋନୀତ କରିଛନ୍ତି। ସେହିପରି ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିଛନ୍ତି ଲିପି ମହାପାତ୍ର, ଶ୍ରୀତମ ଦାସ ଓ ଦେବାଶିଷ ପାତ୍ର। ■


## ଜୁନ୍ ୬ରେ 'ଫାଷ୍ଟ ଲଭ୍'



ଜୀ ସାର୍ଥକ ବ୍ୟାନର୍‌ରେ ନିର୍ମିତ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ୬ ଜୁନ୍‌ରେ ରଜ ଉପଲକ୍ଷେ ମୁକ୍ତିଲାଭ କରିବ। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜ ରୟାଲ୍ ସିନେ ଲ୍ୟାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ବଲିଉଡ ଓ ଓଲିଉଡ଼ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ୍ ସାଗର, ଅସୀମ ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ସିନେମାର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖାଯାଇ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯାହା ଦର୍ଶକଙ୍କ ମନକୁ ଛୁଇଁବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

## ଗୋଟିଏ ବିଲ୍ଡିଂରେ ଫିଲ୍ମ ସୁଟିଂ



ବଲିଉଡ୍‌ରେ କମ୍ ବଜେଟ୍‌ରେ ତିଆରି ହୋଇଥିବା ଅନେକ ଫିଲ୍ମ ରହିଛି। ତେବେ କମ୍ ବଜେଟ୍ ସତ୍ତ୍ୱେ ଏଭଳି ଫିଲ୍ମ ସୁପରହିଟ୍ ହୋଇଛି। ସେମିତି ଏକ ଫିଲ୍ମ ହେଉଛି 'ଟ୍ରାପ୍‌ଡ'। ବିକ୍ରମାଦିତ୍ୟ ମୋଟ୍‌ୱାନେ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଲୋକେ ଏବେ ବି ଝୁରୁଛନ୍ତି। ରାଜକୁମାର ରାଓଙ୍କ ଅଭିନୀତ ଏହି ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା। ୨୦ ଦିନରେ ନିର୍ମିତ ଏହି ଫିଲ୍ମର ସଫଳତା ସମସ୍ତଙ୍କୁ ଚକିତ କରିଥିଲା। ଏଥିରେ ରାଜ କୁମାରଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଫିଲ୍ମଟି ସର୍‌ଭାଇଭର୍ ଡ୍ରାମା (ବଞ୍ଚିବା ପାଇଁ ସଂଘର୍ଷ) ଉପରେ ଆଧାରିତ। ଅର୍ଥାତ୍ ଜଣେ ବ୍ୟକ୍ତି ବଞ୍ଚିବା ପାଇଁ ଗୋଟିଏ ଖାଲି ଆପାର୍ଟମେଣ୍ଟରେ କିପରି ସଂଘର୍ଷ କରୁଛନ୍ତି ତାହା ଏଥିରେ ଦର୍ଶାଯାଇଛି। ଏହା ଏକ ସାଧାରଣ ଫିଲ୍ମ ଥିଲା। କିନ୍ତୁ ଏଥିରେ ଏମିତି କିଛି ଦୃଶ୍ୟ ଥିଲା, ଯାହା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ମୁମ୍ବାଇର ଏକ ଖାଲି ଆପାର୍ଟମେଣ୍ଟରେ 'ଟ୍ରାପ୍‌ଡ'ର ସୁଟିଂ କରାଯାଇଥିଲା। ଯାହାକୁ ରାଜ କୁମାର ଭଡ଼ାରେ ନେଇଥିଲେ। ଏହି ଗୋଟିଏ ଆପାର୍ଟମେଣ୍ଟରେ ହିଁ ସମ୍ପୂର୍ଣ୍ଣ ଫିଲ୍ମର କାହାଣୀ ସୁଟିଂ ହୋଇଛି। ଫିଲ୍ମର ପ୍ରତିଟି ଦୃଶ୍ୟ ଛାତି ଥରାଇବା ପରି ଥିଲା। ଆଜି ମଧ୍ୟ ଲୋକେ ଏହାକୁ ପ୍ରଥମ ଫିଲ୍ମ ଭଳି ଉତ୍ସାହର ସହ ଦେଖିଥାନ୍ତି। ପାଞ୍ଚ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ସମଗ୍ର ବିଶ୍ୱରେ ୩୦ କୋଟି ଆୟ କରିଥିଲା। 'ଟ୍ରାପ୍‌ଡ' ଫିଲ୍ମ ବଜେଟଠାରୁ ଛଅ ଗୁଣା ଅଧିକ ଆୟ କରିଥିଲା। ଏହି ଫିଲ୍ମକୁ ସିନେ ଦର୍ଶକେ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ରାଜ କୁମାରଙ୍କ ଅଭିନୟକୁ ଲୋକେ ଖୁବ୍ ପ୍ରଶଂସା କରିଥିଲେ। ■

## "ବିଫଳତା ହିଁ ସଫଳତାର ମାପକାଠି"

**ଅସୀମା ପତି, ଅଭିନେତ୍ରୀ**

ବିଫଳତା ହିଁ ତାଙ୍କୁ ସଫଳତାର ସ୍ୱାଦ ଚଖାଇଥିଲା। ବିଫଳତାରେ ସେ ଧୈର୍ଯ୍ୟହରା ହୋଇନଥିଲେ, ବରଂ ସଫଳ ହେବାକୁ ପ୍ରୟାସ ଜାରି ରଖିଥିଲେ। ଆଉ ଶେଷରେ ଅଭିନୟରେ ସଫଳତା ଲାଭ କରିଥିଲେ କଟକର ଅସୀମା ପତି। କୌଣସି ଅଭିଜ୍ଞତା ନ ଥାଇ ସେ ଧାରାବାହିକ 'ତୋ ପାଇଁ ମୁଁ ମୋ ପାଇଁ ତୁ'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଏହା ପରେ 'ତାରିଣୀ ଆଖିର ତାରା' ଧାରବାହିକରେ 'ତାରା' ଚରିତ୍ର ଜରିଆରେ ସେ ଘରେ ଘରେ ହେଲେ ପରିଚିତ। ଦର୍ଶକଙ୍କୁ ଏକାଧିକ ହିଟ୍ ମ୍ୟୁଜକ୍ ଭିଡ଼ିଓ ଭେଟି ଦେଇଛନ୍ତି ଏହି ଅଭିନେତ୍ରୀ ଜଣକ। ଜଣେ ୟୁଟ୍ୟୁବର୍ ଭାବେ ତାଙ୍କର ବେଶ୍ ନାଁ ରହିଛି। ତେବେ ଧାରାବାହିକରୁ ତାଙ୍କ ଅଭିନୟ ଯାତ୍ରା କିପରି ଆରମ୍ଭ ହେଲା, ଜାଣିବା ତାଙ୍କ ମୁହଁରୁ...



**ଅଭିନୟ ପ୍ରତି କେବେଠୁ ଆଗ୍ରହ ବଢ଼ିଲା?**

- ମୋ ଜେଜେମା କିରଣବାଳା ପତି ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ଅନେକ ଥିଏଟରରେ ନାଟକ କରିଛନ୍ତି। ମୁଁ ଭାବେ ତାଙ୍କ କଳାଟା ମୋ ପାଖକୁ ଆସିଛି। ତେଣୁ ପିଲାଟି ଦିନରୁ ମୁଁ ଅଭିନେତ୍ରୀ ହେବି ବୋଲି ଭାବି ନେଇଥିଲି। ମୋ ଜେଜେମା ସବୁବେଳେ ମୋତେ ସମର୍ଥନ କରୁଥିଲେ। ଘରଲୋକଙ୍କ ସହଯୋଗରେ ରଜ କୁଇନ୍ -୧୯ ରେ ଟପ୍ ୮ ରେ ଥିଲି। ଏହା ପରେ ଦୁଇଥର ରଜ କୁଇନ୍ ମେଗା ଅଡିସନ୍‌ରେ ହାରିଯିବା ପରେ ମ୍ୟୁଜିକ୍ ଭିଡିଓରେ କାମ ଆରମ୍ଭ କରିଥିଲି। 'ତୋ ପାଇଁ ମୁଁ ମୋ ପାଇଁ ତୁ' ମୋର ପ୍ରଥମ ଧାରାବାହିକ। ଏହି ଧାରାବାହିକ ସୁଟିଂ କରିବାର ୧୫ ଦିନ ପରେ 'ତରଙ୍ଗ'ରୁ 'ତାରିଣୀ ଆଖିର ତାରା'ରେ ଲିଡ୍ ରୋଲ୍ ମିଳିଥିଲା। ଏଥିରେ 'ତାରା' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହି ଶୋ ସାଢ଼େ ତିନିବର୍ଷ ଚାଲିଥିଲା। 'ତାରିଣୀ ଆଖିର ତାରା' ପାର୍ଟ ଟୁ 'ତୁ ମୋ ଆଖିର ତାରା' ହୋଇଥିଲା। ମୋର ୨୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓ ମଧ୍ୟରୁ 'ମୋ ଧନ ଭାଙ୍ଗିଦେଇ ଗଲା ମୋରି ମନ' ଏବଂ 'ଏ ମେଘ ଏ ମେଘ' ଦୁଇଟି ମ୍ୟୁଜିକ୍ ଭିଡ଼ିଓ ଅଧିକ ଲୋକପ୍ରିୟ ହୋଇଛି। 'ଚୋରି ଚୋରି ବୋହୂ ଚୋରି' ଫିଲ୍ମରେ ବି ଲିଡ୍ ରୋଲ କରିଛି।

**ପ୍ରଥମେ କ୍ୟାମେରା ସାମ୍ନା କରିବାକୁ ଡର ଲାଗିଥିଲା?**

- ଆଦୌ ଭୟ କରି ନ ଥିଲି। କାରଣ ଅଭିନୟ କରିବା ପୂର୍ବରୁ ମୋ ନିଜକୁ ମୁଁ ସେମିତି ଗଢ଼ି ଦେଇଥିଲି। ତେଣୁ କ୍ୟାମେରା ସାମ୍ନାରେ ମୋର ପ୍ରଥମ ଟେକ୍ ଓକେ ହୋଇଥିଲା।

**ଦୀର୍ଘ ସମୟ ଧରି ଡବଲ୍ ରୋଲ୍ କରିଲେ। ଏହା ଆପଣଙ୍କ ପାଇଁ କେତେ ଚ୍ୟାଲେଞ୍ଜେସ୍ ଥିଲା ?**

- ଡବଲ ରୋଲ୍ କରିବା ବହୁତ କଠିନ। ହେଲେ ମୁଁ ମୋ ଫ୍ୟାନ୍‌ଙ୍କ ଖୁସି ପାଇଁ ଏହି ଚ୍ୟାଲେଞ୍ଜ ପୂରା କରିପାରିଥିଲି।

**ସୁଟିଂ ସେଟ୍‌ର ଅଭୁଲା ଅନୁଭୂତି?**

- ଥରେ ସୁଟିଂ ପାଇଁ ମୋ ଆଖି, ନାକ ଆଉ ପାଟିକୁ ଛାଡ଼ି ପୂରା ଶରୀରକୁ ମାଟିରେ ପୋତି ଦିଆଯାଇଥିଲା। କାଳେ ମୋର କିଛି ହୋଇଯିବ ଭାବି ଭୟ କରିଦେଇଥିଲି।

**ଅଭିୟନକୁ ବାଦ୍ ଦେଲେ କ'ଣ କରନ୍ତି?**

- ରୋଷେଇ, ନୃତ୍ୟରେ ମୋର ରୁଚି ରହିଛି। ମୋର ୟୁଟ୍ୟୁବ୍ ଚ୍ୟାନେଲ ରହିଛି। ମୋ ଜେଜେମାଙ୍କ ସହ ମିଶି ଅନେକ ଗୁଡ଼ିଏ ମଜାଳିଆ ଭିଡ଼ିଓ କରେ। ମା' ମୋତେ ଓଡ଼ିଶୀ ଷ୍ଟେପ୍‌ସ ଶିଖାନ୍ତି।

**ଭଲ ଅଭିନୟ ପାଇଁ କ'ଣ କରନ୍ତି?**

- ବିଫଳତା ହିଁ ସଫଳତାର ଚାବି କାଠି। ଏହି ବିଶ୍ୱାସ ରଖି ମୁଁ କାମକୁ ଯାଏ। ବାକି ଭଗବାନଙ୍କ ଉପରେ ଛାଡ଼ିଦିଏ। ହାର୍‌କୁ ନକାରାତ୍ମକ ଭାବେ ଗ୍ରହଣ ନ କରି ଦ୍ୱିତୀୟ ଥର କିପରି ସଫଳ ହେବି ତାହାକୁ ଗୁରୁତ୍ୱ ଦେଇଥାଏ। ଏ ଲାଇନ୍‌କୁ ଆସିବା ପୂର୍ବରୁ ଘରେ ଦର୍ପଣ ଆଗେ ଅଭ୍ୟାସ ଜାରି ରଖୁଥିଲି। କିଛି ନା କିଛି ସଂଳାପ କହୁଥାଏ। ଏଥିପାଇଁ ଘରେ ବହୁତ ଗାଳି ବି ଖାଇଛି।

**ଆଗାମୀ ଯୋଜନା?**

- ଏବେ ନିଜକୁ କିଛି ସମୟ ଦେଉଥିବାରୁ ଦୁଇଟି ପ୍ରୋଜେକ୍ଟକୁ ଛାଡ଼ି ଦେଇଛି। କିଛି ସମୟ ବିରତି ପରେ ମୁଁ ପୁଣି କମ୍‌ବ୍ୟାକ୍ କରିବି। ■




## ■ ଚହଲଙ୍କୁ ନେଇ ଚର୍ଚ୍ଚା

ଅହମ୍ମଦାବାଦ, ୪।୬ (ଏଜେନ୍ସି): ପଞ୍ଜାବ କିଙ୍ଗସ ୧୧ ବର୍ଷ ପରେ ଦ୍ୱିତୀୟଥର ଆଇପିଏଲ୍ ଫାଇନାଲ ଖେଳିଥିଲେ ମଧ୍ୟ ଦଳକୁ ପୁଣିଥରେ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ପଞ୍ଜାବର ପରାଜୟ ପରେ ସାମାଜିକ ଗଣମାଧ୍ୟମରେ ଦଳର ଜଣେ ଖେଳାଳିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେ ହେଉଛନ୍ତି ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ। ସାମାଜିକ ଗଣମାଧ୍ୟମରେ ଅନେକ ୟୁଜର୍ସ ଚହଲଙ୍କୁ 'ପନୌତି' ଆଖ୍ୟା ଦେଇଛନ୍ତି। ଚହଲଙ୍କୁ 'ପନୌତି' ଆଖ୍ୟା ଦେବା ପଛର କାରଣ ମଧ୍ୟ ୟୁଜର୍ସମାନେ ଉଲ୍ଲେଖ କରିଛନ୍ତି। ଚହଲ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଯେଉଁ ଦଳ ପାଇଁ ଫାଇନାଲ ମ୍ୟାଚ୍ ଖେଳିଛନ୍ତି ସେହି ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଚଳିତ ସଂସ୍କରଣ ପୂର୍ବରୁ ଚହଲ ୨୦୨୨ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଫାଇନାଲ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ନିକଟରୁ ହାରି ରାଜସ୍ଥାନ ଉପବିଜେତା ରହିଥିଲା। ସେହିଭଳି ୨୦୧୬ରେ ଚହଲ ବେଙ୍ଗାଲୁରୁ ପାଇଁ ଖେଳୁଥିବାବେଳେ ଦଳ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଫାଇନାଲରେ ସନରାଇଜର୍ସ ହାଇଦରାବାଦ ନିକଟରୁ ବେଙ୍ଗାଲୁରୁ ହାରିଯାଇଥିଲା। ତିନୋଟି ଯାକ ଫାଇନାଲରେ ଚହଲ ଚୂଡ଼ାନ୍ତ ଏକାଦଶରେ ରହିଥିଲେ ମଧ୍ୟ ତାଙ୍କ ଦଳ ପରାସ୍ତ ହୋଇଥିଲା। ତେବେ ୨୦୧୩ ସିଜନରେ ଚହଲ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିବାବେଳେ ଦଳ ଫାଇନାଲକୁ ଯାଇଥିଲା। ସେହି ସଂସ୍କରଣରେ ମୁମ୍ବାଇ ଚାମ୍ପିଅନ ହୋଇଥିବାବେଳେ ଚହଲ ଫାଇନାଲରେ ଖେଳିବାର ସୁଯୋଗ ପାଇ ନ ଥିଲେ। ଗତକାଲି ଫାଇନାଲରେ ସେ ବେଙ୍ଗାଲୁରୁ ବିପକ୍ଷରେ ୪ ଓଭରରେ ୩୭ ରନ ବ୍ୟୟ କରି ମାତ୍ର ଗୋଟିଏ ୱିକେଟ୍ ପାଇଥିଲେ।

## ■ ବିରଳ କ୍ଲବରେ କ୍ରୁନାଲ



ଅହମ୍ମଦାବାଦ, ୪।୬ (ଏଜେନ୍ସି): ଆଇପିଏଲ୍-୧୮ ଫାଇନାଲ ମ୍ୟାଚରେ କ୍ରୁନାଲ ପାଣ୍ଡ୍ୟା ଦମ୍‌ଦାର ପ୍ରଦର୍ଶନ କରି ବେଙ୍ଗାଲୁରୁକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୧୭ ରନ ବ୍ୟୟ କରି ପ୍ରଭସିମରନ ସିଂହ ଓ ଜୋଶ୍ ଇଂଲିଶଙ୍କ ମୂଲ୍ୟବାନ ୱିକେଟ୍ ନେଇଥିଲେ। ଏଥିସହ ବ୍ୟାଟିଂରେ ୪ ରନ କରିବା ସହ ଫିଲ୍ଡିଂରେ ନେହାଲ ୱାଧେରାଙ୍କ କ୍ୟାଚ୍ ମଧ୍ୟ ଧରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସେ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ କ୍ରୁନାଲ ଦୁଇଥର ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିଅନ ହୋଇଥିବାବେଳେ ପାଣ୍ଡ୍ୟା ୩୮ ବଲରୁ ୪୭ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।







## ଷ୍ଟାଡିୟମ୍ ବାହାରେ ଦଳାଚକଟା

# ଶୋକରେ ବୁଡ଼ିଲା ବିଜୟ ଉତ୍ସବ

ବେଙ୍ଗାଲୁରୁ, ୪।୬ (ଏଜେନ୍ସି):

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ଟ୍ରଫି ଜିତିବା ସ୍ୱପ୍ନ ସାକାର ହୋଇଛି। ମଙ୍ଗଳବାର ରାତିରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇପିଏଲ୍-୧୮ ଫାଇନାଲରେ ଆର୍‌ସିବି ୬ ରନରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏଥିସହ ଆଇପିଏଲ୍ ଆରମ୍ଭରୁ ଦୀର୍ଘ ୧୮ ବର୍ଷ ହେବ ଦଳ ପାଇଁ ପ୍ରତିନିଧିତ୍ୱ କରିଆସୁଥିବା ତାରକା ଖେଳାଳି ବିରାଟ କୋହଲିଙ୍କ ମଧ୍ୟ ଆଇପିଏଲ୍ ଟ୍ରଫି ଜିତିବା ଆଶା ପୂରଣ ହୋଇଛି। ଏହି ଐତିହାସିକ ସଫଳତା ପରେ ବୁଧବାର ଆର୍‌ସିବି ଆଇପିଏଲ୍ ଟ୍ରଫି ସହ ବେଙ୍ଗାଲୁରୁ ଫେରିଥିଲା। ପ୍ରଥମଥର ଆଇପିଏଲ୍‌ରେ ଚାମ୍ପିଅନ ହୋଇଥିବାରୁ କର୍ଣ୍ଣାଟକ କ୍ରିକେଟ୍ ସଂଘ ପକ୍ଷରୁ ଦଳ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଉତ୍ସବ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। ତେବେ ଷ୍ଟାଡିୟମ ବାହାରେ ଆର୍‌ସିବି ପ୍ରଶଂସକଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଲକ୍ଷ ଲକ୍ଷ ଆର୍‌ସିବି ପ୍ରଶଂସକ ତାଙ୍କ ପ୍ରିୟ କ୍ରିକେଟର୍ କୋହଲିଙ୍କୁ ଦେଖିବା ଲାଗି ଉତ୍କଣ୍ଠା ସହ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ଅପରାହ୍ଣରେ ଖେଳାଳିମାନେ ପହଞ୍ଚିବା ସମୟରେ ହଠାତ୍ ଭିଡ଼ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଫଳରେ ଷ୍ଟାଡିୟମ ବାହାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୧ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ଅଘଟଣ ଯୋଗୁ ଶେଷରେ ମହା ଆଡ଼ମ୍ବରରେ ଆୟୋଜିତ ହେବାକୁ ଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏପରିକି ଏହି ସମାରୋହର ସମୟସୀମା ଅବଧିକୁ କମାଇ ମାତ୍ର ୧୫ ମିନିଟ୍ ମଧ୍ୟରେ ସମାପ୍ତ କରାଯାଇଥିଲା।

### 'ମହୀଶୂର ପେଟା' ପିନ୍ଧାଇ ସ୍ୱାଗତ

ବୁଧବାର ଆର୍‌ସିବି ଦଳ ଅପରାହ୍ଣରେ ଅହମ୍ମଦାବାଦରୁ ବେଙ୍ଗାଲୁରୁ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଖେଳାଳିଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହାପରେ ଖେଳାଳିମାନେ ବିମାନବନ୍ଦରରୁ ବିଧାନ ସୌଧ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରମେୟା ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ପ୍ରସିଦ୍ଧ 'ମହୀଶୂର ପେଟା' (ଏକ ସ୍ୱତନ୍ତ୍ର ସୌନ୍ଦର୍ଯ୍ୟପୂର୍ଣ୍ଣ ପଗଡ଼ି, ଯାହାକୁ ପୂର୍ବରୁ ମହୀଶୂର ରାଜାମାନେ ପିନ୍ଧୁଥିଲେ) ପିନ୍ଧାଇ ସ୍ୱାଗତ କରିଥିଲେ। ଖେଳାଳିମାନେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପହଞ୍ଚିବା ପରେ ଅଧିନାୟକ ରଜତ ପାଟିଦାର ପ୍ରଥମେ ଟ୍ରଫି ଧରି ବସରୁ ଓହ୍ଲାଇଥିଲେ। ଏହି ସମୟରେ ସେ ଉପସ୍ଥିତ ପ୍ରଶଂସକଙ୍କୁ 'ଆଇ ଲଭ ୟୁ' ବୋଲି ସମ୍ବୋଧିତ କରିଥିଲେ। ଏହାପରେ ରାଜ୍ୟ କ୍ରିକେଟ୍ ସଂଘ ଓ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରେ ଟ୍ରଫି ସହ ସମସ୍ତ ଖେଳାଳି ପଡ଼ିଆର ଚତୁଃପାର୍ଶ୍ୱ ବୁଲି ପ୍ରଶଂସକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମୟରେ ବିରାଟ କୋହଲି, ଅଧିନାୟକ ରଜତ ପାଟିଦାର, କ୍ରୁନାଲ ପାଣ୍ଡ୍ୟା ପ୍ରମୁଖ ଟ୍ରଫି ଧରି ଆଗରେ ରହିଥିଲେ। ତେବେ ଦଳାଚକଟା ଘଟଣାକୁ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହାକୁ ଦୁର୍ଭାଗ୍ୟପୂର୍ଣ୍ଣ କହିଛନ୍ତି। ପ୍ରଶଂସକ ସେମାନଙ୍କ ପ୍ରିୟ କ୍ରିକେଟର୍‌ଙ୍କୁ ନେଇ ପାଗଳ କିନ୍ତୁ ଏହି ଉତ୍ସବ ଲାଗି ସ୍ୱତନ୍ତ୍ର ପ୍ରସ୍ତୁତିର ଆବଶ୍ୟକତା ରହିଥିଲା ବୋଲି କହିଛନ୍ତି।



## ■ ସିଏମ୍ ଟ୍ରଫି

# ଭୁବନେଶ୍ୱର ଏଫ୍‌ସି ଜୋନ୍ ଚାମ୍ପିଅନ

ଭୁବନେଶ୍ୱର, ୪।୬ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଚିଫ୍ ମିନିଷ୍ଟର (ସିଏମ୍) ଟ୍ରଫିରେ ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଏଫ୍‌ସି ଚାମ୍ପିଅନ ହୋଇଛି। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ଏଫ୍‌ସି ୯-୧ ଗୋଲରେ କଟକ ଏଫ୍‌ସିକୁ ପରାସ୍ତ କରି ଏହି ସଫଳତା ପାଇଛି। ଶ୍ରୀଜାଲ କିସ୍କୁ ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚାମ୍ପିଅନ ଭୁବନେଶ୍ୱର ଏଫ୍‌ସି ଟ୍ରଫି ୫୦ ହଜାର ଟଙ୍କା ଏବଂ କଟକକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗୁରୁବାର ସେମିଫାଇନାଲରେ ଭୁବନେଶ୍ୱର ଏଫ୍‌ସି ବ୍ରହ୍ମପୁର ଜୋନ୍ ଚାମ୍ପିଅନ ନବରଙ୍ଗପୁର ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଭୁବନେଶ୍ୱର କ୍ୟାପିଟାଲ ଫୁଟ୍‌ବଲ ଏରେନାରେ ଅପରାହ୍ଣ ୪ଟା ୩୦ରେ ଖେଳାଯିବ। ଆଜି ଅତିଥି ଭାବେ ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ (ବିଏଏ) ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପୁରୀରେ ହେବ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍

ଭୁବନେଶ୍ୱର, ୪।୬ (ସମିସ): ଓଡ଼ିଶା ଭାରୋତ୍ତୋଳନ ସଂଘର କାର୍ଯ୍ୟକାରିଣି ବୈଠକ ସ୍ଥାନୀୟ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଭାରୋତ୍ତୋଳନ ସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼ ଏହି ସଭାରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ପୁରୀ ଜିଲ୍ଲାରେ ଆୟୋଜିତ ହେବ ବୋଲି ସର୍ବସମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିଭଳି କଟକରେ ଇଣ୍ଟର କ୍ଲବ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରୋତ୍ତୋଳିକା ରିମା ଭୋଇଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ରାଜ୍ୟ ସଂଘର ସଦସ୍ୟମାନେ ଟିପିସିଓଏଲ୍‌କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ସଂଘର ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକଙ୍କ ସହ ଅଲିମ୍ପିଆନ କେ. ରବିକୁମାର ଏହି ଅବସରରେ ଉପସ୍ଥିତ ରହିଥିଲେ।



## ଏକଦିବସୀୟ ସିରିଜ ପୋଛିଲା ଇଂଲଣ୍ଡ

ଲଣ୍ଡନ, ୪।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜକୁ ଘରୋଇ ଇଂଲଣ୍ଡ ୩-୦ରେ କ୍ଲିନସୁଇପ୍ କରିନେଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଇଂଲଣ୍ଡ ୭ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଇଂଲଣ୍ଡ ଯଥାକ୍ରମେ ୨୩୮ ରନ ଓ ୩ ୱିକେଟ୍‌ରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠୁ ଆରମ୍ଭ ହେବ। ତୃତୀୟ ଏକଦିବସୀୟ ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ବସ୍ ଟ୍ରାଫିକ ଜାମ୍‌ରେ ଫସିଯାଇଥିଲା। ଯେଉଁଥି ପାଇଁ ଖେଳାଳି ପହଞ୍ଚିବାରେ ବିଳମ୍ବ ହେବାରୁ ମ୍ୟାଚକୁ ୪୦ ଓଭରବିଶିଷ୍ଟ କରାଯାଇଥିଲା।

## ଜାତୀୟ ଟାଏକ୍ୱୋଣ୍ଡୋରେ ବ୍ରହ୍ମପୁରକୁ ୩୬ ପଦକ

ଭୁବନେଶ୍ୱର, ୪।୬ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଥିବା ୯ମ ଓପେନ୍ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍। ଏଥିରେ ୧୨ଟି ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ବ୍ରହ୍ମପୁର ଟାଏକ୍ୱୋଣ୍ଡୋ ସଂଘର ୩୭ ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୩୬ଟି ପଦକ ଜିତିଛନ୍ତି। ଯେଉଁଥିରେ ୨୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ସାକ୍ଷାତ୍ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସଂଘର ସମ୍ପାଦକ ସତ୍ୟ ନାରାୟଣ ତ୍ରିପାଠୀ ଉପସ୍ଥିତ ରହିଥିଲେ।

# ବଂଶିକାଙ୍କ ସହ କୁଳଦୀପଙ୍କ ନିର୍ବନ୍ଧ



ଲକ୍ଷ୍ନୌ ୪।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ କୁଳଦୀପ୍ ଯାଦବଙ୍କ ବୁଧବାର ଲକ୍ଷ୍ନୌରେ ଏକ ସମାରୋହରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ପିଲାଦିନର ବନ୍ଧୁ ତଥା କାନପୁର ନିବାସୀ ବଂଶିକାଙ୍କୁ ଜୀବନସାଥୀ ରୂପେ କୁଳଦୀପ ଚୟନ କରିଛନ୍ତି। ବଂଶିକା ବର୍ତ୍ତମାନ ଏଲ୍‌ଆଇସିର ଜଣେ ଅଧିକାରୀ। ଏହି ନିର୍ବନ୍ଧ ଉତ୍ସବରେ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ କୁଳଦୀପ୍‌ଙ୍କ ପରିବାର ଲୋକ ଉପସ୍ଥିତ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୪ ଡିସେମ୍ବର ୧୪ରେ କୁଳଦୀପ୍‌ଙ୍କ ଜନ୍ମ ଉତ୍ତରପ୍ରଦେଶର ଉନ୍ନାବ ଜିଲ୍ଲାରେ ହୋଇଥିଲା। ସେଠାରେ ସେ ୯ ବର୍ଷ ପର୍ଯ୍ୟନ୍ତ ରହିଥିଲେ। ଏହାପରେ ପାଠପଢ଼ା ଓ କ୍ରିକେଟ୍ ପ୍ରଶିକ୍ଷଣ ଲାଗି ସେ ପରିବାର ସହ କାନପୁର ଚାଲିଆସିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଳଦୀପ୍ ଭାରତ ପାଇଁ ୧୩ ଟେଷ୍ଟ, ୧୧୩ ଏକଦିବସୀୟ ଓ ୪୦ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୬, ୧୮୧ ଓ ୬୯ ୱିକେଟ୍ ନେଇଛନ୍ତି।

# ବିପର୍ଯ୍ୟୟ ଘଟାଇ ସେମିରେ ବୋଇସନ୍


ଲୋଇସ୍ ବୋଇସନ୍
କୋକୋ ଗଫ୍

### ଫ୍ରେଞ୍ଚ ଓପନ୍

ପ୍ୟାରିସ, ୪।୬ (ଏଜେନ୍ସି):

ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଘରୋଇ ଫ୍ରାନ୍ସର ଖେଳାଳି ଲୋଇସ୍ ବୋଇସନ୍ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବୋଇସନ ବିପର୍ଯ୍ୟୟ ଘଟାଇ ୭-୬ (୮/୬), ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରୁଷିଆର ମିରା ଆନ୍ଦ୍ରିଭାଙ୍କୁ ପରାସ୍ତ କରିଥିଲେ। ୨୨ ବର୍ଷୀୟା ବୋଇସନ୍ ଚଳିତ ଫ୍ରେଞ୍ଚ ଓପନ୍‌ରେ ପୂର୍ବରୁ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ମଧ୍ୟ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ସେମିଫାଇନାଲରେ ବୋଇସନ ୨୦୨୨ ଫାଇନାଲିଷ୍ଟ କୋକୋ ଗଫ୍‌ଙ୍କୁ ଭେଟିବେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଗଫ୍ ଅନ୍ୟ ଏକ କ୍ୱାର୍ଟରରେ ୬-୭, ୬-୪, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କିଜ୍‌ଙ୍କୁ ମାତ୍ ଦେଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ପୂର୍ବରୁ ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ବିଜୟୀ ହୋଇ ଅନ୍ତିମ-୪'କୁ ଉନ୍ନତି କରିଛନ୍ତି। ଦ୍ୱିତୀୟ ସିଡ୍ ଆଲ୍‌କାରାଜ ୬-୦, ୬-୧, ୬-୪ ସିଧାସଳଖ ସେଟ୍‌ରେ ୧୨ତମ ସିଡ୍ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ମୁସେଟ୍ଟି ୬-୨, ୪-୬, ୭-୫, ୬-୨ ସେଟ୍‌ରେ ଆମେରିକାର ଫ୍ରାନ୍ସିସ୍ ଟିଆଫୋଇଙ୍କୁ ହରାଇଥିଲେ।

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଆର୍ତ୍ତିକଙ୍କୁ ୭ ୱିକେଟ, ଅମ୍ରିତଙ୍କ ୧୬୫ ରନ

କଟକ,୪।୬(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚରେ ସୁନ୍ଦରଗଡ଼ ୨୬୯ ରନରେ ଗଜପତିକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୭ ୱିକେଟ ବିନିମୟରେ ୩୪୧ ରନ ସଂଗ୍ରହ କରିଥିଲା। ଆଦିତ୍ୟ ଆନନ୍ଦ ୬୦ ଏବଂ ତୋହିଦ ଅନସାରୀ ଅପରାଜିତ ୫୬ ରନ କରିଥିଲେ। ଜବାବରେ ଗଜପତି ମାତ୍ର ୭୨ ରନରେ ଅଲଆଉଟ ହୋଇଥିଲା। ବିଜୟୀ ସୁନ୍ଦରଗଡ଼ର ଆର୍ତ୍ତିକ ସାହୁ ୧୩ରନ ବିନିମୟରେ ୭ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ମାଲକାନଗିରି ୨୦୩ ରନରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅମ୍ରିତ ମଣ୍ଡଳଙ୍କ ୧୬୫ ରନ ସହାୟତାରେ ମାଲକାନଗିରି ସମସ୍ତ ୱିକେଟ ହରାଇ ୩୩୭ ରନ କରିଥିଲା। ଜବାବରେ ଜଗତସିଂହପୁରର ଇନିଂସ ୧୩୪ ରନରେ ସୀମିତ ରହିଥିଲା। ଶତକୀୟ ପାଳି ଖେଳିଥିବା ଅମ୍ରିତଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ୧୦୪ ରନରେ କୋରାପୁଟକୁ ପରାସ୍ତ କରିଛି। ୩୪ରନ ସଂଗ୍ରହ କରିବା ସହ ୩ ୱିକେଟ ଅକ୍ତିଆର କରିଥିବା ଅଭିଷେକ ସେନାପତି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।


ଅମ୍ରିତ ମଣ୍ଡଳ


ଆର୍ତ୍ତିକ ସାହୁ

ଡ୍ରିମସ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୭ ୱିକେଟରେ ଅନୁଗୋଳକୁ ହରାଇଥିଲା। ୧୩ରନ ବ୍ୟୟ କରି ୩ ୱିକେଟ ଦଖଲ କରିଥିବା ବିଜୟୀ ଦଳର କ୍ରୀଷ୍ଣା ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅଡ଼ଶପୁର ଗ୍ରାଉଣ୍ଡରେ ମୟୂରଭଞ୍ଜ ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ମୟୁରଭଞ୍ଜର ଲୋକନାଥ ପୃଷ୍ଟି ୫ରନ ବିନିମୟରେ ପାଞ୍ଚ ୱିକେଟ ସଫଳତା ପାଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବଲାଙ୍ଗୀର ୬୭ରନରେ ସମ୍ବଲପୁର-ଏକୁ ପରାସ୍ତ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS